

ଗପ୍ଟିଲ୍‌ଙ୍କ ବିସ୍ଫୋରକ ଶତକ

ପୃଷ୍ଠା ୬

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

# ସଂଚାର
## THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 195 | ଭାଗ ୩୨ | ସଂଖ୍ୟା ୧୯୫ | Bhubaneswar | Friday 04 October 2024 | Page 8 Rs. 4.00 | ଭୁବନେଶ୍ୱର | ଶୁକ୍ରବାର ୪ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ୩୪ ଦେଶର ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# ଶିଳ୍ପ ହବ୍ ହେବ ଓଡ଼ିଶା

**ନୂଆଦିଲ୍ଲୀ, ୩ ।୧୦(ଏଜେନ୍ସି):** ଓଡ଼ିଶାକୁ ଅଧିକ ପୁଞ୍ଜି ଆଣିବା ସହ ଆଗାମୀ ଦିନରେ ବିଦେଶୀ ପୁଞ୍ଜି ନିବେଶ ବଢ଼ାଇବା ଲକ୍ଷ୍ୟ



ନେଇ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସେଠାରେ ଆମ୍ବାସାଡର ମିଟ କରିଛନ୍ତି। ପ୍ରାୟ ୩୪ ଦେଶର ରାଷ୍ଟ୍ରଦୂତ ଏହି ବୈଠକରେ ଯୋଗ ଦେଇଥିଲେ। ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କମିଶନର, ହାଇକମିଶନର ଓ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି। ଓଡ଼ିଶାରେ ଶିଳ୍ପ ବାତାବରଣ ଓ ପୁଞ୍ଜିନିବେଶ ପାଇଁ ସମସ୍ତଙ୍କ ସହ ସକାରାତ୍ମକ

**୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ**

**ସେମିକଣ୍ଡକ୍ଟର, ଆଇଟି, ଗ୍ରୀନ ଏନର୍ଜି, ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ହେବ ଅଧିକ ନିବେଶ**

ଆଲୋଚନା ହୋଇଛି। ଏଥିରେ ଆନ୍ତର୍ଜାତିକ ସହଭାଗୀତା ଭିତ୍ତିରେ ଓଡ଼ିଶାରେ କିପରି ବିଦେଶୀ ପୁଞ୍ଜି ନିବେଶ ହୋଇ ପାରିବ, ସେ ବିଷୟରେ ଆଜି ଫଳପ୍ରଦ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି। ୨୦୨୫ ଜାନୁଆରୀରେ ପୃଷ୍ଠା-୬

# କାହିଁକି ରଘୁବରଙ୍କ ଉପରେ ଏତେ ରାଗ

- ବିଜେଡ଼ି ଦୁର୍ନୀତିର ମୁଖା ଖୋଲିଥିଲେ ରାଜ୍ୟପାଳ
- ରାଜଭବନକୁ ରାଜନୀତି ଭିତରକୁ ଟାଣିଲେ ନବୀନ
- ଘରକଳିରୁ ନଜର ହଟାଇବାକୁ ଉଦ୍ୟମ
- ଦୁଇ ପୂର୍ବତନଙ୍କ ମଧ୍ୟରେ ଲଢେଇ



**ଭୁବନେଶ୍ୱର, ୩ ।୧୦ (ସଂଚାର ବ୍ୟୁରୋ):** ରାଜ୍ୟପାଳ ରଘୁବର ଦାସଙ୍କୁ ଆଜି ନିଶାଣ କରିଛି ବିଜେଡି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟର ଦୁଇଜଣ ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓ ରାଜ୍ୟପାଳଙ୍କୁ ସମାଲୋଚନା କରିବା ସହିତ ରାଜଭବନକୁ ରାଜନୀତି ଭିତରକୁ ଟାଣିଛନ୍ତି । ତେବେ ବିଜେଡି ହଠାତ୍ ରାଜ୍ୟପାଳ ରଘୁବରଙ୍କ ପ୍ରତି ଏଭଳି ଆଚରଣ ପ୍ରଦର୍ଶନ କରିଥିବାବେଳେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରଘୁବରଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

ତେବେ ରାଜଭବନକୁ ରାଜନୀତି ଭିତରକୁ ଟାଣିବା ପଛରେ ବିଜେଡିର ରହିଛି ପୁରୁଣା ରାଗ। କାରଣ ରଘୁବର ଓଡ଼ିଶାକୁ ଆସିବା ପରେ ସାରା ରାଜ୍ୟ ଭ୍ରମଣ କରିବା ସହିତ ବିଜେଡି ସରକାରର ଦୋଷ ଦୁର୍ବଳତାକୁ ସର୍ବ ସମ୍ମୁଖରେ ଧରିଥିଲେ। ଅଫିସରଙ୍କୁ ଡାକି ତାଗିଦା କରିଥିଲେ । ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେଡିକୁ ଏହା ବେଶ୍ ଅଡୁଆରେ ପକାଇଥିଲେ ମଧ୍ୟ ବିଜେଡି ସେତେବେଳେ ନିରବ ରହିଥିଲା। କାରଣ ଦଳ ଭଲଭାବେ ଜାଣିଥିଲା ଜଣେ ରାଜ୍ୟପାଳଙ୍କର କ୍ଷମତା ଓ କାର୍ଯ୍ୟ କ'ଣ । ନିର୍ବାଚନ ପରେ ବିଜେଡି କ୍ଷମତାରୁ ହଟିବା ଚାରିମାସ ମଧ୍ୟରେ ବି ରାଜ୍ୟପାଳଙ୍କୁ ନେଇ ବିଜେଡିର କୌଣସି ଅଭିଯୋଗ ନଥିଲା ।

ତେବେ ହଠାତ୍ ବିଜେଡି କାହିଁକି ଏଭଳି ଆକ୍ରମଣାତ୍ମକ ହେଲା । ରାଜନୀତି ବିଶ୍ଳେଷକମାନଙ୍କ ମତରେ ବିଜେଡିରେ କିଛିଦିନ ହେଲା ଗୋଷ୍ଠି କନ୍ଦଳ ତୀବ୍ର ହେବା ସହିତ ନେତାମାନେ ହାତାହାତି ହେବାକୁ ପଛାଉ ନାହାନ୍ତି । ଏହା ରାଜ୍ୟରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଥିବାବେଳେ ଦିନକୁ ଦିନ ଏହା ଉଗ୍ର ହେବାରେ ଲାଗିଛି । ତେଣୁ ଏଥିରୁ ନଜର ହଟାଇବାପାଇଁ ବିଜେଡି ଏବେ ରଘୁବରଙ୍କୁ ନିଶାଣ କରିଛି । କାରଣ ନବୀନ ପଟ୍ଟନାୟକ ଭଲଭାବେ ଜାଣିଛନ୍ତି ଜଣେ ରାଜ୍ୟପାଳଙ୍କର ରାଜନୀତି କରିବାରେ କୌଣସି ଅସୁବିଧା ନାହିଁ। ଅତୀତରେ ମହାରାଷ୍ଟ୍ରର ରାଜ୍ୟପାଳ ଥିବା ହରେକୃଷ୍ଣ ମହତାବ ସେଠାରୁ ଫେରିବା ଦିନ ହିଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଚଉକିରେ ବସିଥିଲେ । ତେଣୁ ବିଜେଡି କନ୍ଦଳରୁ ନଜର ପୃଷ୍ଠା-୬

**ବବିଙ୍କ ବାହାସ୍ଫୋଟ**

# ପାପ ଲୁଚାଇବାକୁ ଯାଜପୁର ଢାଲ

**ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ):** କ୍ଷମତାରୁ ଯିବାର ଚାରିମାସ ପରେ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଖୋଲା ସଭାରେ ବାହାସ୍ଫୋଟ ମାରିଛନ୍ତି । କହିଛନ୍ତି ମୁଁ ଯାଜପୁରବାସୀଙ୍କ ପାଇଁ ଲଢ଼ିବି । ତାଙ୍କ ସ୍ୱାର୍ଥ ସୁରକ୍ଷା କରିବି । ପନ୍ଦର ବର୍ଷ ତଳେ ଘଟିଥିବା ଘଟଣାପାଇଁ ମତେ କାହିଁକି ଇଙ୍ଗିତ କରାଯାଉଛି । ଯଦି ଦମ୍ ଅଛି ତ ମୋତେ ବାନ୍ଧ ବୋଲି କହିଛନ୍ତି ବବି । ତେବେ ବବିଙ୍କ ଏହି ଇଙ୍ଗିତ ବ୍ଲୁକରୋଜ ଆଡକୁ ବୋଲି ଚର୍ଚ୍ଚା ହେଉଛି ।



**ଗୋଡ଼ାଉଛି ବ୍ଲାକରୋଜ୍ ଭୂତ**

ଗତ ନିର୍ବାଚନରେ ବବି ନିଜର ପାରମ୍ପରିକ ଆସନ ଯାଜପୁର ଛାଡି ସମ୍ବଲପୁରରେ ଲୋକସଭା ଲଢ଼ିଥିଲେ। ତାଙ୍କ ମା' ସଂଧ୍ୟାରାଣୀ ଦାସଙ୍କୁ ପରିଣତ ବୟସରେ କୋରେଇ ଆସନରୁ ଲଢାଇଥିଲେ। ଯାଜପୁର ଆସନରେ ନିଜର ଜଣେ ଅନୁଗତ ସୁଜାତା ସାହୁଙ୍କୁ ଟିକଟ ଦେଇଥିଲେ । ବବି ଓ ତାଙ୍କ ମା' ଉଭୟ ନିର୍ବାଚନରେ ଶୋଚନୀୟ ଭାବେ ହାରିଥିବାବେଳେ ସୁଜାତା କିନ୍ତୁ କୌଣସି ପ୍ରକାରେ ଜିଣି ଯାଇଥିଲେ । ତେଣୁ ୨୦୦୯ରୁ ଲଗାତାର ଭାବେ ଯାଜପୁର ଆସନରୁ ବିଧାନସଭାକୁ ଜିଣି ଆସୁଥିବା ବବି ଏଥର କିନ୍ତୁ ବିଧାନସଭା ବାହାରେ ରହିଛନ୍ତି । ସଂଧ୍ୟାରାଣୀ ପ୍ରାର୍ଥୀ ହେବାପରେ ସମସ୍ତେ ଆଶା କରିଥିଲେ କୋରେଇରୁ ମା' ଜିଣିଲା ପରେ ବବିଙ୍କ ପାଇଁ ସେହି ଆସନ ଛାଡିଦେବେ ଓ ବବି ସହଜରେ ଉପନିର୍ବାଚନ ଲଢ଼ି ବିଧାନସଭାକୁ ଆସିବେ । ହେଲେ ନିର୍ବାଚନ ଫଳାଫଳ ସବୁକିଛି ଓଲଟ ପାଲଟ କରିଦେଲା।

ବିଜେଡି ସରକାରରୁ ଯିବାପରେ ବବି ଏକ ପ୍ରକାର ନିରବ ରହିଥିଲେ । ନିଜ ଦଳ ଭିତରୁ ହେଉଥିବା ବିରୋଧକୁ ବି ସହି ଯାଉଥିଲେ । ଏପରିକି ଶଙ୍ଖଭବନ ଭିତରେ ନିର୍ବାଚନରେ ହାରିବା ନେଇ ଅନେକ ଯୁବ ନେତା ତାଙ୍କୁ ଗାଳି ଫଜିତ କରିଥିଲେ ବି ବବି କୌଣସି ପ୍ରତିକ୍ରିୟା ଦେଇନଥିଲେ । ପରାଜୟର ଗ୍ଲାନିରେ ଏକ ପ୍ରକାର ବନବାସରେ ଯାଇଥିଲେ ବବି । ନିଜର ସରକାରୀ କ୍ୱାଟର୍ସକୁ ନେଇ ବିବାଦ ଦେଖା ଦେଇଥବଲେ ବି ଗଣମାଧ୍ୟମ ଆଗକୁ ଆସି ଦୁଇପଦ ସେଭଳି କିଛି କହିନଥିଲେ ।

ହେଲେ ଯେତେବେଳେ ବ୍ଲାକରୋଜ୍ କଥା ଉଠିଲା ସେତେବେଳେ ବବି ନିରବ ରହିଲେ ବି ବିବ୍ରତ ହୋଇପଡିଥିଲେ । ଏହି ଘଟଣାରେ ତାଙ୍କ ସମ୍ପୃକ୍ତ ନେଇ ପରୋଧ ଭାବେ ଆଲୋଚନା ହେଉଥିଲା । ଇତି ମଧ୍ୟରେ ବିଜେପି ସରକାର ବ୍ଲାକରୋଜ ଘଟଣାର ତଦନ୍ତ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ହୁଏତ ସିବିଆଇ ପୁଣିଥରେ ଏହି ଘଟଣାର ଖୋଳତାଡ କରିପାରେ । ତେବେ ସବୁକିଛି କେନ୍ଦ୍ର ସରକାର ଓ ଆଇନ୍ ଅଦାଲତଙ୍କ ପୃଷ୍ଠା-୬

# ଅକ୍ଟୋବର ୯ରେ ଦିଆଯିବ ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା କିସ୍ତି

**ପ୍ରସ୍ତୁତି ନେଇ ଉନ୍ନୟନ କମିଶନରଙ୍କ ସମୀକ୍ଷା**



**ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ):** ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ "ସୁଭଦ୍ରା" ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୨୯ ହଜାର ୭୨୦ ହିତାଧିକାରୀଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ ପରେ ୨ୟ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରେରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସଂପର୍କରେ ଏକ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ସମୀକ୍ଷା କରିଛନ୍ତି ।

ଆଜି ଲୋକସେବା ଭବନରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ଉପସ୍ଥିତିରେ ୨ୟ ପର୍ଯ୍ୟାୟରେ 'ସୁଭଦ୍ରା' ପ୍ରଥମ କିସ୍ତି ଅର୍ଥ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯିବା ସଂପର୍କରେ ବୈଷୟିକ ଟିମ୍ ସହିତ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ୧ କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ କିସ୍ତି ପ୍ରଦାନ ପରେ ଅବଶିଷ୍ଟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ୨୦୨୫ ମାର୍ଚ୍ଚ ୮ ତାରିଖ ପୂର୍ବରୁ ମିଳିବା ନେଇ ଲକ୍ଷ୍ୟ ରହିଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ଆଗାମୀ ଅକ୍ଟୋବର ୯ ରେ ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ୨ୟ ପର୍ଯ୍ୟାୟରେ ଯେତେ ଅଧିକ ସଂଖ୍ୟକ ସମ୍ଭବ ହିତାଧିକାରୀଙ୍କୁ ଅକ୍ଟୋବର ୯ ତାରିଖରେ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରେରଣ କରାଯିବ, ସେଥି ପାଇଁ ପ୍ରକ୍ରିୟା ଜାରି ରହିଛି । ଅଦ୍ୟାବଧି ସୁଭଦ୍ରାରେ ପ୍ରାୟ ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକରଣ କରିଛନ୍ତି । ଆବଶ୍ୟକ ବ୍ୟବସ୍ଥା ପାଇଁ ଅକ୍ଟୋବର ୬ ତାରିଖ ସୁଦ୍ଧା ପ୍ରସ୍ତୁତି ସାରିବାକୁ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି । ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ପତ୍ନୀଙ୍କ ସହିତ ଶାରୀରିକ ସମ୍ପର୍କକୁ ବଳାତ୍କାର ଭାବେ ଗ୍ରହଣ କରାଯାଇ ଦଣ୍ଡବିଧାନ କରାଗଲେ ଏହା ଦାମ୍ପତ୍ୟ ସଂପର୍କକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ମନ୍ତବ୍ୟ।
- ବିବାହ ବିଚ୍ଛେଦ ନେଇ ପୁଅ ନାଗା ଚୈତନ୍ୟଙ୍କ ବିରୋଧରେ ଅପପ୍ରଚାର କରିଥିବା ଅଭିଯୋଗ କରି ଅଭିନେତା ନାଗାର୍ଜୁନ ତେଲେଙ୍ଗାନା ମନ୍ତ୍ରୀ କୋଣ୍ଡା ସୁରେଖାଙ୍କ ବିରୋଧରେ ମାନହାନି ମାମଲା କଲେ।
- ହରିଆଣା ବିଧାନସଭା ନିର୍ବାଚନ ପୂର୍ବରୁ ରାହୁଲ ଗାନ୍ଧିଙ୍କ ଉପସ୍ଥିତିରେ ପୂର୍ବତନ ସାଂସଦ ତଥା ବିଜେପି ନେତା କଂଗ୍ରେସକୁ ଫେରିଲେ।
- ବିହାରର ସୀତାମାଢ଼ିରେ ବନ୍ୟା ସ୍ଥିତି ଉଦ୍‌ବେଗଜନକ। ହଜାରହଜାର ପ୍ରଭାବିତ।
- ଔଷଧ, ଟ୍ରାକ୍ଟର ଆଦି କିଛି ସାମଗ୍ରୀ ଉପରେ ଜିଏସ୍‌ଟି ୫%କୁ ହ୍ରାସ ପାଇଁ ମନ୍ତ୍ରୀସ୍ତରୀୟ ପ୍ୟାନେଲର ବିଚାର ଆଲୋଚନା।
- ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭାରତୀୟ ଷ୍ଟକ୍ ବଜାର ପ୍ରଭାବିତ। ବିଏସ୍‌ଇ ୧୭୬୯ ଓ ନିଫ୍ଟି ୫୪୬ ପଏଣ୍ଟ ହ୍ରାସ।
- ଆପ୍ ମାଧ୍ୟମରେ ୫ଶହ କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗକ୍ରମେ ବିଗ୍ ବସ୍ ବିଜେତା ଏଲ୍‌ଭିସ ଯାଦବ ଏବଂ ହାସ୍ୟାଭିନେତ୍ରୀ ଭାରତୀ ସିଂହଙ୍କୁ ଦିଲ୍ଲୀ ପୋଲିସର ସମନ।
- ପ୍ରାୟ ଦୁଇ ବର୍ଷ ଧରି ଆଲୋଚନା ପରେ ମରିସସ୍‌କୁ ଜଗୋସ୍ ଉପଦ୍ୱୀପ ଛାଡ଼ିବାକୁ ବ୍ରିଟେନ ରାଜି ହେଲା।
- ଆର୍‌ଜି କର ମେଡିକାଲର ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଟିଏମ୍‌ସି ଯୁବ ଶାଖା ନେତା ଆଶିଷ ପାଣ୍ଡେଙ୍କୁ ଗିରଫ କଲା ସିବିଆଇ।

# ରାଜ୍ୟରେ ବଢୁଛି କଲରାପତରିଆ ସଂଖ୍ୟା

### ମୟୂରଭଞ୍ଜ,କେନ୍ଦୁଝର ଲ୍ୟାଣ୍ଡସ୍କେପରେ ସର୍ବାଧିକ ୨୦୦

**ଭୁବନେଶ୍ୱର, ୩ ।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାରେ ପ୍ରଥମ କରି କଲରାପତରିଆ ବାଘ ଗଣନା କରାଯାଇଛି। ରିପୋର୍ଟ ଅନୁଯାୟୀ, ମୋଟ ୬୯୬ କଲରାପତରିଆ ଅଛନ୍ତି। ଚଳିତ ଥର ନିଜସ୍ୱ ବ୍ୟବସ୍ଥାରେ ଗଣନା କରିଛି ବନ ବିଭାଗ। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ରିପୋର୍ଟ ଅନୁସାରେ ୨୦୨୨ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୫୬୮ଟି କଲରାପତରିଆ ରହିଥିଲେ। ୨୦୧୮ରେ କଲରାପତରିଆ ବାଘ ସଂଖ୍ୟା ଥିଲା ୭୬୦ ଥିଲା। ଓଡ଼ିଶା ଜଙ୍ଗଲରେ କଲରାପତରିଆଙ୍କ ସଂଖ୍ୟା ଦୁଇ ବର୍ଷରେ ୧୨୮ ବଢ଼ିଛି। ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପ୍ରକାଶିତ ପ୍ରଥମ କଲରାପତରିଆ



ଗଣନା ରିପୋର୍ଟରୁ ଏଭଳି ତଥ୍ୟ ମିଳିଛି। ଯଦିଓ ରାଜ୍ୟର ନିଜସ୍ୱ ପ୍ରଥମ କଲରାପତରିଆ ଗଣନାରେ ପୂର୍ବଥର ଅପେକ୍ଷା ସଂଖ୍ୟା ବଢ଼ିଛି, ହେଲେ ୨୦୧୮ର ଗଣନା ତୁଳନାରେ ଢେର୍ କମ୍ ଥିବାରୁ ଏହାକୁ ନେଇ ଉଠିଛି ପ୍ରଶ୍ନ। ଖୋଦ୍ ଜଙ୍ଗଲ ମନ୍ତ୍ରୀ ବି କହିଛନ୍ତି, ଯଦିଓ ଚଳିତ ଗଣନାରେ କଲରାପତରିଆଙ୍କ ସଂଖ୍ୟା ବଢ଼ିଛି, ପୃଷ୍ଠା-୬

### କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି

# ଆଉ ୫ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା

**ନୂଆଦିଲ୍ଲୀ, ୩ ।୧୦ (ଏଜେନ୍ସି):** ଦେଶର ଆଉ ପାଞ୍ଚଟି ଭାଷାକୁ ମିଳିଲା ଶାସ୍ତ୍ରୀୟ ମାନ୍ୟତା। ମରାଠି, ପାଲି, ପ୍ରାକୃତି, ଅହମିୟା ଓ ବେଙ୍ଗଲି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ଆଜି ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପ୍ରସ୍ତାବ ଉପରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ପୂର୍ବରୁ ଓଡ଼ିଆ ସମେତ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲାୟାଲାମକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ଏହାକୁ ମିଶାଇ ଏବେ ଦେଶରେ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଭାଷା ସଂଖ୍ୟା ୧୧ରେ ପହଞ୍ଚିଛି। କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ସଂପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସରକରୀ ଶାସ୍ତ୍ରୀୟ ଭାଷାର ପ୍ରଚାର ଓ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ଆଉ ୫ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି। ଭାରତର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଅଭିଭାବକ ହେଉଛନ୍ତି ଶାସ୍ତ୍ରୀୟ ଭାଷା ବୋଲି କହିଛନ୍ତି। ମହାରାଷ୍ଟ୍ରରେ ମରାଠି ଭାଷା ପ୍ରଚଳିତ ଥିବା ବେଳା ବିହାର, ଉତ୍ତର ପ୍ରଦେଶ ଓ ମଧ୍ୟ ପ୍ରଦେଶରେ ପୃଷ୍ଠା-୬



**ଆଇଇଏରେ ସାମିଲ ହେବ ଭାରତ**

# କେସୁରା ଛକରେ ଦେହବେପାର

- ମସାଜ ପାର୍ଲରରେ ଏକ୍ସଟ୍ରା ସର୍ଭିସ
- ସୁରକ୍ଷା ଦେଉଛି ବଡ଼ଗଡ଼ ଥାନା!

**ଭୁବନେଶ୍ୱର, ୩ ।୧୦ (ସଂଚାର ବ୍ୟୁରୋ):** 'ଆଜ୍ଞା ଆପଣଙ୍କୁ ମସାଜ ଦରକାର କି? ଆମ ମସାଜ ଆପଣଙ୍କୁ କେହି ଦେଇପାରିବେ ନାହିଁ । ସବୁ ମଜରା ଘଣ୍ଟାକରେ ଛଡ଼ାଇଦେବେ। ଓଡ଼ିଆ, ବଙ୍ଗାଳୀ, ବିହାରୀ ଥାଇ, ସବୁ ମାଲ ଅଛନ୍ତି। ମସାଜ ପରେ ଆପଣ ଚାହିଁଲେ ଏକ୍ସଟ୍ରା ସର୍ଭିସ ମଧ୍ୟ ନେଇପାରିବେ। ଆମ ପିଲା ଆପଣଙ୍କ ମନ ଖୁସି କରିଦେବେ। ପୋଲିସ ଭୟ ମନରୁ କାଢି ଏଠାକୁ ଆସନ୍ତୁ। କାରଣ ଆମ ମାଲିକଙ୍କ ମାସିକିଆ ଗରାଖ ହେଉଛି ପୋଲିସ।' ଏସବୁ ପଢ଼ିଲେ ହଠାତ ଆପଣଙ୍କୁ ଏକ ଯାତ୍ରା ସଂଳାପ ଭଳି ଲାଗୁଥିବ। କିନ୍ତୁ ଏହା ହେଉଛି ଆମ ରିପୋର୍ଟରଙ୍କ ସହ ଏକ ପାର୍ଲର ଟେଲି କଲରଙ୍କ ବାର୍ତ୍ତାଳାପ।





ଗୁରୁବାର ମଧ୍ୟାହ୍ନ ପ୍ରାୟ ୧.୪୫। ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟଭାର ଗ୍ରହଣ କରୁଥାନ୍ତି ପିନାକ ମିଶ୍ର। ସେଠାରେ ଉପସ୍ଥିତ ଥାଆନ୍ତି ଆମ ରିପୋର୍ଟର । ହଠାତ ଗୋଟିଏ ନମ୍ବରରୁ ଆମ ରିପୋର୍ଟରଙ୍କୁ ଆସିଥିଲା ଏଭଳି ଏକ ଫୋନ କଲ୍। ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ ଆମ ରିପୋର୍ଟର ପହଞ୍ଚିଥିଲେ ବଡ଼ଗଡ଼ ଥାନା ଅନ୍ତର୍ଗତ କେସୁରା ଛକରେ ଥିବା ଗ୍ରାଣ୍ଡ ଇଲେଭେନ ସ୍ପା' ଆଣ୍ଡ ମସାଜ ପାର୍ଲାରରେ । ରିସେପ୍ସନରେ ପହଁଚିବା ପରେ ସେଠାରେ ବସିଥିବା ଦୁଇ ଜଣ ଯୁବତୀ ଆରମ୍ଭ କରିଥିଲେ ଡିଲ୍। ଦଶହରା ଚାଲିଥିବାରୁ ସ୍ପା' ରେ ସ୍ପେଶାଲ ଅଫର ମୁତାବକ ଅଏଲ ମସାଜ ୧୫ ଶହ ଟଙ୍କା, କ୍ରିମ ମସାଜ ୨ ହଜାର ଓ ସାଣ୍ଡଉଇଚ ମସାଜ ୩ ହଜାର ଟଙ୍କା ଥିବା କହିଥିଲେ ଯୁବତୀ ଦ୍ୱୟ। କିନ୍ତୁ ଏସବୁକୁ ଏଡାଇ ଆମ ରିପୋର୍ଟର ରିଲାକ୍ସେସନ ବା ଦେହ ବେପାର କଥା ପଚାରିଥିଲେ। ଆଉ ଉତ୍ତରରେ ଯୁବତୀ ଜଣଙ୍କ କହିଥିଲେ ଯେ ସବୁ ସୁବିଧା ଅଛି । ଭିତରକୁ ଯାଇ ସତ୍ୟାସତ୍ୟ ମଧ୍ୟ ଦେଖିଥିଲୁ । ଦେହ ବେପାର କରିବାକୁ ପ୍ରସ୍ତୁତ ହୋଇ ରହିଥିଲେ ୭ ଦେଶୀ ଓ ବିଦେଶୀ ଯୁବତୀ।

ବଡ଼କଥା ହେଉଛି ଏସବୁ ବଡ଼ଗଡ଼ ଥାନା ପୋଲିସରେ ଜାଣତରେ ଚାଲିଥିବା କହିଛନ୍ତି ରିସେପ୍ସନରେ ବସିଥିବା ଯୁବତୀ। ଏପରିକି ଗରାଖ ଆସିଲେ ପିସିଆର ତାଙ୍କ ଗାଡି ବାହାରେ ଜଗୁଥିବା ବାହାରେ ଗର୍ବର ସହ କହିଥିଲେ ଯୁବତୀ ଜଣଙ୍କ । ଏକଥା ବଡ଼ଗଡ଼ ଥାନା ପୁଲିସ ବା ଥାନା ମୁଖିଆ ତୃପ୍ତି ନାୟକ କିଭଳି ଜାଣିପାରୁନାହାନ୍ତି ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି। କାରଣ ସାଧାରଣ ଲୋକେ ବା ଆଖପାଖ ଦୋକାନୀ ଯେତବେଳେ ଦେହ ବେପାର କଥା ଜାଣିପାରୁଛନ୍ତି, ସେତବେଳେ ପୋଲିସ କେମିତି ଏ କଥା ଜାଣିପାରୁନାହିଁ। ନାଁ ମାସିକିଆ ନେଇ ଚୁପ ବସିଛି ପୋଲିସ? ନୂଆ କମିଶନର, ନୂଆ ଡିସିପି କାର୍ଯ୍ୟରେ ଯୋଗଦେବା ପରେ ହୁଏତଃ ଏଭଳି ଦେହବେପାର କାରବାର ବନ୍ଦ ହେବ ବୋଲି ଅନେକ ଆଶା ରଖିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଏଭଳି ଧନ୍ଦା କରି କମିଶନରେଟ ପୋଲିସକୁ ବଦନାମ କରୁଥିବା ମସାଜ ପାର୍ଲର ବିରୋଧରେ କିଭଳି ଆକ୍ସନ ନେଉଛି ବଡ଼ଗଡ଼ ଥାନା ପୁଲିସ।



**ଅବଧି ସରିଲା**

# ସରୁନି ଗୋବରୀ ନାଳ ସଫେଇ

**ନାଉଗାଁ, ୩।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଦେଇ ପ୍ରବାହିତ ଗୋବରୀ ଓ ବାଉଁଶ ଯୋରୀ ନାଳକୁ ସଫା କରିବା ପାଇଁ ଜଳ ନିକାସ ବିଭାଗ ପକ୍ଷରୁ ୨୦୨୪ ଜୁଲାଇ ୫ରେ ଅନଲାଇନ ଟେଣ୍ଡର କରାଯାଇଥିଲା। ଜୁଲାଇ ୧୬ ରେ ଠିକାଦାର ଚୟନ କରାଯାଇ ସଫେଇ ପାଇଁ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଥିଲା। ଏହି ୨ ନାଳକୁ ସଫା କରାଯିବା ପାଇଁ ୬ଲକ୍ଷ ୬୫ ହଜାର ୮୩୦ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ସଫେଇ ଅବଧି ସେପ୍ଟେମ୍ବର ୩୦ ରହିଥିଲା। କିନ୍ତୁ ନାଳ ସଫେଇର ଅବଧି ଶେଷ ହୋଇଥିବା ବେଳେ ଏପର୍ଯ୍ୟନ୍ତ ନାଳ ସଫେଇ କାର୍ଯ୍ୟ ଶେଷ ହୋଇନାହିଁ। ନିଯୁକ୍ତ ଠିକାଦାର କାଁ ଭାଁ ନାଳ ସଫା କରି କାର୍ଯ୍ୟ ଶେଷ କରିବାକୁ ବସିଥିବା ସ୍ଥାନୀୟ ଲୋକ ମତବ୍ୟକ୍ତ କରିଛନ୍ତି। ନାମକୁ ମାତ୍ର ନାଳ ସଫେଇ କରି ଫଟୋ ଉଠାଇ କାର୍ଯ୍ୟ ଶେଷ କରିଥିବା ସ୍ଥାନୀୟ ଅଞ୍ଚଳର ବଟକୃଷ୍ଣ ଦାସ, କାଳନ୍ଦୀ ମହାରଣା, ବିଜୟ ଦାସ, ଅଜୟ ଦାସ ଆଦି ମତବ୍ୟକ୍ତ କରିଛନ୍ତି।



ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଅତ୍ୟଧିକ ବର୍ଷା ହେଲେ ଉକ୍ତ ନାଳରେ ଉପମୁଣ୍ଡରୁ ପାଣି ପ୍ରବାହିତ ହେବା ସମୟରେ ପାଣି ସ୍ରୋତରେ ମୃତ ଗୋରୁ, କୁକୁର ଆଦି ଭାସି ଆସୁଛନ୍ତି। ନାଳଟିରେ ଦଳ ପୂର୍ଣ୍ଣ ହୋଇଥିବାରୁ ଉକ୍ତ ମୃତ ଜୀବଜନ୍ତୁ ପାଣି ସ୍ରୋତରେ ଭାସି ନ ଯାଇ ଦଳରେ ଅଟକି ରହୁଛନ୍ତି। ପାଣିରେ ଅଧିକ ଦିନ ରହିବା ଯୋଗୁଁ ତାହା ପଚି ସ୍ଥାନୀୟ ଅଞ୍ଚଳରେ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏପରିକି ନାଳ ପାର୍ଶ୍ୱରେ ଥିବା ଗ୍ରାମ ଓ ଗଙ୍ଗଦା ବଜାରରେ କାର୍ଯ୍ୟ କରୁଥିବା ଦୋକାନୀମାନେ ନାଳର ପାଣିକୁ ଶୌଚ ଆଦି କାର୍ଯ୍ୟରେ ଲଗାଇଥାନ୍ତି। ମୃତ ଜୀବଜନ୍ତୁ ଭାସିବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହିତ ଦୁର୍ଗନ୍ଧରେ ଜନସାଧାରଣ ରହିପାରୁ ନାହାନ୍ତି। ତେଣୁ ସରକାରୀ ନିୟମାନୁସାରେ ନାଳଟିକୁ ସଫା କରିବା ପାଇଁ ପ୍ରଶାସନ ନିକଟରେ ଦାବି କରାଯାଇଛି।

ପ୍ରକାଶଯୋଗ୍ୟ ଯେ ଗୋବରୀ ନାଳଟି ଜଗତସିଂହପୁର ଜିଲ୍ଲାର ଆଳିପିଙ୍ଗଳ ନିକଟରୁ ବାହାରି ଉକ୍ତ ବ୍ଲକର ଗଜରାଜପୁର, ନୂଆଗାଁ, ଘୋଡାଂଶ, ନାଉଗାଁ, ବାଂଶ, ତିରୁଣା, ଡେରିକି, କୋରୁଅ ପଞ୍ଚାୟତ ଦେଇ ଗାରୋଇ ଠାରେ ଦେବୀନଦୀରେ ମିଶିଛି। ସେହିପରି ବାଉଁଶ ଯୋରୀ ନାଳଟି ଜାମୁଗାଁ ପଞ୍ଚାୟତ ଛତିଆନା ନିକଟରୁ ବାହାରି ଡାବର, ତିରୁଣା, କୋରୁଅ ପଞ୍ଚାୟତର ତେଲସରା ନିକଟରେ ଦେବୀନଦୀରେ ମିଶିଛି। ଏହି ଦୁଇଟି ନାଳ ଜଳ ନିକାସ ବିଭାଗର ଜଗତସିଂହପୁର ଡିଭିଜନ ଅଧୀନରେ ରହିଛି। ଏହି ନାଳ ମାଧ୍ୟମରେ ନାଉଗାଁ ବ୍ଲକର ଚାଷ ଜମିରୁ ଉଦ୍‌ବୃତ ଜଳ ନିଷ୍କାସନ ହୋଇଥାଏ। ନାଳ ସଫେଇ ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ଦୀକ୍ଷିତଙ୍କୁ ପଚାରିବାରେ ନିଯୁକ୍ତ ଠିକାଦାର ସହ କଥା ହୋଇ ଶୀଘ୍ର ସଫେଇ କରିବାକୁ କୁହାଯିବ ବୋଲି ମତବ୍ୟକ୍ତ କରିଛନ୍ତି।

# ଅସହାୟ ପରିବାକୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ. ପକ୍ଷରୁ ସହାୟତା

**ଡେରାବିଶ, ୩।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପର ଗ୍ରାମପଞ୍ଚାୟତର ନରସିଂହ ଗ୍ରାମର ସ୍ୱର୍ଗତଃ କୁଶ ବେହେରାଙ୍କ ପତ୍ନୀ ନଖି ବେହେରା (୭୬)ଙ୍କ ମୃତ୍ୟୁ ହେବାର ୭ ଦିନରେ ତାଙ୍କର ଏକମାତ୍ର ରୋଜଗାରକ୍ଷମ ପୁତ୍ର ଅରୁଣ ବେହେରା (୪୦)ଙ୍କ ବିଷଧର ସାପ କାମୁଡିବାରେ ମୃତ୍ୟୁ ହେବାରୁ ପରିବାରଟି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ଏହି ଖବର ପାଇବା ପରେ ଆଜି କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ଲିଃ ସଭାପତି ପ୍ରମୋଦ ସାହୁ, ସମିତିର ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ ଓ ଦୈନିକ ଜମା ସଂଗ୍ରହକାରୀ ଏଜେଣ୍ଟ ରାଜ କିଶୋର କରଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଦୁଃଖରେ ଭାଙ୍ଗି ପଡିଥିବା ଅରୁଣଙ୍କ ବିଧବା ପତ୍ନୀ କବିତା ଓ ୧୬ ବର୍ଷର ଝିଅ ପୂଜା ଏବଂ ୧୩ ବର୍ଷର ପୁଅ ଚନ୍ଦନଙ୍କୁ ଭେଟି ସମବେଦନା ଜଣାଇବା ସଂଗେ ସଂଗେ କବିତାଙ୍କ ହାତରେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାଛଡ଼ା ପ୍ରତି ମାସରେ ଏହି ପରିବାରକୁ ଚଳିବା ପାଇଁ 'ଜ୍ଞାନଦେବୀ ଗୁଜୁରାଣ ସହାୟତା ପାଣ୍ଠି'ରୁ ଏକ ହଜାର ଲେଖାଏଁ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏହି ସହାୟତା ପ୍ରଦାନ ବେଳେ ସ୍ଥାନୀୟ ୱାର୍ଡ ମେମ୍ବର ମହେଶ୍ୱର ରାଉତ, ମାହାଙ୍ଗା ଚାଷୀନେତା ରାମଚନ୍ଦ୍ର ସ୍ୱାଇଁ, ବିଜୟ ନାୟକ, ନରସିହପୁରର ଅନନ୍ତ ପ୍ରଧାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି, ମହିଳା, ମୁରବୀ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।



ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ସବୁବେଳେ ନିଃସହାୟ ପରିବାର, ଗରିବ ରୋଗୀ, ଜାତୀୟ, ଅନ୍ତର୍ଜାତୀୟ ଓ ରାଜ୍ୟସ୍ତରରେ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା କ୍ଷେତ୍ରରେ ଆର୍ଥିକ ସହାୟତା ବ୍ୟତୀତ ବାତ୍ୟା, ବନ୍ୟା ସମୟରେ ବିପନ୍ନମାନଙ୍କୁ ସହାୟତା ପ୍ରଦାନ କରିଥାନ୍ତି। ସମିତିର ଏହି କାର୍ଯ୍ୟକୁ ସର୍ବତ୍ର ପ୍ରଶଂସା କରାଯାଇଛି।

# ବାଣେଶ୍ୱରଙ୍କ ପୀଠରେ ଆନନ୍ଦ ବଜାର ଲୋକାର୍ପିତ

**ବାଲିଅନ୍ତା, ୩।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତଗତ ବେଷ୍ଟପୁର ଗ୍ରାମର ବାଣେଶ୍ୱର ମହାଦେବଙ୍କ ପୀଠରେ ନବନିର୍ମିତ ଭବ୍ୟ ଆନନ୍ଦ ବଜାର ବୁଧବାର ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି । ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଆନନ୍ଦ ବଜାରରେ ଏକକାଳୀନ ଭାବେ ଶତାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରି ପାରିବାର ସୁବିଧା ରହିଛି



ବୋଲି ସ୍ଥାନୀୟ ମୁରବୀ ନିରଞ୍ଜନ ସତପଥୀ କହିଛନ୍ତି । ଆଜିର ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବିଜେଡି ବାଲିଅନ୍ତା ବ୍ଲକ ସଭାପତି ପ୍ରଦୀପ୍ତ ଜେନାମଣୀ ସମ୍ମାନିତ ଅତିଥି,ବାଲିପାଟଣା ବ୍ଲକ ସଭାପତି କିଶୋର ଜେନା ଅନ୍ୟତମ ସମ୍ମାନିତ ଅତିଥି, ବିଶିଷ୍ଟ ଶିକ୍ଷାବିତ ତଥା କେଶୁରା ସରସ୍ୱତୀ ଶିଶୁ ମନ୍ଦିର ପ୍ରତିଷ୍ଠାତା ଚିତ୍ତ ରଞ୍ଜନ ପରିଜା ମୁଖ୍ୟ ବକ୍ତା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସାହୁ, ସମିତି ସଭ୍ୟା ଝରଣା ସ୍ୱାଇଁ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହରେକୃଷ୍ଣ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ ।

ଅତିଥିମାନଙ୍କୁ ସୁକାନ୍ତୀ ମହାପାତ୍ରଙ୍କ ନେତୃତ୍ୱରେ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ମଞ୍ଚକୁ ପାଛୋଟି ନିଆଯାଇଥିଲା। ପବିତ୍ର ମହାଳୟାରେ ପିତୃପୁରୁଷଙ୍କୁ ମହାସମ୍ମାନ ଅର୍ପଣ ପାଇଁ ଗ୍ରାମର ଏବେକାର ପିଢି ଯେଉଁ ପ୍ରଚେଷ୍ଟା କରିଛନ୍ତି ତାକୁ ସ୍ୱର୍ଗଧାମଗତ ପିତୃପୁରୁଷ ମାନେ ନିଶ୍ଚୟ ଉପଲବ୍ଧି କରିବେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉତ୍ସବରେ ୮ଜଣ ଖବର କାଗଜ ବିତରକ ଓ ଗ୍ରାମରେ ବିଭିନ୍ନ କ୍ଷେତ୍ରରେ ସଫଳତା ଆଣିଥିବା ତଥା ସାମାଜିକ ଅବଦାନ ଥିବା ବ୍ୟକ୍ତି ବିଶେଷ ଯଥା ହରେକୃଷ୍ଣ ସତପଥି, ଦୁଃଖିଶ୍ୟାମ ସତପଥି, ନିରଞ୍ଜନ ସତପଥୀ, ସତ୍ୟଭାମା ଦାଶ, ହୃଷୀକେଶ ଦାଶ, ନିଶିକାନ୍ତ ପଣ୍ଡା ,ଭିମସେନ ମହାରଣା,ଆରତୀ ସତପଥୀ, ଅନିରୁଦ୍ଧ ସାହୁ, ଶୁଭ ନାରାୟଣ ଦାଶ ଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ହୃଷିକେଶ ଦାସ ମଞ୍ଚ ପରିଚାଳନା କରିଥିଲେ ।

ଶେଷରେ ଲକ୍ଷ୍ମୀପ୍ରିୟା ମହାରଣା, ଶ୍ରୀୟା ମହାପାତ୍ର, ସ୍ମୃତି ମହାପାତ୍ର, ପୂଜା ମହାପାତ୍ର ଏବଂ ଅଙ୍କିତା ମହାପାତ୍ର ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବରେ ଉପସ୍ଥିତ ଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ ହୋଇଥିଲା

# ଟ୍ରେନ ଆଗକୁ ଡେଇଁ ପଡ଼ିଲେ ଯୁବକ

**ନୀଳଗିରି, ୩।୧୦ (ସଂଚାର ବ୍ୟୁରୋ):** ପାସେଞ୍ଜର ଟ୍ରେନ ଆଗକୁ ଡେଇଁ ପଡ଼ିବାରୁ ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନାନୁସାରେ ଗୁରୁବାର ଦିନ ଗୋଟାଏ ବେଳେ ନୀଳଗିରି ଗୋପୀନାଥପୁର ରେଳ ଷ୍ଟେସନରୁ ଯାତ୍ରୀବାହୀ ପାସେଞ୍ଜର ଟ୍ରେନଟି ବାଲେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଷ୍ଟେସନ ସାହି-ଗର୍ଜନ ରାସ୍ତାର ରେଳ କ୍ରସିଂ ନିକଟରେ ହଠାତ ଜଣେ ଯୁବକ ଟ୍ରେନ ଆଗକୁ ଡେଇଁ ଡେଇଁ ପଡ଼ିବାରୁ ଟ୍ରେନ ଧକ୍କାରେ ସେ ରେଳ ଲାଇନ୍ ଉପରେ ଗୁରୁତର ଆହତ ହୋଇ ପଡ଼ି ଯାଇଥିଲେ। ଟ୍ରେନ ଅଟକି ଯାଇଥିଲା। ରେଳ କର୍ମଚାରୀ ସଙ୍ଗେ ସଙ୍ଗେ ସେହି ଟ୍ରେନରେ ବାଲେଶ୍ୱର ନେଇ ଆମ୍ବୁଲାନ୍ସ ଯୋଗେ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଯୁବକ ଜଣକ ନୀଳଗିରି ଏନ୍.ଏ.ସି ୧୧ ନମ୍ବର ୱାର୍ଡ ଷ୍ଟେସନ ସାହି (ପଣ୍ଡା ଅଫିସ୍)ର ବାଙ୍ଗୁରୁ ସିଂ ପୁଅ ବାପିଲି ସିଂ (୧୮) ବୋଲି କୁହାଯାଇଛି।

**ଥାନାରେ ମିଳିଲାନି ନ୍ୟାୟ**

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

**କେନ୍ଦ୍ରାପଡ଼ା, ୩।୧୦ (ସଂଚାର ବ୍ୟୁରୋ):** ଥାନାରୁ ନ୍ୟାୟ ମିଳିଲାନି ବୋଲି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଏକାଧିକ ମହିଳା । ଥାନା ଅଧିକାରିଣୀଙ୍କ ସହ ରାଜନଗର



ବିଧାୟକଙ୍କ ବିରୋଧରେ ନାରାବାଜି କରି ଜଣେ ଅସହାୟ ମହିଳାଙ୍କୁ ନାୟ ପ୍ରଦାନ ଦାବି କରିଛନ୍ତି ମହିଳା ଗୋଷ୍ଠୀ ।

ସୂଚନା ମୁତାବକ କେନ୍ଦ୍ରାପଡା ଜିଲ୍ଲା ରାଜନଗର ସଂସାରଫଳ ଥାନା ଅନ୍ତର୍ଗତ ନୟାକୋଟ ଅଞ୍ଚଳର ସାରଥୀ ପଲାଇ ନାମକ ଜଣେ ଅସହାୟ ବିଧବା ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିଥିଲେ ବି କିଛି ପଡୋଶୀଙ୍କ ଆକ୍ରୋଶ କାରଣରୁ ସେ ଘର କରିପାରି ନ ଥିଲେ । ଏହାପରେ ନିଜ ଗ୍ରାମର ସମସ୍ତ ମହିଳା ମଣ୍ଡଳଙ୍କ ସହାୟତା ନେଇ ମହିଳା ଜଣକ ଥାନାର ଦ୍ୱାରସ୍ଥ ହେବା ସହ ପରେ ପରେ ରାଜନଗର ବିଧାୟକଙ୍କ ଦୃଷ୍ଟିଗୋଚର କରିଥିଲେ । କିନ୍ତୁ ଦୁଇ ଦୁଇଟି ଜାଗାରୁ ନାୟ ମିଳିବା ତ ଦୂରର କଥା ଆହୁରି ସେ ନିର୍ଯ୍ୟାତନାର ଶିକାର ହୋଇଥିଲେ । କେବଳ ସେହି ଉକ୍ତ ମହିଳା ନୁହଁନ୍ତି ତାଙ୍କ ସହ ଯାଇଥିବା ସମସ୍ତ ମହିଳା ଗୋଷ୍ଠୀଙ୍କୁ ଥାନା ଅଧିକାରିଣୀଙ୍କ ସହ ଜଣେ ପୋଲିସ ବାବୁ ବାନ୍ଧି ହାଜତରେ ପୂରେଇଦେବେ ବୋଲି ଧମକ ବି ଦେଇଥିଲେ। ଶେଷରେ ସମସ୍ତ ମହିଳା ନ୍ୟାୟ ପାଇବାକୁ ପଟ୍ଟାମୁଣ୍ଡାଇ ଏସଡିପିଓ ଏହାପରେ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ରାଜନଗର ଥାନା ଅଧିକାରୀଣି ଧମକ ଦେବା ବିଷୟ ଅଭିଯୋଗ କରିଛନ୍ତି।

# ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ମୂର୍ତ୍ତି ଉନ୍ମୋଚିତ

**ରାଜନଗର, ୩।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଈଶ୍ୱରପୁର ପଂଚାୟତ ଦିଘିସ୍ଥିତ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି।ବିଦ୍ୟାଳୟ ର ପ୍ରଧାନଶିକ୍ଷକ କ୍ଷୀତିସ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ସୁରେଖା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗାନ୍ଧୀଜୀ ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବରେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର, ବିଷ୍ଣୁଚରଣ ବାରିକ, ସମିତି ସଭ୍ୟ ଶଶୀକଳା ବେହେରା, ପରିଚାଳନା କମିଟିର ସଭାପତି ସସ୍ମିତା ଜେନା, ଅବସର ଶିକ୍ଷକ ସୀତାକାନ୍ତ ରାଉଳ, ସମାଜସେବୀ ହୃଷିକେଶ ବେହେରା, ବସନ୍ତ ଜେନା, ବିପ୍ଳବ ନାୟକ ପ୍ରମୁଖ ଯୋଗ ଦେଇ ଗାନ୍ଧୀଜୀ ଙ୍କ ଆଦର୍ଶ, ଅହିଂସା ଓ ସତ୍ୟରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ମହେଶ୍ୱେତା ଶତପଥୀ ଧନ୍ୟବାଦ ଦେଇଥିଲେ।କାର୍ଯ୍ୟକ୍ରମ କୁ ଜଗନ୍ନାଥ ମାଝୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ

**କଣାସ ପଞ୍ଚାୟତ ସମିତିର ନବମ ବୈଠକ**

# ଯୁକ୍ତିତର୍କ, ହୋ-ହାଲ୍ଲା, ଅର୍ଥ ଆତ୍ମସାତ୍ ଅଭିଯୋଗ ମଧ୍ୟରେ ଶେଷ

**କଣାସ, ୩।୧୦ (ସଂଚାର ବ୍ୟୁରୋ):** କଣାସ ପଞ୍ଚାୟତ ସମିତି ନବମ ବୈଠକ ସେପ୍ଟେମ୍ବର ୨୦ ତାରିଖ ଦିନ ବସିବା ପାଇଁ ଡକାଯାଇଥିବା ବେଳେ କୋରମ ଅଭାବରୁ ବୈଠକକୁ ବାତିଲି କରାଯାଇ ଆଜି ପୁନଶ୍ଚ କଣାସ ପଞ୍ଚାୟତ ସମିତି ସଭାଗୃହରେ ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର, ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ, ପ୍ରଣତି ଜେନା, ସାଂସଦ ପ୍ରତିନିଧି ରାମଚନ୍ଦ୍ର ବେହେରା, ଜିଲ୍ଲାପରିଷଦ ସଭ୍ୟ ଭିମସେନ ପାଇକରାୟ, ଆଇ.ଆଇ. ସି ରାକେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ ଲୋକ ପ୍ରତିନିଧି ଏବଂ ଜିଲ୍ଲାର ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ସର୍ବପ୍ରଥମେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବକୁ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦେବଙ୍କର ବିୟୋଗ ହୋଇଯାଇଥିବାରୁ ଆତ୍ମର ସଦ୍‌ଗତି ନିମନ୍ତେ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପୂର୍ବ ବୈଠକର ବିବରଣୀ ପାଠକରି ସାରିବା ପରେ ଗୃହିତ ହେବା ସମୟକୁ ପୂର୍ବ ବୈଠକରେ ନିଷ୍ପତ୍ତି ହୋଇଥିବା ବିଭିନ୍ନ ୭ଟି କମିଟିର ସ୍ଥାନ ପାଇଁଥିବା ପ୍ରତିନିଧିମାନଙ୍କୁ ଅଦଳ ବଦଳ କରିବାପାଇଁ କଣାସ




ସରପଞ୍ଚ ଭଗବାନ ସୁବୁଦ୍ଧି ଜିଦ୍ ଧରିଥିଲେ। କାହିଁକି ୭ଟି କମିଟିରେ ସମିତି ସଭ୍ୟମାନେ ରହିବେ ସରପଞ୍ଚ ଦୁଇରୁ ତିନି ଜଣଙ୍କୁ କାହିଁ କି ରଖାଯିବ ନାହିଁ, ପାଟିତୁଣ୍ଡ କରିବା ସହିତ ଜିଦ୍ ଧରିବାରୁ କେତେକ ସମିତି ସଭ୍ୟ ତାଙ୍କ ସହିତ ପ୍ରତିବାଦ କରିବାରୁ କିଛି ସମୟ ଧରି ଯୁକ୍ତିତର୍କ ଲାଗିରହିଥିଲା। ଏହାପରେ ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା ୨୨ମସିହା ଠାରୁ ହରିଶ୍ଚିଚନ୍ଦ୍ର ଯୋଜନା ଅର୍ଥ ସରପଞ୍ଚମାନଙ୍କ ନିକଟକୁ ଆସିନଥିବାରୁ ଦୀର୍ଘ ୩ବର୍ଷ ହେଲା ଯେଉଁ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ହରିଶ୍ଚନ୍ଦ୍ର ପଇସା ସରପଞ୍ଚ ମାନେ ଖାଇଯାଉଛନ୍ତି ବୋଲି ପଞ୍ଚାୟତର ଲୋକମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିବା ଦର୍ଶାଇ ଥିଲେ। ଏହି ଅର୍ଥକୁ ନେଇ ସରପଞ୍ଚ ଓ ବିଡିଓଙ୍କ ମଧ୍ୟରେ କଥାକଟାକଟି ଚାଲିଥିଲା। ଏହାପରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଅଭିଯୋଗ କରିଥିଲେ।

ବନ ବନ ବିଭାଗ ପକ୍ଷରୁ କଣାସ ବ୍ଲକର ବିଭିନ୍ନ ପଞ୍ଚାୟତର ବିଭିନ୍ନ ରାସ୍ତାରେ ଗଛ ଲଗାଯାଇଥିବା ଦର୍ଶା କୋଟି କୋଟି ଟଙ୍କା ହରିଲୁଟ କରାଯାଇଥିବା ଦର୍ଶାଇବା ସହିତ ଏକ କମିଟି କରି ତଦନ୍ତ କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆର୍କଣ କରିବାକୁ ଦାବି କରିଥିଲେ। କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କାଦୁଆ ସରପଞ୍ଚ ଦୁଃଶାନ ସ୍ୱାଇଁ ଅଭିଯୋଗ କରିଥିଲେ ଯେ କଣାସ ବ୍ଲକରେ କେଉଁ ବିଭାଗର କେତୋଟି ପାସ୍ ବୁକ୍ ଅଛି କେତେଟଙ୍କା ସୁଧ ମିଳିଛି ସେ ସମ୍ପର୍କରେ ପ୍ରତି ସମିତି ବୈଠକରେ ବିଡିଓଙ୍କୁ ପଚାରିଲେ ମଧ୍ୟ ବିଡିଓ ସଠିକ୍ ଉତ୍ତର ଦେଉନାହାନ୍ତି। ଆଜିର ବୈଠକରେ ମଧ୍ୟ ବିଡିଓ ସଠିକ୍ ଉତ୍ତର ଦେପାରିନଥିଲେ। ୨୦୨୩-୨୪ମସିହାର ୧୫ତମ ସି.ଏଫ.ସି ଏବଂ ୫ମ ଏସ୍.ଏଫ.ସି ୧କୋଟି ୧୭ଲକ୍ଷ ଟଙ୍କା ଏବଂ ୨୦୨୪-୨୫ମସିହାର ୧୫ତମ ସି.ଏଫ.ସି ଏବଂ ୫ଏସ୍.ଏଫ.ସି ୧କୋଟି ୧୭ଟକ୍ଷ ଟଙ୍କା ଥିଲେ ମଧ୍ୟ ତାହା ବଣ୍ଟା ଯାଇନଥିବାରୁ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଆଜି ବୈଠକରେ ବନବିଭାଗ, ଜଙ୍କିଆ ବିଦ୍ୟୁତ୍ ଡିଭିଜନ ଅଧିକାରୀ, ଖୋର୍ଦ୍ଧା ଜଳ ସେଚନ ବିଭାଗ ଅଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପୁରୀ ଅଧିକାରୀ, ଉଠା ଜଳ ସେଚନ ବିଭାଗ ଅଧିକାରୀ, ଡ୍ରେନେଜ୍ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ ଭୁବନେଶ୍ୱର ଅନୁପସ୍ଥିତ ରହିଥିବାରୁ ଏମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସରପଞ୍ଚ ଓ ସମିତି ସଭ୍ୟମାନେ ଦାବିକରିଥିଲେ।



# ଗାନ୍ଧିଜୀଙ୍କ ଦର୍ଶନ ସାରା ବିଶ୍ୱକୁ ପ୍ରଭାବିତ କରିଛି

**ସାରସ୍ୱତ ବିଦ୍ୟାର୍ଥୀ ହେଲେ ସମ୍ମାନିତ**

**ଢେଙ୍କାନାଳ/ଭୁବନ, ୩।୧୦ (ସଂଚାର ବ୍ୟୁରୋ):** ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓଡିଶ ପକ୍ଷରୁ ଆୟୋଜିତ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ସଂଯୋଜକ ବିମଳ କୁମାର ରଣା ଓ ବିଦ୍ୟାଳୟର ସଭାପତି ମନମୋହନ ମହାନ୍ତଙ୍କ ପୌରହିତ୍ୟ ଅନୁଷ୍ଠିତ ହୋଇ ଯାଇଛି. ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଅରବିନ୍ଦ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ରାଧାଶ୍ୟାମ ଖିଲାର, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଐଶ୍ୱର୍ଯ୍ୟା ଲକ୍ଷ୍ମୀ ତ୍ରିପାଠୀ ଯୋଗ ଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନ, ମାନବିକ ମୂଲ୍ୟବୋଧ, ନୈତିକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୂର୍ବ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ପ୍ରତାପ କୁମାର ସାହୁ, କବିତା ପୃଷ୍ଟି, ସାମ୍ବାଦିକ ପ୍ରିୟବ୍ରତ ବାରିକ, ସମାଜସେବୀ ନାରାୟଣ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଛବିଳ ପରିଡା।

# ଯାଜପୁରରେ ନୂତନ ଏସ୍‌ପିଙ୍କ ଯୋଗଦାନ

**ଯାଜପୁର, ୩।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ନୂତନ ଏସପି ଭାବେ କାର୍ଯ୍ୟରେ ଯୋଗଦେଲେ ଯଶ ପ୍ରତାପ ଶ୍ରୀମଲ। ଆଜି ପ୍ରଥମ ଦିନରେ ପାଣିକୋଇଲି ସ୍ଥିତ ପୋଲିସ୍ ମୁଖ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି। ଦାୟିତ୍ୱ ଗ୍ରହଣ ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ



ମା ବିରଜାଙ୍କ ମନ୍ଦିର ଗସ୍ତ କରି ମା'ଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ନେଇଛନ୍ତି। ସୂଚନା ଯୋଗ୍ୟ ଯେ ଏଥିପୂର୍ବରୁ ଯାଜପୁର ଜିଲ୍ଲାର ଏସପି ଦାୟିତ୍ୱରେ ଥିବା ଭିନିତ ଅଗ୍ରୱାଲ ଏଠାରୁ ଦାୟିତ୍ୱ ଅର୍ପଣ କରି ପୁରୀ ଏସପି ଭାବେ ଯୋଗଦେଇଛନ୍ତି। ନୂତନ ଏସପି କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# ଆତ୍ମା ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା

**ରାଜନଗର, ୩।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୃଷି କାର୍ଯ୍ୟାଳୟରେ ଆତ୍ମା ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ପରିବା ଓ ଫୁଲ ଚାଷ ପାଇଁ ସହାୟତା ରାଶି ପ୍ରଦାନ କରାଯାଇଛି। ଆତ୍ମାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପରିବା, ଫୁଲ ଓ ଫଳ ଚାଷ ପାଇଁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ସାତଟି ସ୍ୱୟଂ ସହାୟକ ଗୋଷ୍ଠୀ କୁ ୧୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରିଣୀ ଯୁଗସ୍ମିତା ପାତ୍ର, ବିଟିଟି ଦେବବ୍ରତ ସେଠୀ, ବିଟିଏମ ଶୈଳେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**କେନ୍ଦ୍ରାପଡା, ୩।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ବିଭାଗରେ ଇନ୍ସପେକ୍ଟର ସ୍ତରରେ ଅଦଳ ବଦଳ କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟର ଡିଏଚ୍‌ଆରପିସି ସେକ୍ସନରେ ଥିବା ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟାୟତଙ୍କୁ ମାର୍ଶାଘାଇ ଥାନାକୁ ବଦଳି କରାଯାଇଥିବା ବେଳେ ମାର୍ଶାଘାଇ ଥାନାରେ ଥିବା ଇନ୍ସପେକ୍ଟର ପ୍ରଜ୍ଞାପରମିତା ଜେନାଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି ସଦର ଥାନା ଇନ୍ସପେକ୍ଟର ସରୋଜ କୁମାର ସାହୁଙ୍କୁ ପୁଲିସ ମୁଖ୍ୟାଳୟର ଆଇୟୁସିଏଡବ୍ଲ୍ୟୁ ସେକ୍ସନକୁ ବଦଳି କରାଯାଇଥିବା ବେଳେ ମହାକାଳପଡ଼ା ଥାନା ଇନ୍ସପେକ୍ଟର ବିମଳ କୁମାର ମଲ୍ଲିକଙ୍କୁ ସଦର ଥାନାକୁ ବଦଳି କରାଯାଇଛି। ପୁଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଧୀରଜ ଲେଙ୍କାଙ୍କୁ ମହାକାଳପଡ଼ା ଥାନାକୁ ବଦଳି କରାଯାଇଥିବା କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ ସୂଚନା ଦେଇଛନ୍ତି।

# ନିପୂଣ ଓଡ଼ିଶା ମିଶନର ଜିଲ୍ଲାସ୍ତରୀୟ ଉନ୍ମୋଚନ

**ଜଗତସିଂହପୁର, ୩।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ସମଗ୍ର ଶିକ୍ଷା ବିଭାଗ ମିଳିତ ଆନୁକୁଲ୍ୟରେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ନିପୂଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭ ଉନ୍ମୋଚନ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ଅଧ୍ୟକ୍ଷ ମନୋଜ କୁମାର ଭୋଇ ପ୍ରାଥମିକ ଶିକ୍ଷାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ପ୍ରାଥମିକ ଶିକ୍ଷାକୁ ଅଗ୍ରାଧିକାର ଦେଇ ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ସୃଜନତ୍ମକ ଶିକ୍ଷଣ ଶୈଳୀ ଦ୍ୱାରା ଶିକ୍ଷାଦାନ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ନିପୁଣ ଓଡ଼ିଶା ମିଶନ ଲୋଗୋ, ଲିଫଲେଟ ଓ ସଙ୍ଗୀତର ଶୁଭ ଉନ୍ମୋଚନ କରାଯାଇଥିଲା



ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ସଭ୍ୟ ସଭ୍ୟା, ବ୍ଲକର ଅଧ୍ୟକ୍ଷ,ଜିଲ୍ଲାର ସମସ୍ତ ବ୍ଲକର ଶିକ୍ଷା ଅଧିକାରୀ, ସମ୍ବଳ ଅଧିକାରୀ,ପ୍ରଧାନ ଶିକ୍ଷକ ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ, ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଙ୍କ ମତରେ ପ୍ରାଥମିକ ସ୍ତରରେ ଛାତ୍ର ଛାତ୍ରୀମାନଙ୍କ ମୂଳଦୁଆ ସୁଦୃଢ଼ା ଏହି କାର୍ଯ୍ୟକ୍ରମ ବ୍ଲକ, ସ୍କୁଲ ଓ କ୍ଲଷ୍ଟର ସ୍ତରରେ ମଧ୍ୟ ଉନ୍ମୋଚନ ହେବା ଏଥିରେ ବ୍ଲକସ୍ତରୀୟ କ୍ଷେତ୍ରୀୟ ଅଧିକାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ଅଭିଭାବକ ଓ ଶିକ୍ଷକ ବୈଠକ ନିୟମିତ ବ୍ୟବଧାନରେ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ।

ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ମଲ୍ଲିକ ନିପୁଣ ଓଡ଼ିଶାର ଉଦ୍ଦେଶ୍ୟ, ଏହାର କାର୍ଯ୍ୟକାରିତା ଓ କ୍ରିୟାନ୍ୱୟନ ଉପରେ ବିଶେଷ ଭାବରେ ଆଲୋକପାତ କରି ରାଜ୍ୟ ସରକାର ଉକ୍ତ କାର୍ଯ୍ୟକ୍ରମକୁ ସେପ୍ଟେମ୍ବର ୫ ପବିତ୍ର ଗୁରୁଦିବସ ଦିନ ରାଜ୍ୟସ୍ତରରେ ଶୁଭାରମ୍ଭ କରିଥିଲେ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କର ମୌଳିକ ସାକ୍ଷରତା, ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନ ପରିପ୍ରକାଶ ପାଇବ। ସେମାନେ ଯୋଗ, ବିୟୋଗ, ଗୁଣନ ଓ ହରଣ ଠିକ ଭାବେ କରିପାରିବେ । ଶୁଭେନ୍ଦୁ ବରାଳ, ସିନିୟରଟିସି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ କଣ୍ଟାବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ପଦରଜ ଉମାକାନ୍ତ ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶୈକ୍ଷିକ ଓ ସଂଯୋଜକ, ତପନ କୁମାର ନନ୍ଦ କାର୍ଯ୍ୟକ୍ରମ ରେ ସହାୟତା କରିଥିଲେ ।

# କୃଷି ଯନ୍ତ୍ରପାତିର ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ଆଜି କୃଷି ଭବନସ୍ଥିତ ଅଡିଟୋରିୟମରେ କୃଷି ଯନ୍ତ୍ରପାତି ନିର୍ମାତାଙ୍କ ସମାବେଶ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନିର୍ମାତାମାନେ ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ କୃଷି ଯନ୍ତ୍ରପାତି ମେଳା ଆଞ୍ଚଳିକ ସ୍ତରରେ ବ୍ରହ୍ମପୁର, ବଲାଙ୍ଗିର, କୋରାପୁଟର ଜୟପୁର ଓ କେଉଁଝରରେ ଅନୁଷ୍ଠିତ ହେବ । ସେହିଭଳି ଜିଲ୍ଲାସ୍ତରରେ ଓ ଉପଖଣ୍ଡ ସ୍ତରରେ ମଧ୍ୟ କ୍ରମ ଅନୁଯାୟୀ ଏହି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଓଡ଼ିଶାରେ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ । ତେଣୁ ସେମାନଙ୍କ ହିତକୁ ଦୃଷ୍ଟିରେ ରଖି ନିର୍ମାତାମାନେ ଆବଶ୍ୟକୀୟ କୃଷି ଯନ୍ତ୍ରପାତି ନିର୍ମାଣ କରିବା ଦରକାର ଏବଂ ସେହି କମ୍ପାନୀଗୁଡ଼ିକ ନିଜର ବିକ୍ରୟ ତଥା ମରାମତି କେନ୍ଦ୍ର ନିକଟରେ ଖୋଲିବାକୁ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି। ଯାହାଦ୍ୱାରା ଚାଷୀ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ମରାମତି ସୁବିଧା ପାଇପାରିବେ ବୋଲି ସମାବେଶରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ନିର୍ମାତାମାନେ ଉତ୍କୃଷ୍ଟ ମାନର ଯନ୍ତ୍ରପାତି ଗ୍ରାହକଙ୍କୁ ଯୋଗାଇ ଦିଅନ୍ତୁ । ଅବଶ୍ୟକସ୍ଥଳେ ଏକାଧିକ ଚାଷୀଙ୍କୁ ଭଡା ସୂତ୍ରରେ ଏହି ଯନ୍ତ୍ରପାତି ଯୋଗାଇ ଦେଇପାରିବେ । ଏହି ସବୁ ଯନ୍ତ୍ରପାତିର ନିର୍ମାଣ ଓଡ଼ିଶାରେ କରାଗଲେ ଉଭୟ ଓଡ଼ିଶାବାସୀ ଓ ଚାଷୀ ଉପକୃତ ହେବେ। ଏଥିନିମନ୍ତେ ସରକାର ଆବଶ୍ୟକ ପ୍ରୋତ୍ସାହନ ମଧ୍ୟ ଯୋଗାଇ ଦେଉଛନ୍ତି । କୃଷି କ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କୃଷକ ସଶକ୍ତ ହେବେ ଓ ସେମାନଙ୍କ ଉତ୍ପାଦନରେ ମଧ୍ୟ ବୃଦ୍ଧି ହେବ । ପୂର୍ବବର୍ଷ କୃଷି ଯନ୍ତ୍ରପାତି ବିକ୍ରୟରେ ୬୨୫ କୋଟି ଟଙ୍କାର ସବସିଡି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି। କୌଣସି ପ୍ରକାର ଦୁର୍ନୀତିରେ ଶୂନ୍ୟ ସହନଶୀଳତା ନୀତି ଆପଣା ଯିବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ପ୍ରକାଶ କରିଥିଲେ । ଏହାର ସମ୍ପୂର୍ଣ୍ଣ ପଦ୍ଧତି ଅନଲାଇନ ଜରିଆରେ କରାଯିବ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସବସିଡ଼ି ଯୋଗାଇ ଦିଆଯିବ। ବର୍ତ୍ତମାନ କୃଷି ବିଦ୍ୟୁତ ଇନ୍‌ପୁଟ ହେକ୍ଟର ପିଛା ୨.୭୬ କିଲୋ ୱାଟ ରହିଥିବାବେଳେ ୨୦୩୦ ସୁଦ୍ଧା ଓଡ଼ିଶାର ଲକ୍ଷ୍ୟ ହେକ୍ଟର ପିଛା ୪ କିଲୋ ୱାଟ ରହିଛି ବୋଲି ଡ. ପାଢ଼ୀ କହିଥିଲେ । କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ବୈଠକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିବାବେଳେ ମୁଖ୍ୟଯନ୍ତ୍ରୀ ଇଂ ମୁକ୍ତିକାନ୍ତ ମହାପାତ୍ର ଆବେଦନ ପ୍ରକ୍ରିୟା ଓ ଯନ୍ତ୍ରପାତି ମେଳାରେ ଅଂଶଗ୍ରହଣ ବିଷୟରେ ଉପସ୍ଥାପନା କରିଥିଲେ । ଶେଷରେ କୃଷି ଯନ୍ତ୍ରପାତି ନିର୍ମାତାମାନେ ଉପମୁଖ୍ୟମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କ ସହ ସେମାନଙ୍କର ସମସ୍ୟା ନେଇ ଆଲୋଚନା କରିଥିଲେ। ସମାବେଶରେ କୃଷି ବିଭାଗର ବହୁ ବରିଷ୍ଠ ଅଧିକାରୀ ସମେତ ଇଂଜିନିୟର ଓ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କୃଷି ଯନ୍ତ୍ରପାତି ନିର୍ମାତାମାନେ ଉପସ୍ଥିତ ଥିଲେ ।

## ତୈଳବୀଜ ଉପରେ ଜାତୀୟ ମିଶନକୁ ଅନୁମୋଦନ କଲା କେନ୍ଦ୍ର କ୍ୟାବିନେଟ୍



**ନୂଆଦିଲ୍ଲୀ, ୩।୧୦:** ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଘରୋଇ ତୈଳବୀଜ ଉତ୍ପାଦନ ବୃଦ୍ଧି ଏବଂ ଖାଇବା ତେଲରେ ଆତ୍ମନିର୍ଭରଶୀଳତା (ଆତ୍ମନିର୍ଭର ଭାରତ) ହାସଲ କରିବା ଉଦ୍ଦେଶ୍ୟରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଖାଇବା ତେଲ - ତୈଳବୀଜ ଉପରେ ଜାତୀୟ ମିଶନ (ଏନଏମଇଓ-ତୈଳବୀଜ) କୁ ଅନୁମୋଦନ କରାଯାଇଛି। ୨୦୨୪-୨୫ରୁ ୨୦୩୦-୩୧ ପର୍ଯ୍ୟନ୍ତ ୭ ବର୍ଷ ମଧ୍ୟରେ ୧୦, ୧୦୩ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହ ଏହି ମିଶନ କାର୍ଯ୍ୟକାରୀ ହେବ। ଏହି ଅଭିଯାନରେ ପ୍ରାଥମିକ ତୈଳବୀଜ ଉତ୍ପାଦନ ୩୯ ନିୟୁତ ଟନ୍ (୨୦୨୨-୨୩) ରୁ ୨୦୩୦-୩୧ ସୁଦ୍ଧା ୬୯.୭ ନିୟୁତ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏନଏମଇଓ-ଓପି (ଅଏଲ ପାମ) ସହିତ ମିଶି ଏହି ମିଶନ ୨୦୩୦-୩୧ ସୁଦ୍ଧା ଘରୋଇ ଖାଇବା ତେଲ ଉତ୍ପାଦନକୁ ୨୫.୪୫ ନିୟୁତ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଅଧିକ ଉତ୍ପାଦନକାରୀ ଅଧିକ ତୈଳ ଯୁକ୍ତ ବିହନ ପ୍ରଜାତି ଗ୍ରହଣ କୁ ପ୍ରୋତ୍ସାହିତ କରିବା, ଧାନ ଫସଲ ଅଞ୍ଚଳରେ ଚାଷକୁ ବିସ୍ତାର କରିବା ଏବଂ ଆନ୍ତଃଫସଲକୁ ପ୍ରୋତ୍ସାହିତ କରିବା ଦ୍ୱାରା ଏହା ହାସଲ କରାଯିବ। ଏହି ମିଶନ ଜିନୋମ ଏଡିଟିଂ ଭଳି ଅତ୍ୟାଧୁନିକ ବୈଶ୍ୱିକ ଜ୍ଞାନକୌଶଳ ବ୍ୟବହାର କରି ଉଚ୍ଚ ଗୁଣବତ୍ତା ବିଶିଷ୍ଟ ବିହନର ସାମ୍ପ୍ରତିକ ବିକାଶକୁ ଉପଯୋଗ କରିବ।

## ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତୀକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ବୁଝାମଣା



**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତିକରଣ ନେଇ କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଟ୍ରାଇବାଲ୍ ହେଲ୍ଥ ରିସର୍ଚ୍ଚ ଇନୋଭେସନ୍ ଆଣ୍ଡ ଭୋକେସନାଲ୍ ଏମପାୱାରମେଣ୍ଟ (ଥ୍ରାଇଭ୍) ଶୀର୍ଷକ ବୁଝାମଣା ପତ୍ରରେ କିଟ୍ ବିଶ୍ୱବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଓ ଜାପାଇଗୋ ପକ୍ଷରୁ ଡ. ସୋମେଶ କୁମାର ସ୍ୱାକ୍ଷର କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣା ଦ୍ୱାରା ଜନଜାତି ଗବେଷଣା, ସଂସ୍କୃତି ସଂରକ୍ଷଣ ଓ ଯୁବ ସଶକ୍ତିକରଣ ଦିଗରେ କାର୍ଯ୍ୟ କରିବା ସହ ଜନଜାତି ବର୍ଗର ଲୋକଙ୍କ ମଧ୍ୟରେ ଜଟିଳ ରୋଗ ଓ ସାମାଜିକ ସମସ୍ୟା ଦୂର କରିବା ଲକ୍ଷ୍ୟ ରହିଛି। ଏହି ଅବସରରେ କିସ୍ ପରିସରରେ ଟ୍ରାଇବାଲ୍ ହେଲ୍ଥ ଆଣ୍ଡ ରିସର୍ଚ୍ଚ (ସିଟିଏଚ୍ଆର୍) ଓ ସେଣ୍ଟର ଫର ଯୁଥ୍ ଇନୋଭେସନ୍ ଆଣ୍ଡ ଇନକ୍ଲୁସିଭ୍‌ନେସ୍ (ସିୱାଇଆଇଆଇ) ଭଳି ଦୁଇଟି ଗବେଷଣା କେନ୍ଦ୍ର ଉନ୍ମୋଚିତ ହୋଇଥିଲା। ଏହି ଦୁଇ କେନ୍ଦ୍ର ଜରିଆରେ ଜନଜାତି ଓ ଯୁବ ବିକାଶ କାର୍ଯ୍ୟ ଉପରେ ଗବେଷଣା କରାଯିବ। ବୁଝାମଣା ସମ୍ପର୍କରେ ଏକ ଭିଡ଼ିଓ ବାର୍ତ୍ତାରେ ସୂଚନା ଦେଇ ଜାପାଇଗୋ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲେସ୍‌ଲି ମାନ୍‌କୁସୋ କହିଲେ, ଏହି ବୁଝାମଣା ଫଳରେ ଉଭୟ କିଟ୍ ଓ କିସ୍ ସହ ଜାପାଇଗୋ ଜନଜାତି ସ୍ୱାସ୍ଥ୍ୟର ବିକାଶ, ଶୈକ୍ଷିକ ଭାଗୀଦାରି ଓ ଦକ୍ଷତା ବୃଦ୍ଧି ଆଦି ଦିଗରେ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ବୁଝାମଣା ଏକ ବୈଶ୍ୱିକ ଉଦାହରଣ ହେବ ଓ ଏହା ପରିବର୍ତ୍ତନର ଏକ ମଡେଲ୍ ହୋଇପାରିବ ବୋଲି ଲେସ୍‌ଲି କହିଥିଲେ। ଜାପାଇଗୋ ଗ୍ଲୋବାଲ୍ ପ୍ରୋଗ୍ରାମର ବରିଷ୍ଠ ଉପସଭାପତି ତଥା ଦେବୋରା ବୋସମେୟର କହିଲେ, ଏହି ବୁଝାମଣା ଦ୍ୱାରା ଯୁବଗୋଷ୍ଠୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଚାରଗତ କ୍ଷେତ୍ରରେ ଭବିଷ୍ୟତରେ ଆସିବାକୁଥିବା ଥିବା ସମସ୍ୟା ଓ ସମାଧାନ ଏହି କେନ୍ଦ୍ର ଦ୍ୱାରା କରାଯାଇପାରିବେ। ଡ. ସୋମେଶ କୁମାର କହିଲେ, ଏହି ଦୁଇଟି କେନ୍ଦ୍ର ଖୋଲାଯିବା ଦ୍ୱାରା ଜନଜାତି ସମାଜର ବ୍ୟାପକ ବିକାଶ ହୋଇପାରିବ।

## ଓଡିଶା ରାଜଭବନର ଗରିମା କ୍ଷୁଣ୍ଣ

### ଝାଡ଼ଖଣ୍ଡ ନିର୍ବାଚନ ପାଇଁ ରାଜଭବନ ପାଲଟିଛି ବିଜେପିର ୱାରରୁମ



**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ଗତ କିଛି ଦିନ ଭିତରେ, ଓଡ଼ିଶାର ରାଜଭବନ ଭିତରେ ଦେଖିବାକୁ ମିଳିଥିବା କିଛି ରାଜନୈତିକ ଗତିବିଧିକୁ ନେଇ ଆଜି ବିଜୁ ଜନତା ଦଳ ପକ୍ଷରୁ ଏହା ଉପରେ ପ୍ରଶ୍ନ ଉଠାଇବା ସଙ୍ଗେ ସଙ୍ଗେ, ଝାଡଖଣ୍ଡ ନିର୍ବାଚନ ପାଇଁ ଓଡିଶା ରାଜ ଭବନ ଏକ ୱାର ରୁମ ବା ରାଜନୈତିକ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଅଭିଯୋଗ କରାଯାଇଛି। ଏହି ରାଜନୈତିକ କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶା ରାଜ ଭବନର ଗାରିମା କ୍ଷୁଣ୍ଣ ହେଉଛି ବୋଲି କୁହାଯାଇଛି। ଆଜି ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ସୁଲତା ଦେଓ ଓ ସସ୍ମିତ ପାତ୍ର କହିଥିଲେ, ରାଜ ଭବନ ହେଉଛି ଏକ ଗାରିମାମୟ ସ୍ଥାନ ଓ ରାଜନୀତିରୁ ଊର୍ଦ୍ଧ୍ୱରେ, କିନ୍ତୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁଙ୍କ ରାଜ ଭବନକୁ ଆଗମନ ନିଶ୍ଚିତ ଭାବେ ପ୍ରଶ୍ନ ସୃଷ୍ଟି କରିଛି। ଶ୍ରୀମତୀ ଦେଓ କହିଥିଲେ, ହିମନ୍ତ ବିଶ୍ୱଶର୍ମା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଇ କହିଥିଲେ, ସେ ବ୍ୟକ୍ତିଗତ କାରଣରୁ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟିବାକୁ ଆସିଛନ୍ତି। କିନ୍ତୁ, ତାପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେତେବେଳେ ଝାଡ଼ଖଣ୍ଡ ଯାଇ ସେଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇଥିଲେ, ସେତେବେଳେ ବିଶ୍ୱଶର୍ମା ଓ ଭେଙ୍କିଆ ନାଇଡୁଙ୍କ ଗସ୍ତ ରାଜନୈତିକ କାରଣରୁ ଥିଲା ବୋଲି ସ୍ପଷ୍ଟ ହୋଇଥିଲା। ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଝାଡଖଣ୍ଡ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

## ବିସିଟିକୁ ସ୍ୱେଚ୍ଛାକୃତ ରକ୍ତଦାତା ସମ୍ମାନ ପ୍ରଦାନ

**କଟକ,୩।୧୦(ସଂଚାର ବ୍ୟୁରୋ):** ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା (ବିସିଟି)କୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନେଇ ରାଷ୍ଟ୍ରୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସରେ ସମ୍ମାନିତ କରାଯାଇଛି ।କଟକ କେନ୍ଦ୍ରୀୟ ରେଡ୍‌କ୍ରସ ନିର୍ଦ୍ଦେଶକ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ,କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ,ଡ଼କ୍ଟର କନକ ଲତା ଦେଈ,ସମ୍ବାଦ ଆମ ଓଡ଼ିଶାର ସଂପାଦକ ଅରବିନ୍ଦ ଦାସ,ରେଡକ୍ରସ୍ ଆୱାରନେସ କମିଟି ସଭାପତି ରଂଜନ ବିଶ୍ୱାଳ,ନଗର ବିଜେପି ସଭାପତି ଲଲାଟେନ୍ଦୁ ବଡୁ,ତହସିଲଦାର ସୁଜୟ କୁମାର, ରକ୍ତଭଣ୍ଡାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ବିସିଟି ପକ୍ଷରୁ ସହ ସମ୍ପାଦକ ଇଂ.ସୁରଜ୍ ବେହେରା ସମ୍ମାନ ଫଳକ,ପ୍ରଶସ୍ତି ପତ୍ର ଓ ଅଙ୍ଗବସ୍ତ୍ର ଗ୍ରହଣ କରିଥିଲେ । ଏହି ମହା ସଫଳତା ନେଇ ଟ୍ରଷ୍ଟ ପରିବାରକୁ ଅଧ୍ୟକ୍ଷ ଇଂ.ବିମଳ ଚନ୍ଦ୍ର, ସମ୍ପାଦକ ପ୍ରିନ୍ସ ନନ୍ଦ,ସଂଯୋଜକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ସମ୍ ହସ୍ପିଟାଲରେ ଅଗ୍ରଣୀ କାର ଟି-ସେଲ୍‌ଫ ଥେରାପି



**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର, ଅକ୍ଟୋବର ୩: ଓଡ଼ିଶାରେ ରକ୍ତ କର୍କଟ ରୋଗୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ଓ ହେମାଟୋ ଅଙ୍କୋଲଜିକାଲ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଅଗ୍ରଣୀ ହସ୍ପିଟାଲ୍ ଭାବେ ପରିଚିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍‌ରେ ଯୁଗାନ୍ତକାରୀ ଚିମେରିକ ଆଂଟିଜେନ୍ ରିସେପ୍ଟର-ଟି ସେଲ୍‌ଫ (କାର ଟି-ସେଲ) ଥେରାପି ଚିକିତ୍ସା ଉପଲବ୍ଧ ହୋଇଛି। ଏହି ଅଭିନବ ସେଲ୍‌ଫ ଓ ଜିନ୍ ଥେରାପି ଦ୍ୱାରା କର୍କଟ ସହ ଲଢ଼ିବା ପାଇଁ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ହସ୍ପିଟାଲର କ୍ଲିନିକାଲ୍ ହେମାଟୋଲଜି ଆଣ୍ଡ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଂଟ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ ସୂଚନା ଦେଇଛନ୍ତି। ମୟୁରଭଞ୍ଜ ଜିଲ୍ଲାର ଜଣେ ୧୫ ବର୍ଷୀୟା ଝିଅର ଶରୀରରେ ଏହି ଚିକିତ୍ସା ପ୍ରୟୋଗ କରାଯାଇଥିବା ବେଳେ ଏହା ଫଳପ୍ରଦ ହୋଇଛି ଏବଂ ସେ ସୁସ୍ଥ ଅଛି ବୋଲି ପ୍ରଫେସର ସାମଲ କହିଛନ୍ତି। ଏହି ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ରୋଗୀର ନିଜ କୋଷଗୁଡ଼ିକୁ ବ୍ୟବହାର କରାଯାଇ ଅନୁବଂଶିକ ରୂପରେ ଲାବାରୋଟୋରୀରେ ସଂଶୋଧିତ ତଥା ସଂଖ୍ୟା ବୃଦ୍ଧି କରାଯାଇ ପୁଣି ଥରେ ରୋଗୀର ଶରୀରରେ ପ୍ରବେଶ କରଯାଏ। ଏହି ଥେରାପି ବିଶ୍ୱ ସ୍ତରରେ ଖୁବ୍ ସଫଳ ହୋଇଥିବା ବେଳେ ବିଶେଷ ଭାବେ ଯେଉଁ ରୋଗୀମାନେ ଚିରାଚରିତ କର୍କଟ ଚିକିତ୍ସା ଓ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଂଟ ଦ୍ୱାରା ଉପକୃତ ହେଉ ନାହାନ୍ତି ସେମାନଙ୍କ ପାଇଁ ଖୁବ୍ ସହାୟକ ହେଉଛି। ଭାରତରେ ରୋଗୀମାନେ ଏହି ଚିକିତ୍ସା ଦ୍ୱାରା ଉପକୃତ ହୋଇପାରିବେ ବୋଲି ପ୍ରଫେସର ସାମଲ କହିଛନ୍ତି।

## କାୟା ବିସ୍ତାର କଲେଣି ଦେହଜୀବୀ ସରକାରଙ୍କ ପାଖରେ ନାହିଁ ତଥ୍ୟ

**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ସବୁଠି କାୟାବିସ୍ତାର କଲେଣି ଦେହଜୀବୀ। ଦଲାଦମାନେ ରାଜ୍ୟ ଓ ଦେଶ ବାହାରୁ ଦେହଜୀବୀ ଆଣି ବେପାର କରୁଛନ୍ତି। ହେଲେ ଏହି ଦେହଜୀବୀଙ୍କ ସଠିକ୍ ତଥ୍ୟ ରାଜ୍ୟ ସରକାରଙ୍କ ପାଖରୁ ରହୁନାହିଁ। ସରକାରଙ୍କ ତଥ୍ୟ କହୁଛି ବର୍ତ୍ତମାନ ରାଜ୍ୟର ୨୨ ଜିଲ୍ଲାରେ କାମ କରୁଛନ୍ତି ୧୦ ହଜାର ୨୧୦ ଜଣ ଦେହଜୀବୀ। ପ୍ରତି ୩୦ ଜଣଙ୍କ ମଧ୍ୟରୁ ଜଣଙ୍କୁ ଏଚ୍ଆଇଭି। ସର୍ବାଧିକ ୧୦୫୦ ଜଣ ଦେହବୀଜୀ ବାଲେଶ୍ୱର ଜିଲ୍ଲାରେ ଥିବା ସରକାର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଢେଙ୍କାନାଳ ଜିଲ୍ଲା ସବୁଠାରୁ କମ୍ ୧୫୦ ଦେହଜୀବୀ ଅଛନ୍ତି। ହେଲେ ଦେହଜୀବୀଙ୍କ ପାଇଁ କାମ କରୁଥିବା ଏକ ଏନଜିଓ ସଂସ୍ଥାର ରିପୋର୍ଟ କହୁଛି, କେବଳ ଭୁବନେଶ୍ୱରରେ ୫ ହଜାରରୁ ଅଧିକ ଦେହଜୀବୀ କାମ କରୁଛନ୍ତି।

୨୦୨୪ ମସିହାରେ ପୂର୍ବ ସରକାର ବିଧାନ ସଭାରେ ଦେଇଥିବା ତଥ୍ୟ କହୁଛି, ୨୦୨୩ ଶେଷ ସୁଦ୍ଧା ରାଜ୍ୟର ମାତ୍ର ୨୨ ଟି ଜିଲ୍ଲାରେ ଦେହଜୀବୀମାନେ କାର୍ଯ୍ୟ କରୁଛନ୍ତି। ବାକି ଜିଲ୍ଲାରେ କୌଣସି ଜଣେ ହେଲେ ବି ଦେହଜୀବୀ ନାହାନ୍ତି। ସରକାରୀ ତଥ୍ୟ ଅନୁସାରେ, ଅନୁଗୁଳରେ ୩୦୦ ଜଣ ଦେହଜୀବୀ ଅଛନ୍ତି, ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୧୦୫୦ ଜଣ, ଭଦ୍ରକରେ ୬୫୦ ଜଣ, ବଲାଙ୍ଗିରରେ ୪୫୦, କଟକରେ ୨୫୦, ଢେଙ୍କାନାଳରେ ୧୫୦, ଗଜପତିରେ ୩୫୦, ଗଞ୍ଜାମରେ ୫୫୦, ଜଗତସିଂହପୁରରେ ୨୫୦, ଯାଜପୁରରେ ୭୦୦, କେନ୍ଦ୍ରାପାରେ ୪୦୦, କଳାହାଣ୍ଡିରେ ୨୫୦, କନ୍ଧମାଳରେ ୩୫୦, କେନ୍ଦୁଝରରେ ୭୦୦, ଖୋର୍ଦ୍ଧାରେ (ଭୁବନେଶ୍ୱର) ୬୧୦, କୋରାପୁଟରେ ୭୫୦, ମାଲକାନାଗିରିରେ ୩୦୦, ମୟୁରଭଞ୍ଜରେ ୭୫୦, ନୟାଗଡ଼ରେ ୨୫୦, ନୂଆପଡାରେ ୫୦୦ ଜଣ, ପୁରୀ ୨୫୦ ଜଣ, ସୁନ୍ଦରଗଡ଼ରେ ୪୦୦ ଜଣ ଦେହଜୀବୀ କାମ କରୁଛନ୍ତି। ଏମାନେ କେଉଠି ରହୁଛନ୍ତି ? କେମିତି ବେପାର କରୁଛନ୍ତି ? କିଛି ନିର୍ଦ୍ଦିଷ୍ଟ ସ୍ଥାନ ଅଛି ନା ନାହିଁ ? ଏ ସବୁ ବିଷୟରେ ସରକାରଙ୍କ ପାଖରେ କେଣସି ତଥ୍ୟ ନାହିଁ। ଓଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ମସିତି (ଓଏସ୍ଏସିଏସ୍) ଜାତୀୟ ଏଡସ୍ ନିୟନ୍ତ୍ରଣ ସଂସ୍ଥା (ଏନ୍ଏସିଓ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଦଶୋବଳୀ ଓ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟରେ ଏଚ୍ଆଇଭି ଓ ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମମାନ କରୁଅଛନ୍ତି। ୧୦୨୧୦ ଜଣ ମହିଳା ଯୌନକର୍ମୀଙ୍କ ନିମନ୍ତେ ଲକ୍ଷ୍ୟ ଭେଦୀ ପ୍ରକଳ୍ପ ମାଧ୍ୟମରେ ଓଏସ୍ଏସିଏସ୍ ଏଚ୍ଆଇଭି ଓ ଏଡସ୍ ସମ୍ପର୍କିତ ସେବା ଓ ସୁବିଧା ଯୋଗାଇ ଆସୁଛି ବୋଲି ସରକାର କହୁଛନ୍ତି। ହେଲେ ଏବେ ଜଣାପଡୁଛି ଏହି ୧୦ ହଜାର ୨୧୦ ଜଣଙ୍କ ମଧ୍ୟାରୁ ୩୧୦ ଜଣ ଏଚ୍ଆଇଭି ସଂକ୍ରମଣ। ଏମାନଙ୍କ ମଧ୍ୟାରୁ କିଛି ଚିକିତ୍ସା ହେଉଥିବା ବେଳେ କିଛି ବେପାର କରୁଛନ୍ତି। ସରକାରଙ୍କ ହିସାବାରେ ବାଲେଶ୍ୱରରେଳ ସର୍ବାଧିକ ୧୦୫୦ ଜଣ ଦେହଜୀବୀ ଅଛନ୍ତି। ସେମାନେ ସବୁ ଓଶାର ନାଁ ପଶ୍ଚିମବଙ୍ଗର ତାର ହିସାବ ନାହିଁ। ସ୍ଥାନୀୟ ପ୍ରଶାସନ ପରୋକ୍ଷଭାବେ ସ୍ୱୀକାର କରିଛନ୍ତି, ପଶ୍ଚିମବଙ୍ଗ ଓ ବାଂଲାଦେଶରୁ ମହିଳା ଓ ଯୁବତୀମାନେ ଆସି ବାଲେଶ୍ୱରର ବିଭିନ୍ନ ଅଞ୍ଚଳରେ ରହୁଛନ୍ତି। କିଛି ଦିନ ରହିବା ପରେ କିଛି ସ୍ଥାନୀୟ ନେତାଙ୍କୁ ହାତ କରି ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ର ତିଆରି କରି ନେଉଛନ୍ତି। ତା'ପରେ ଦେହ ବେପାର କରୁଛନ୍ତି।

● ଖୋର୍ଦ୍ଧାଠୁ ଅଧିକ ଦେହଜୀବୀ ବାଲେଶ୍ୱରରେ



## ଖଣି ମନ୍ତ୍ରଣାଳୟର ୫୧୦ କାର୍ଯ୍ୟକ୍ରମ



**ନୂଆଦିଲ୍ଲୀ, ୩।୧୦:** ଖଣି ମନ୍ତ୍ରଣାଳୟ ଏହାର କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡ଼ିକ ସହାୟତାରେ ସ୍ୱଚ୍ଛତା ହିଁ ସେବା (ଏସଏଚଏସ) ୨୦୨୪ ଅଭିଯାନରେ ସକ୍ରିୟତାର ସହ ଅଂଶ ଗ୍ରହଣ କରିଛନ୍ତି। ସେମାନେ ସରକାରଙ୍କ ସମସ୍ତ ଆଭିମୁଖ୍ୟକୁ ଗ୍ରହଣ କରିବା ସହ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା, କ୍ଲିନଲିନେସ୍ ଟାର୍ଗେଟ ୟୁନିଟସ(ସିଟିୟୁ) ଗୁଡ଼ିକୁ ରୂପାନ୍ତର କରିବା ଏବଂ ସଫେଇ ମିତ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଚିହ୍ନଟ କରିବା ଆଦିରେ ବେଶ୍ ସଫଳ ହୋଇଛନ୍ତି। ମୋଟ ୫୧୦ଟି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇପାରିଛି। ୫୧ଟି ସିଟିୟୁର ରୂପାନ୍ତର କରାଯାଇପାରିଛି ଯେଉଁଠାରେ କି ଅବହେଳିତ ଗାର୍ବେଜ ପଏଣ୍ଟ ଗୁଡ଼ିକୁ ସ୍ୱଚ୍ଛ କରି ରୂପାନ୍ତର କରାଯାଇଛି। ମନ୍ତ୍ରଣାଳୟର ସମସ୍ତ କାର୍ଯ୍ୟାଳୟରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଦିଗରେ ଥିବା ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଉତ୍ସର୍ଗୀକୃତ ମନୋଭାବରେ ଏସଏଚଏସ ୨୦୨୪ ଅଭିଯାନରେ ସାମିଲ ହେବା ଉଦ୍ଦେଶ୍ୟରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ, ସଚିବ (ଖଣି) ଏବଂ ଅନ୍ୟ ଅଧିକାରୀମାନେ ଦେଶବ୍ୟାପୀ ଭୂ-ଐତିହ୍ୟ ଓ ଭୂ-ପର୍ଯ୍ୟଟନ ସ୍ଥଳକୁ ଗସ୍ତ କରିଛନ୍ତି।

## ପୂଜା ପେଣ୍ଡାଲରେ ପ୍ଲାଷ୍ଟିକ ମନା

**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ଆଉ ଦିନ କେଇଟା ପରେ ଦୁର୍ଗାପୂଜା। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମା'ଙ୍କ ଆଗମନକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଏସବୁ ଭିତରେ ବିଏମସି ପକ୍ଷରୁ ପୂଜାକୁ ନେଇ ଦିଆଯାଇଛି କଡ଼ା ନିର୍ଦ୍ଦେଶ। ଭୁବନେଶ୍ୱରରେ ପୂଜା ପେଣ୍ଡାଲରେ କୌଣସି ପ୍ରକାରର ପ୍ଲାଷ୍ଟିକ ବ୍ୟବହାର ହୋଇପାରିବ ନାହିଁ। ପୂଜା ପେଣ୍ଡାଲରେ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ମନା। ପେଣ୍ଡାଲ୍ ନିକଟରେ ଡଷ୍ଟବିନ୍ ରହିବ। ଅଳିଆ ନେବାକୁ ଦିନକୁ ଦୁଇ ଥର ଗାଡ଼ି ଯିବ। ଜୈବିକ ପଦ୍ଧତିରେ ପୂଜା ପେଣ୍ଡାଲ୍ ହେବ। ସବୁ ପୂଜା ମଣ୍ଡପରେ ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବ। ପୂର୍ବ ଥର ଭଳି ଏଥିର ମଧ୍ୟ ସମସ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯିବ। ଏହା ସହ ବିସର୍ଜନ ପାଇଁ ୫ଟି ଅସ୍ଥାୟୀ ଜଳାଶୟ ନିର୍ମାଣ କରାଯାଇଛି ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ପୂଜା ପୂର୍ବରୁ ରାଜଧାନୀର ରାଜରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେବେ ଏଗୁଡ଼ିକର ମରାମତି ଏବେ ଦ୍ରୁତଗତିରେ ଚାଲିଛି। ଏହାକୁ ନେଇ ମେୟର କହିଛନ୍ତି ଯେ ପୂଜା ପୂର୍ବରୁ ରାସ୍ତା ମରାମତି ନେଇ ଯେଉଁ ଡେଡ ଲାଇନ୍ ଦିଆଯାଇଥିଲା ପ୍ରବଳ ବର୍ଷା ଓ ପାଗ ଖରାପ କାରଣରୁ ତାହା ହୋଇପାରିନଥିଲା। ପାଗରେ ସୁଧାର ଆସିବା ପରେ ବୁଧବାର ଠାରୁ ଯୁଦ୍ଧ କାଳୀନ ଭିତିରେ କାମ ଆରମ୍ଭ ହୋଇଯାଇଛି। ପୂର୍ତ୍ତ ବିଭାଗ ଅଧିନରେ ଥିବା ରାସ୍ତା କାମ ସାରିବାକୁ ସେମାନଙ୍କୁ କୁହାଯାଇଛି। ତେଣୁ ସେମାନେ ମଧ୍ୟ କାମ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି।

## ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ, ୩।୧୦:** ରେଳ କର୍ମଚାରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୧୧, ୭୨, ୨୪୦ ରେଳ କର୍ମଚାରୀଙ୍କ ଲାଗି ୨୦୨୮.୫୭ କୋଟି ଟଙ୍କାର ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ୍ (ପିଏଲବି) ପ୍ରଦାନକୁ ଅନୁମୋଦନ ଓ ଘୋଷଣା କରିଛି। ରେଳ ଧାରଣା ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର (ଗାର୍ଡ), ଷ୍ଟେସନ୍ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ହେଲପର, ପଏଣ୍ଟମ୍ୟାନ୍, ମନ୍ତ୍ରଣାଳୟ ସ୍ତରୀୟ କର୍ମଚାରୀ ଏବଂ ଅନ୍ୟ ଗ୍ରୁପ୍ ଏକ୍ସସି କର୍ମଚାରୀଙ୍କ ଭଳି ରେଳ କର୍ମଚାରୀଙ୍କୁ ଏହି ରାଶି ପ୍ରଦାନ କରାଯିବ। ପିଏଲବିର ଦେୟ ରେଳବାଇର ପ୍ରଦର୍ଶନରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବା ପାଇଁ ରେଳ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରିଥାଏ। ଯୋଗ୍ୟ ରେଳ କର୍ମଚାରୀମାନଙ୍କୁ ପ୍ରତିବର୍ଷ ଦୁର୍ଗାପୂଜା/ ଦଶହରା ଛୁଟି ପୂର୍ବରୁ ପିଏଲବି ପ୍ରଦାନ କରାଯାଏ। ଚଳିତ ବର୍ଷ ମଧ୍ୟ ପ୍ରାୟ ୧୧.୭୨ ଲକ୍ଷ ଅଣଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ଦରମା ସହ ସମାନ ପିଏଲବି ରାଶି ପ୍ରଦାନ କରାଯାଉଛି। ପ୍ରତି ଯୋଗ୍ୟ ରେଳ କର୍ମଚାରୀଙ୍କୁ ସର୍ବାଧିକ ୧୭, ୯୫୧/- ଟଙ୍କା ପର୍ଯ୍ୟନ୍ତ ୭୮ ଦିନର ବେତନ ଦିଆଯିବ। ଉପରୋକ୍ତ ରାଶି ରେଳ କର୍ମଚାରୀ ଯଥା ରେଳ ଧାରଣା ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର (ଗାର୍ଡ), ଷ୍ଟେସନ୍ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ହେଲପର, ପଏଣ୍ଟମ୍ୟାନ୍, ମନ୍ତ୍ରଣାଳୟ ସ୍ତରୀୟ କର୍ମଚାରୀ ଏବଂ ଅନ୍ୟ ଗ୍ରୁପ୍ 'ସି' କର୍ମଚାରୀଙ୍କୁ ପ୍ରଦାନ କରାଯିବ। ୨୦୨୩-୨୦୨୪ ବର୍ଷରେ ରେଳବାଇର ପ୍ରଦର୍ଶନ ବହୁତ ଭଲ ଥିଲା। ଏହି ରେକର୍ଡ ପ୍ରଦର୍ଶନରେ ଅନେକ କାରଣ ଯୋଗଦାନ କରିଥିଲେ। ରେଳବାଇରେ ସରକାରଙ୍କ ଦ୍ୱାରା ରେକର୍ଡ କ୍ୟାପେକ୍ସ ପ୍ରୟୋଗ ଯୋଗୁଁ ଭିତ୍ତିଭୂମିରେ ଉନ୍ନତି, ପରିଚାଳନାରେ ଦକ୍ଷତା ଏବଂ ଉନ୍ନତ ଜ୍ଞାନକୌଶଳ ଇତ୍ୟାଦି ଅନ୍ତର୍ଭୁକ୍ତ।

## ବିଳିବିଳି ହେଉଛନ୍ତି ବିଜେଡି ନେତା

**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ୨୪ ବର୍ଷ କ୍ଷମତାରେ ରହିବା ପରେ ଏବେ କ୍ଷମତା ପଳାଇଥିବାରୁ ବିଜେଡି ନେତାଙ୍କର ମତିଭ୍ରମ ହୋଇଗଲାଣି। ସେମାନଙ୍କୁ ସାମାନ୍ୟ ସୌଜନ୍ୟତା ବୁଝାପଡୁନାହିଁ। ବିଜେଡିରେ ଦିନକୁ ଦିନ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି। ଭୁବନେଶ୍ୱରରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ନେତା ଓ କର୍ମୀମାନେ ଏବେ ଦଳ ଛାଡ଼ିବାରେ ଲାଗିଛନ୍ତି। ଏଥିରୁ ଧ୍ୟାନ ହଟାଇବା ପାଇଁ ବିଜେଡି ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିଳିବିଳି ହେଉଛି ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଏକ ପ୍ରେସ ବିବୃତିରେ ଦର୍ଶାଇଛନ୍ତି। ନିଜ ଘରେ ରାଜନୈତିକ ଅଶାନ୍ତିର ଅସନ୍ତୋଷ ଘଟୁଥିବାବେଳେ ରାଜଭବନକୁ "ଫୋପଡ" ପକାଇବାକୁ ବିଜେଡି ପ୍ରୟାସ କରୁଛି। ରାଜ୍ୟପାଳଙ୍କୁ ଅନ୍ୟ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀ ଭେଟିବା ସୌଜନ୍ୟତା ବା ବ୍ୟକ୍ତିଗତ ସମିଚୀନ ହୋଇପାରେ। ଏହି ସାକ୍ଷାତକୁ ନେଇ ବିଜୁ ଜନତା ଦଳର ଦୁଇ ଜଣ ସାଂସଦ ପ୍ରଶ୍ନ ଉଠାଇବାକୁ ଅସୌଜନ୍ୟତା କୁହାଯିବ। ଅତୀତରେ ନବୀନବାବୁଙ୍କୁ ଗୃହବନ୍ଦୀ କରି ଅଣଓଡିଆ ଅଫିସରମାନେ ରାଜ୍ୟରେ ଶାସନ ଚଳାଉଥିଲେ। ସେତେବେଳେ ଏହି କୁହାଳିଆ ସାଂସଦମାନେ ଜଣେ ନିର୍ଦ୍ଦିଷ୍ଟ ଅଣଓଡିଆ ଅଫିସରଙ୍କର "ପାଦଲେହନ" କରୁଥିଲେ। ଯେଉଁଥିପାଇଁ ରାଜ୍ୟପାଳଙ୍କ ସହ ଜଣେ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ଏବଂ ଆଲୋଚନାକୁ ନେଇ ଏଭଳି ଅବାନ୍ତର ଓ ଅଯୁକ୍ତିକ ପ୍ରଶ୍ନ କରିଛନ୍ତି ବୋଲି ମଲ୍ଲିକ ସୂଚନା ଦେଇଛନ୍ତି।

## ବିକୃତି ବନ୍ଦ,ରାଜ୍ୟ ଶିକ୍ଷାର ମାନ ବୃଦ୍ଧି ପାଇଁ ନିବେଦନ



**ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ) :** ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ବିବାଦକୁ ନେଇ ଆଜି ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛି ରେଭେନ୍ସା ହେରିଟେଜ ଫୋରମ୍। ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଡକ୍ଟର ଅରବିନ୍ଦ ବେହେରା, ଅର୍ଚ୍ଚନା ନାୟକ, ସୁଦର୍ଶନ ଦାସ, ବଦ୍ରି ନାରାୟଣ ମହାନ୍ତି, ସନ୍ତୋଷ ସେଠୀ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଫୋରମ୍ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଭେଟିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହଁ ଏବଂ ଏହାକୁ ନେଇ ଚାଲିଥିବା ବିତର୍କ ଦୁର୍ଭାଗ୍ୟଜନକ ବୋଲି ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ କହିଥିଲେ । ବିତର୍କ ନାମରେ ଓଡ଼ିଆ ଜାତିର ଇତିହାସକୁ କିଭଳି କଦର୍ଥ ଓ ବିକୃତ କରାଯାଉଛି, ସେ ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରେଭେନସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପରିବର୍ତ୍ତେ ତାକୁ କିଭଳି ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରାଯାଇ ପାରିବ ସେଥିପ୍ରତି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସହିତ ସମଗ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷା ଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ କିଭଳି ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି ତାକୁ ଅବତାରଣା କରିବା ସହିତ ଏହାର ସୁଧାର ପାଇଁ ରାଜ୍ୟପାଳଙ୍କୁ ପ୍ରତିନିଧି ଦଳ ନିବେଦନ କରିଛନ୍ତି । ରେଭେନ୍ସା ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ ଓଡିଶା ଜାତିର ଗର୍ବ ଓ ଗୌରବ। ଏହା ଏକ ଐତିହ୍ୟ ଅନୁଷ୍ଠାନ। ଓଡିଶା ଜାତିର ଅସ୍ମିତାର ଏହା ଏକ ନିଦର୍ଶନ । ଏହାର ନାମ ପରିବର୍ତ୍ତନ ପ୍ରସ୍ତାବ ଦୁର୍ଭାଗ୍ୟଜନକ ଓ ଏଥିରୁ ସମସ୍ତେ କ୍ଷାନ୍ତ ହେବା ଉଚିତ ବୋଲି ଡଃ ଅରବିନ୍ଦ ବେହେରା ରାଜ୍ୟପାଳଙ୍କୁ କହିବା ସହିତ ଏହାକୁ ନେଇ ଚାଲିଥିବା ବିତର୍କର ଅବସାନ ଘଟାଇବା ପାଇଁ ସେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଥିଲେ । ରାଜ୍ୟପାଳଙ୍କ ସହିତ ସାକ୍ଷାତ ଆଲୋଚନା ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ବୋଲି ହେରିଟେଜ ଫୋରମ୍‌ର ସଂଯୋଜକ ସୁଦର୍ଶନ ଦାସ ଜଣାଇଛନ୍ତି।

## ପାର୍ବଣ ବେପାର ଚୀନ୍ ସାମଗ୍ରୀ ହାଉଜାଉ

**ଭୁବନେଶ୍ୱର, ୩।୧୦:** ପାର୍ବଣଋତୁରେ ଏବେ ଲୋକେ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ସାମଗ୍ରୀ ଖରିଦ କରୁଥିବାବେଳେ ଇ-କମର୍ସ ସଂସ୍ଥାଗୁଡିକର କାରବାର ବଢ଼ିଛି। ତେବେ ଏହା ଜରିଆରେ ଚୀନ୍ ତିଆରି ସାମଗ୍ରୀଗୁଡିକ ବହୁଳମାତ୍ରାରେ ଲୋକଙ୍କ ନିକଟରେ ପହଞ୍ଚିବାରେ ଲାଗିଛି। ନିଜ ନିଜର ବ୍ୟବସାୟ ବୃଦ୍ଧିପାଇଁ ଇ-କମର୍ସ କମ୍ପାନୀଗୁଡିକ ବିଭିନ୍ନ ସାମଗ୍ରୀ ଉପରେ ମନୋଲୋଭା ରିହାତି ପ୍ରଦାନ କରୁଛନ୍ତି। ଏ ନେଇ ମାଳ ମାଳ ବିଜ୍ଞାପନ ବି ଦେଉଛନ୍ତି। ପୋଷାକ ଠାରୁ ଆରମ୍ଭକରି ଘରକରଣା ସାମଗ୍ରୀ, ଖେଳନା, ପ୍ରସାଧନ ସାମଗ୍ରୀ ସବୁକିଛି ଏମାନେ ଅନ୍‌ଲାଇନ୍ ଜରିଆରେ ବିକ୍ରି କରୁଛନ୍ତି। ହେଲେ ଲକ୍ଷ୍ୟ କରାଯାଉଛି ଯେ ଘରକରଣା, ଇଲେକଟ୍ରୋନିକ୍ସ ଓ ପ୍ଲାଷ୍ଟିକ ସାମଗ୍ରୀ ଆଦି ମଧ୍ୟରୁ ଅଧିକାଂଶ ହେଉଛି ଚୀନ୍ ନିର୍ମିତ। ଶସ୍ତାରେ ମିଳୁଥିବାରୁ ଲୋକେ ବହୁଳ ଭାବେ ଏହାକୁ ବରାଦ କରୁଛନ୍ତି। ତେଣୁ ପାର୍ବଣଋତୁରେ ଭାରତ ତିଆରି ସାମଗ୍ରୀ ଖରିଦ ପାଇଁ କେନ୍ଦ୍ର ସରକରେ ଯେତେ ଆହ୍ୱାନ ଦେଲେ ବି ଲୋକେ ଶସ୍ତାରେ ମିଳୁଥିବା ଚୀନ୍ ତିଆରି ସାମଗ୍ରୀଗୁଡିକୁ ଅଧିକ ମାତ୍ରାରେ ଖରିଦ କରୁଛନ୍ତି। ଆଗକୁ ଦୀପାବଳୀ ଆସୁଥିବାରୁ ଲୋକେ ରଙ୍ଗବେରଙ୍ଗର ଆଲୋକ ସହିତ ଘରସଜ୍ଜା ସାମଗ୍ରୀ ଖରିଦ କରୁଛନ୍ତି। ବଜାରରେ ମିଳୁଥିବା ସାମଗ୍ରୀ ଜରିଆରେ ଅନ୍‌ଲାଇନ୍‌ରେ ଅତ୍ୟନ୍ତ ଶସ୍ତା ଥିବା ଦର୍ଶାଯାଉଛି। ଏହି ଶସ୍ତାସାମଗ୍ରୀଗୁଡିକ ପ୍ରାୟତଃ ଚୀନ୍ ନିର୍ମିତ ରହୁଛି। ସେହିଭଳି ଅନ୍‌ଲାଇନ୍ ଜରିଆରେ ଯେତେ ପ୍ଲାଷ୍ଟିକ ତିଆରି ସାମଗ୍ରୀ ଆସୁଛି ତାହା ମଧ୍ୟରୁ ଅଧାରୁ ଅଧିକ ଚୀନ୍ ତିଆରି ସାମଗ୍ରୀ ରହୁଛି। ସେହିଭଳି ଶସ୍ତାରେ ମିଳୁଥିବା ବିଭିନ୍ନ ଇଲେକଟ୍ରୋନିକ ସାମଗ୍ରୀ ଯଥା ହାତଘଣ୍ଟା, ଇୟରଫୋନ୍ ଆଦି ବି ଚୀନ୍ ତିଆରି। ପୂର୍ବରୁ ଚୀନ୍ ନିର୍ମିତ ସାମଗ୍ରୀ ଉପରେ ' ମେଡ୍ ଇନ୍ ଚୀନ୍' ବୋଲି ଲେଖାଯାଉଥିବାବେଳେ ଏବେ ଚୀନ୍‌ର ବିଭିନ୍ନ କମ୍ପାନୀ ଅତି ଚତୁର ଭାବେ 'ମେଡ୍ ଇନ୍ ପିଆରସି' ବୋଲି ଉଲ୍ଲେଖ କରୁଛନ୍ତି। ପିଆରସିର ପୂରା ଅର୍ଥ ହେଉଛି ପିପୁଲ୍ସ ରିପବ୍ଲିକ ଅଫ୍ ଚାଇନା। ଏହାଦ୍ୱାରା ଆମର ଦେଶୀୟ କାରିଗରମାନେ ଲାଭାନ୍ୱିତ ହେବେ ଏବଂ ଭାରତର ଅର୍ଥ ଦେଶ ବାହାରକୁ ଯିବନାହିଁ। ହେଲେ ଚୀନ୍ ସାମଗ୍ରୀ ଉପରେ କଟକଣା ନଥିବା ଏବଂ ଇ-କମର୍ସ କମ୍ପାନୀଗୁଡିକ କେଉଁ ସାମଗ୍ରୀ ଭାରତ ତିଆରି ଓ କେଉଁ ସାମଗ୍ରୀ ଚୀନ୍ ତିଆରି ତାହା ଗ୍ରାହକମାନଙ୍କ ପାଇଁ ଖରିଦ ପୂର୍ବରୁ ସ୍ପଷ୍ଟଭାବେ ଉଲ୍ଲେଖ କରୁନଥିବାରୁ ଏବେ ଲୋକେ ଅଧିକ ପରିମାଣରେ ଚୀନ୍ ତିଆରି ସାମଗ୍ରୀ ଖରିଦ କରୁଛନ୍ତି। (ତଥ୍ୟ)



## ଜୀବନ ଅମୃତ ଅନୁଚିନ୍ତା

ସଫଳତାର ଶ୍ରେୟ-ଅନ୍ଧଲୋକ ସବୁ କର୍ମର ସଫଳତାର ଶ୍ରେୟ ନିଜକୁ ଦେଇ ସମ୍ପୂର୍ଣ୍ଣ କର୍ତ୍ତା ବୋଲି ବିବେଚନା କରୁଥିବା ବେଳେ ବିଜ୍ଞବ୍ୟକ୍ତି ସବୁ ସଫଳତାର ଶ୍ରେୟ କେବଳ ଇଶ୍ୱରଙ୍କୁ ହିଁ ଦିଏ।

SANCHAR
ସଂଚାର



# ଜାତିସଂଘର ଅସହାୟତା

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ବିଭିନ୍ନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ମିଳିତ ଜାତିସଂଘ ଗଠିତ ହୋଇଥିଲା। କିନ୍ତୁ ଏବେ ଏହା ଅନୁଭବ କରାଯାଉଛି ଯେ, ଜାତିସଂଘ ଏକ ପ୍ରଭାବଶୂନ୍ୟ ଏବଂ ମୂଲ୍ୟହୀନ ସଙ୍ଗଠନ ହୋଇଯାଇଛି। ଜାତିସଂଘ କେବଳ କିଛି ଧନୀ ରାଷ୍ଟ୍ର ବା ଶକ୍ତିଶାଳି ରାଷ୍ଟ୍ରଙ୍କ କ୍ଲବଘର ହୋଇଯାଇଛି। ବିଶ୍ୱର ୫ଟି ଦେଶକୁ ଭିଟୋ କ୍ଷମତା ଦିଆଯାଇଛି। ବାସ୍ତବରେ ଜିତସଂଘ ଗଠନର ମୂଳ ଉଦ୍ଦେଶ୍ୟ କେବଳ ସେହି ୫ଟି ଶାକ୍ତିଶାଳି ଦେଶ ଦ୍ୱାରା ନଷ୍ଟ ହୋଇଯାଇଛି। ସେମାନେ ଜାତିସଂଘକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଜାତିସଂଘ କେବଳ ଏକ ଦନ୍ତହୀନ ବାଘରେ ପରିଣତ ହୋଇଯାଇଛି। କୌଣସି ଯୁଦ୍ଧକୁ ରୋକିବାରେ ଆଜି ପର୍ଯ୍ୟନ୍ତ ଜାତିସଂଘ ସଫଳ ହୋଇ ନାହିଁ। ଏବେ ଇସ୍ରାଏଲ ଜାତିସଂଘକୁ ନିଜ ଦେଶରେ ପ୍ରବେଶ କରିବାକୁ ବାରଣ କରିଛି। ଏହା ଅର୍ଥ ଜାତିସଂଘ ପ୍ରତି ଇସ୍ରାଏଲର ସମର୍ଥନ ବା ସମ୍ମାନ ନାହିଁ। ଏହା ଉପରେ ଆସ୍ଥା ଏବଂ ବିଶ୍ୱାସ ନାହିଁ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସାରା ବିଶ୍ୱ ଲାଗି ବିପଦର କାରଣ ହୋଇଥିବା ବେଳେ ଜାତିସଂଘ ଯୁଦ୍ଧ ରୋକିବାରେ ସକ୍ଷମ ହୋଇନି। ଗାଜା ଉପରେ ଇସ୍ରାଏଲ ଆକ୍ରମଣକୁ ବର୍ଷେ ହୋଇଗଲାଣି। କିନ୍ତୁ ଜାତିସଂଘ ଏଥିରେ କେବଳ ନିରବ ଦ୍ରଷ୍ଟା ସାଜିଛି। ଏହା ଏକ ପ୍ରକାର ଅସହାୟ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଅନ୍ତର୍ଜାତୀୟ ବୈଠକରେ ଉଦବୋଧନ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ର ସଂସ୍କାର ଏବଂ ଏହାର ପୁନର୍ଗଠନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କରୋନା ମହାମାରୀ ବେଳେ ସ୍ୱାସ୍ଥ୍ୟ ସଙ୍ଗଠନର ଭୂମିକା ନିହାତି ବିବାଦୀୟ ଏବଂ ସମାଲୋଚିତ ହୋଇଥିଲା। କରୋନା ନେଇ ଏହା ଯଥେଷ୍ଟ ପୂର୍ବରୁ ବିଶ୍ୱ ସମୁଦାୟକୁ ଚେତାବନୀ ଦେବାର ଥିଲା। ଏହା ଦ୍ୱାରା ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଜୀବନ ରକ୍ଷା ହୋଇଯାଇଥାନ୍ତା। ସେହିପରି କରୋନାର ଉତ୍ପତ୍ତି ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅନୁସନ୍ଧାନ ଥିଲା ସନ୍ଦେହଜନକ ଓ ମୂଲ୍ୟହୀନ। ଚୀନକୁ ଘଷ୍ଟ ଘୋଡ଼ାଇବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ହୀନ ଉଦ୍ଦେଶ୍ୟକୁ ସମସ୍ତେ ଅନୁଭବ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ପୁନର୍ଗଠନ ନିମନ୍ତେ ମଧ୍ୟ ଦାବି କରିଛନ୍ତି। ଏହି ସଙ୍ଗଠନ ଗଠନର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଛି। ମୋଟ ଉପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘ ଯେଉଁ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯୁକ୍ରେନ-ରଷିଆ ଯୁଦ୍ଧ ଦୀର୍ଘଦିନ ଧରି ଲାଗି ରହିବା ଏଭଳି ଚିନ୍ତାଧାରାର ଯଥାର୍ଥତାକୁ ପ୍ରତିପାଦିତ କରୁଛି। ଯୁକ୍ରେନରେ ରଷିଆ ଆକ୍ରମଣକୁ ଅଢ଼େଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଯୁଦ୍ଧ ସରିବାର କୌଣସି ସଙ୍କେତ ମିଳିନାହିଁ। ଦୁଇ ପକ୍ଷ ମଧ୍ୟରେ ୪ଥର ଶାନ୍ତି ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି। ରୁଷ ରାଷ୍ଟ୍ରପତି ପୁଟିନ ଓ ଯୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ସମ୍ଭବ ହୋଇପାରିନାହିଁ। ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରମାନେ ରଷିଆ ଉପରେ କଠୋର ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ ଏହା ପୁଟିନଙ୍କୁ ପ୍ରଭାବିତ କରିପାରିନାହିଁ। ବରଂ ସେ ଅଧିକ କଠୋର ହୋଇଛନ୍ତି। ତେବେ ଯୁକ୍ରେନ ଯେପରି ସାହସର ସହିତ ରୁଷ ସେନାର ସାମନା କରିଛନ୍ତି ତାହା ପ୍ରଶଂସନୀୟ। କେହି ଆଶା କରିନଥିଲେ ଯେ, ଯୁଦ୍ଧ ଏତେ ଦିନ ଲାଗିବ। ଯୁକ୍ରେନ ଏକ ଅପେକ୍ଷାକୃତ ଛୋଟ ଦେଶ। ଏହାର ସାମରିକ ଶକ୍ତି ମଧ୍ୟ ରୁଷ ତୁଳନାରେ କିଛି ନୁହେଁ। ତେଣୁ ସମସ୍ତେ ଆଶା କରୁଥିଲେ ଯେ, ମାତ୍ର ସପ୍ତାହକ ମଧ୍ୟରେ ଯୁଦ୍ଧ ସରିଯିବ। ଯୁଦ୍ଧ ଯେତିକି ଲମ୍ବା ହେଉଛି କ୍ଷୟକ୍ଷତି ସେତିକି ଅଧିକ ହେଉଛି। ଯୁଦ୍ଧରେ ଯୁକ୍ରେନ ଏକରକମ ଛାରଖାର ହୋଇଗଲାଣି। ହଜାର ହଜାର ନିରୀହ ଜନତା ପ୍ରାଣ ହରାଇଲେଣି। ରୁଷର ବି କ୍ଷତି ହୋଇଛି। କିନ୍ତୁ ତାହା କେବଳ ସାମରିକ କ୍ଷେତ୍ରରେ। ଏହାର କୌଣସି ସାଧାରଣ ଜନତା ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇନାହାଁନ୍ତି କିମ୍ବା ଦେଶରେ କିଛି ସମ୍ପତ୍ତି ନଷ୍ଟ ହୋଇନି। ଯୁଦ୍ଧରେ ସାଧାରଣ ଜନତା ଯେପରି ବିଶେଷ ପ୍ରଭାବିତ ନହୁଅନ୍ତି ଏବଂ ସେମାନଙ୍କର ଧନଜୀବନ ହାନି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ବିଶ୍ୱବ୍ୟାପି ଏକ ସାଧାରଣ ମତ ରହିଛି। ପୁଟିନ କିନ୍ତୁ ଏହାକୁ ଉଲ୍ଲଂଘନ କରିଛନ୍ତି। ତେଣୁ ଆମେରିକା ରାଷ୍ଟ୍ରପତି ବାଇଡେନ ଯଥାର୍ଥରେ ତାଙ୍କୁ ଯୁଦ୍ଧ ଅପରାଧି ଭାବେ ବର୍ଣ୍ଣନ କରିଛନ୍ତି। ତାଙ୍କ ବିରୋଧରେ ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସରେ ମାମଲା ଚାଲିବା ଉଚିତ। ତେବେ ଆଇସିଜେ ଯୁଦ୍ଧ ବନ୍ଦ କରିବାକୁ ରଷିଆକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ପୁଟିନ ଖାତିର କଲେ ନାହିଁ। ଜାତିସଂଘ ସାଧାରଣ ପରିଷଦ ବୈଠକରେ ରୁଷର ଆକ୍ରମଣକୁ ନିନ୍ଦା କରି ପ୍ରସ୍ତାବ ଗୃହୀତ ହେଲା। ଜାତିସଂଘର ମାନବାଧିକାର ସୁରକ୍ଷା ପରିଷଦରେ ମଧ୍ୟ ନିନ୍ଦା ପ୍ରସ୍ତାବ ଗୃହୀତ ହେଲା। କିନ୍ତୁ ଏହା କିଛି ଫରକ ପକାଇଲା ନାହିଁ। ତେଣୁ ଆଗକୁ ଆଇସିଜେରେ ପୁଟିନଙ୍କ ବିରୋଧରେ ମାମଲା ରୁଜୁ ହେଲେ ମଧ୍ୟ ବିଶେଷ ଫରକ ପକାଇବ ନାହିଁ। ଏଭଳି ପରିସ୍ଥିତିରେ ଜାତିସଂଘ, ଆଇସିଜେ, ୟୁଏନଏଚଆରସି ଆଦି ପୁଣି ଥରେ ମୂଲ୍ୟହୀନ ସାବ୍ୟସ୍ତ ହୋଇଛି। ଦୁର୍ବଳ, ଛୋଟ ଦେଶକୁ ସୁରକ୍ଷା ପ୍ରଦାନ କରିବାକୁ ଜାତିସଂଘ ସକ୍ଷମ ବା ସମର୍ଥ ନୁହେଁ। ଏହାର ସ୍ଥିତି ପ୍ରତି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ସମୟ ଆସିଛି ଜାତିସଂଘର ପୁନର୍ଗଠନ ଏବଂ ଭୂମିକା ନେଇ ସବୁ ଗଣତାନ୍ତ୍ରିକ, ସଭ୍ୟ ରାଷ୍ଟ୍ରମିଶି ଚିନ୍ତା କରିବାର ଆବଶ୍ୟକତା ରହିଛି। ନଚେତ ଆଜି ଯୁକ୍ରେନରେ ଯାହା ହେଲା କାଲି ତାଇୱାନରେ ମଧ୍ୟ ତାହା ହେବ। ଆଫଗାନିସ୍ତାନ ଭଳି ଅନ୍ୟ ଦେଶରେ ମଧ୍ୟ ଆତଙ୍କବାଦୀମାନେ ଗଣତାନ୍ତ୍ରିକ ସରକାରକୁ ବିତାଡ଼ିତ କରି କ୍ଷମତା ଅକ୍ତିଆର କରିପାରନ୍ତି ଏବଂ ସ୍ୱେଚ୍ଛାଚାର ଚଳାଇପାରନ୍ତି। ତାଲିବାନ ଓ ଅଲକାଏଦା ଭଳି ଆତଙ୍କବାଦୀ ସଙ୍ଗଠନ ବିରୋଧରେ ପୁରା ବିଶ୍ୱ ଏକ ହେବା ଉଚିତ। ବର୍ତ୍ତମାନର ଜାତିସଂଘ ଏଥିପାଇଁ ସକ୍ଷମ ନୁହେଁ। କରୋନାର ଉତ୍ପତ୍ତି ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସଠିକ ତଥ୍ୟ ସଂଗ୍ରହ କରିପାରିଲା ନାହିଁ। ଏହାର କାରଣ ହେଲା ଚୀନର ଚାପ। ଚୀନର ଚାପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମୁଣ୍ଡ ନୁଆଁଇଲା। ଏଭଳି ସଙ୍ଗଠନ ଏବେ ଏକପ୍ରକାର ଏନଜିଓରେ ପରିଣତ ହୋଇଛି। ଏହାକୁ ସକ୍ରିୟ ଓ ପ୍ରଭାବଶାଳି କରିବାକୁ ହେଲେ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ପଡ଼ିବ। ଜାତିସଂଘ ଏବେ ଏକ ପ୍ରକାର ଅସହାୟ ହୋଇପଡ଼ିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଲାଗି ଏହା ଗଠିତ ହୋଇଥିଲା। କିନ୍ତୁ ଏହା ଏବେ ଅର୍ଥହୀନ ହୋଇପଡ଼ିଛି। ଜାତିସଂଘ ଗଠନର ମୂଳ ଉଦ୍ଦେଶ୍ୟ ବିଫଳ ହୋଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଜାତିସଂଗର ନିର୍ଦ୍ଦେଶକୁ ମାନିବା ଲାଗି ସବୁ ଦେଶକୁ ବାଧ୍ୟ କରାଯିବା ଉଚିତ। ନଚେତ ଏଥିପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯିବା ଉଚିତ। ଜାତିସଂଘ ସୁରକ୍ଷା ପରିଷଦରେ ଭିଟୋ କ୍ଷମତାପ୍ରାପ୍ତ ଦେଶର ବଡ଼ ଭାଇ ପଣିଆ ଏବଂ ଦାଦାଗିରିକୁ କ୍ଷୁର୍ଣ୍ଣ କରିବାକୁ ପଡ଼ିବ। ଯୁଦ୍ଧରେ କ୍ଷତିଗ୍ରସ୍ତ ଯୁକ୍ରେନକୁ କ୍ଷତିପୂରଣ ଦେବାକୁ ରୁଷକୁ ବାଧ୍ୟ କରାଯିବା ଉଚିତ। ଜାତିସଂଘରେ ରୁଷ ବିରୋଧରେ ଆହୁରି କଠୋର ନିନ୍ଦା ପ୍ରସ୍ତାବ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ନିଆଯିବା ଉଚିତ। କାରଣ ରୁଷର ଏହି ଆକ୍ରମଣ ଯୋଗୁଁ ସାରା ବିଶ୍ୱ କ୍ଷତିଗ୍ରସ୍ତ ହୋଇଛି। ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ବିଶ୍ୱ ସମୁଦାୟର ସୁରକ୍ଷା ଲାଗି ଜାତିସଂଘ ଏବେ ଅଣ୍ଟାଭିଡ଼ିବା ଉଚିତ। ନଚେତ ଏହାକୁ ଭାଙ୍ଗିଦିଆଯାଇ ଏକ ନୂତନ ସଙ୍ଗଠନ ଗଠିତ ହେବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅମାନ୍ୟ

*ମହାଶୟ,*

ନିକଟରେ ଓଡ଼ିଶା ହାଇକୋର୍ଟ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାରେ ରାସ୍ତା ଉପରେ ପୂଜା ତୋରଣ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏବେ ଦେଖାଯାଉଛି କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରରେ ଅନେକ ସ୍ଥାନରେ ପୂଜା ଲାଗି ରାସ୍ତା ଉପରେ ତୋରଣ କରାଯାଇଛି। ଏଥିପାଇଁ କଙ୍କ୍ରିଟ ବା ପିଚୁ ରାସ୍ତାକୁ ଖୋଳି ଦିଆଯାଉଛି। ପୂଜାରେ ଅସମ୍ଭବ ଭିଡ଼ ଦେଖାଯାଉଥିବା ବେଳେ ତୋରଣ ଲାଗି ରାସ୍ତା ଅବରୋଧ ହେଉଛି ଏବଂ ଭିଡ଼ ଆହୁରି ବଢ଼ିଯାଉଛି। କେହି ଏହାର ପ୍ରତିବାଦ କରିବାକୁ ମଧ୍ୟ ସାହସ କରିପାରୁ ନାହାଁନ୍ତି। ଫଳରେ ନାନା ପ୍ରକାର ସମସ୍ୟା ସୃଷ୍ଟି ହେଉଛି। କାହାର ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରତି ଭ୍ରୂକ୍ଷେପ ଥିବା ଭଳି ମନେ ହେଉନି। ବହୁ କଷ୍ଟରେ ଯେଉଁ ରାସ୍ତା ମରାମତି ବା ନିର୍ମାଣ ହେଉଛି ତାହାକୁ ଖୋଳି ଦିଆଯାଉଛି। କିନ୍ତୁ ପୂଜା ପରେ ଏହାକୁ ମରାମତି କରାଯାଉନି। ଯେଉଁମାନେ ରାସ୍ତା ଖୋଳି ପୂଜା ଲାଗି ତୋରଣ ନିର୍ମାଣ କରୁଛନ୍ତି ସେମାନଙ୍କଠାରୁ ଏଥିଲାଗି ଜୋରିମାନା ଆଦାୟ ହେବା ଉଚିତ ଏବଂ ଏହି ଜୋରିମାନା ଅର୍ଥରେ ପୂଜା ପରେ ତତ୍କାଳ ରାସ୍ତା ମରାମତି କରାଯିବା ଉଚିତ।

**ପ୍ରଭାସ କୁମାର ସେନାପତି, ପୁରୁଣା ଭୁବନେଶ୍ୱର**

# ଶିକ୍ଷକତା ଜୀବନର ପରବର୍ତ୍ତୀ ଅଧ୍ୟାୟ



**କିଶୋର ଚନ୍ଦ୍ର ବେହେରା**

ଗୁରୁ ନ ଥାଇ ତୁ ଅର୍ଜୁନ।
କାହୁଁ ପାଇବୁ ସଦଜ୍ଞାନ।।

ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଗୀତାରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଅଛି ଗୁରୁ-ଶିଷ୍ୟର ସଂପର୍କରେ। ଶିକ୍ଷାର୍ଥୀ-ଶିକ୍ଷକ-ଶିକ୍ଷାୟତନ ତ୍ରିଭୁଜ ଭଳି। ପ୍ରତ୍ୟେକ ପରସ୍ପରର ପରିପୂରକ। ଜଣକ ବିନା ଅନ୍ୟର ସ୍ଥିତି ନିରର୍ଥକ। ଗୁରୁ ହିଁ ଏକମାତ୍ର ବ୍ୟକ୍ତି ଯିଏ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରନ୍ତି। ଭଗବାନଙ୍କ ନିକଟରେ ପହଁଚିବାର ମାର୍ଗ ହେଉଛନ୍ତି ଗୁରୁ। କେବେ ଆକଟ ଭରା କଠୋର ଅନୁଶାସନ ତ କେବେ ଉତ୍ସାହପ୍ରଦ ପ୍ରେରଣା ଦେଇ ଜୀବନରେ ଆଗକୁ ବଢ଼ିବାର ବାଟ ଦେଖାନ୍ତି ଗୁରୁ ବା ଶିକ୍ଷକ। ଗୁରୁଙ୍କ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ ପର୍ବ ଗୁରୁ ଦିବସ। ଶିକ୍ଷା ଦିକ୍ଷା ପ୍ରତିଟି କ୍ଷେତ୍ରରେ ଗୁରୁଙ୍କର ମାର୍ଗଦର୍ଶନ ଜଣେ ବ୍ୟକ୍ତିକୁ କରାଏ ସଫଳ। ଶିକ୍ଷାନୁଷ୍ଠାନ ଗୁଡିକ ମଣିଷ ତିଆରି କାରଖାନା ଆଉ ସେହି କାରଖାନାରେ କାରିଗର ହେଉଛନ୍ତି ଶିକ୍ଷକ। ଜଣେ ଛାତ୍ରର ଭବିଷ୍ୟତ ଗଢ଼ିବାରେ ଶିକ୍ଷକମାନେ ବିଶ୍ୱକର୍ମାର ଭୂମିକା ଗ୍ରହଣ କରିଥାନ୍ତି। ବିଶ୍ୱକର୍ମାଙ୍କ ବିନା ଯେପରି ସୁନ୍ଦର କୋଣାର୍କ ନିର୍ମାଣ ଅସମ୍ଭବ। ସେହିପରି ଜଣେ ଶିକ୍ଷକ ବିନା ଜଣେ ସଫଳ ଛାତ୍ର ସୃଷ୍ଟି ହେବା ଅସମ୍ଭବ। ବିଶ୍ୱର ପ୍ରତ୍ୟେକ ଦେଶ ନିଜ ନିଜର ଶିକ୍ଷକମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଶିକ୍ଷକ ଦିବସ ପାଳନ କରିଥାନ୍ତି। ଆଗାମୀ ଭବିଷ୍ୟତକୁ ଗଢ଼ିବାରେ ଶିକ୍ଷକ ମାନଙ୍କର ଗରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ପିତାମାତାଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି ସେ ହେଉଛନ୍ତି ଶିକ୍ଷା ଗୁରୁ। ପିଲାର ଭବିଷ୍ୟତ ନ୍ୟସ୍ତ ଥାଏ ଶିକ୍ଷକଙ୍କ ଉପରେ। ଜାତିର ପିତା ମହାତ୍ମା ଗାନ୍ଧୀ କହୁଥିଲେ 'ଶିକ୍ଷକ ହିଁ ଛାତ୍ରର ମୂଳପୁସ୍ତକ'। ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଶିକ୍ଷକ ହେବା। ଡ଼ଃ ଏ.ପି.ଜେ. ଅବଦୁଲ କାଲାମ କହୁଥିଲେ, 'ସମାଜରୁ ଦୁର୍ନୀତି ହଟେଇବା କେବଳ ତିନି ଜଣଙ୍କ ଦ୍ୱାରା ସମ୍ଭବ ହୋଇଥାଏ, ସେମାନେ ହେଲେ 'ପିତା, ମାତା ଓ ଶିକ୍ଷକ'। ଶିଶୁଟିକୁ ଉଚିତ ମାର୍ଗରେ ଗଢ଼ିଲେ ସେ ପରବର୍ତ୍ତୀ ସମୟରେ ଭଲ ମଣିଷଟିଏ ହବ ଓ ଭଲ ପରିବାରଟି ଗଢ଼ିପାରିବ। ଭଲ ପରିବାରଟିଏ ଗଢ଼ିପାରିଲେ ଏକ ସୁସ୍ଥ ସମାଜ ଓ ସମୃଦ୍ଧଶାଳୀ ରାଷ୍ଟ୍ର ଗଠନ ସମ୍ଭବ ହେଇପାରିବ। ଶିକ୍ଷକ ମାନଙ୍କୁ ସମ୍ମାନ ପ୍ରଦାନ କରିବା ହେଉଛି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ପ୍ରଧାନ କର୍ତ୍ତବ୍ୟ। ସେମାନଙ୍କ ସମ୍ମାନାର୍ଥେ ଶିକ୍ଷକ ଦିବସ ପାଳନ ଆମ ସମାଜରେ ଶିକ୍ଷକ-ଛାତ୍ରଛାତ୍ରୀଙ୍କ ସମ୍ପର୍କକୁ ଆହୁରି ନିବିଡ଼ କରୁଛି।ରାଷ୍ଟ୍ରଗଠନରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ହୃଦୟଙ୍ଗମ କରି 'ୟୁନେସ୍କୋ' ତରଫରୁ ୧୯୯୪ ମସିହା ଠାରୁ ଅକ୍ଟୋବର ୫ ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରାଯାଏ। ଏହି ବିଶ୍ୱ ଶିକ୍ଷକ ଦିବସ ଅବସରରେ ସାରା ବିଶ୍ୱର ଲୋକେ ନିଜ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାଇଥାନ୍ତି।

ଉନବିଂଶ ଶତାବ୍ଦୀରେ ଅନେକ ଦେଶରେ ଶିକ୍ଷକ ଦିବସ ପାଳନ କରିବାର ଧାରଣା ଆରମ୍ଭ ହୋଇଥିଲା। ଅଧିକାଂଶ କ୍ଷେତ୍ରରେ ଜଣେ ସ୍ଥାନୀୟ ଶିକ୍ଷାବିତ୍ କିମ୍ବା ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ଅବଦାନକୁ ପାଳନ କରାଯାଇଥାଏ। ଏହି ପ୍ରାଥମିକ କାରଣରୁ ବିଭିନ୍ନ ଦେଶ ଏହି ଦିନକୁ ବିଭିନ୍ନ ତାରିଖରେ ପାଳନ କରିଥାନ୍ତି। ଯେପରି ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସେପ୍ଟେମ୍ବର ୫ ଜନ୍ମଦିନ ୧୯୬୨ ପରଠାରୁ ଗୁରୁ ଦିବସ ଭାବେ ପାଳନ କରାଯାଏ। ପାରମ୍ପରିକ ଭାବରେ ହିନ୍ଦୁମାନଙ୍କଦ୍ୱାରା ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଏ। ଆର୍ଜେଣ୍ଟିନା ୧୯୧୫ ମସିହାରୁ ସେପ୍ଟେମ୍ବର ୧୧ରେ ଡୋମିଙ୍ଗୋ ଫାଉଷ୍ଟିନୋ ସାର୍ମିଏଣ୍ଟୋଙ୍କ ମୃତ୍ୟୁ ଦିବସକୁ ଶିକ୍ଷକ ଦିବସ ଭାବରେ ପାଳନ କରିଆସୁଛି। ଇଣ୍ଡୋନେସିଆରେ ପ୍ରତ୍ୟେକ ବର୍ଷ ନଭେମ୍ବର ୨୫ ତାରିଖକୁ ଜାତୀୟ ଶିକ୍ଷକ ଦିବସ ଭାବରେ ପାଳନ କରାଯାଉଛି। ଏହି ଦେଶରେ ଗ୍ରାମାଞ୍ଚଳର ଶିକ୍ଷାର ବିକାଶ ଦିଗରେ ୧, ୬୦୦, ୦୦୦ ଜଣ ଶିକ୍ଷା ଦାନର କାର୍ଯ୍ୟଭାର ନିଜ ହାତକୁ ନେଇଛନ୍ତି। ପ୍ରତିବର୍ଷ ନଭେମ୍ବର ୨୦ ତାରିଖରେ ଭିଏତନାମ ସରକାର ଜାତୀୟ ଶିକ୍ଷକ ଦିବସ ପାଳନ କରି ଶିକ୍ଷାଦାନରେ ଲିପ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରିଥାନ୍ତି। ଶିକ୍ଷକଙ୍କ ରାଷ୍ଟ୍ର ଗଠନ ଓ ସମାଜକୁ ଦିଗଦର୍ଶନ ଦେବାରେ ସଦାସର୍ବଦା ତତ୍ପର, ସେମାନଙ୍କର ଉତ୍ସର୍ଗୀକୃତ ସଫଳତାକୁ



ସମ୍ମାନ ଜଣାଇବା ନିମନ୍ତେ ଚୀନ ସରକାର ସେପ୍ଟେମ୍ବର ୨୮ ତାରିଖ ଦିନ ପାଳନ କରନ୍ତି ଜାତୀୟ ଶିକ୍ଷକ ଦିବସ। ଚିଲିରେ ପ୍ରଫେସର ଡାଏ ଡେଲ ବା ଜାତୀୟ ଶିକ୍ଷକ ଦିବସ ପାଳନ କରାଯାଇଥାଏ ଅକ୍ଟୋବର ୧୬ ତାରିଖରେ, ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ଛାତ୍ରଛାତ୍ରୀ ସେମାନଙ୍କର ଆଦର୍ଶ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କବିତା ଓ ଗଳ୍ପ ରଚନା କରିଥାନ୍ତି। ଜାତୀୟ ଶିକ୍ଷକ ଦିବସକୁ ମାଲେସିଆରେ ପାଳନ କରାଯାଇଥାଏ 'ହରି ଗୁରୁ ଦିବସ' ରୂପେ ମେ ୧୬, ୧୯୫୬ ମସିହାରୁ ମହାଆଡମ୍ବରରେ ପାଳନ କରୁଛନ୍ତି ଛାତ୍ରଛାତ୍ରୀମାନେ। ସିଙ୍ଗାପୁରରେ ପବିତ୍ର ଜାତୀୟ ଶିକ୍ଷକ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧ ତାରିଖରେ ପାଳନ କରାଯାଏ, ଶିକ୍ଷକ ଦିବସ ପାଳନର ପୂର୍ବ ଦିନ ଶିକ୍ଷାନୁଷ୍ଠାନ ଗୁଡିକୁ ଦିତୀୟାର୍ଦ୍ଧରେ ଛୁଟି ଘୋଷଣା କରାଯାଏ ଶିକ୍ଷକ ଦିବସ ପାଳନକୁ ସରସ ସୁନ୍ଦର କରିବା ପାଇଁ ପୂର୍ବ ପ୍ରସ୍ତୁତି କରିଥାନ୍ତି। ଥାଇଲାଣ୍ଡ ଦେଶରେ ଜାତୀୟ ଶିକ୍ଷକ ଦିବସକୁ ୟାନ କୃ ନାମରେ ପାଳନ କରାଯାଇଥାଏ ଜାନୁଆରୀ ୧୬ ତାରିଖରେ। ଛାତ୍ରଛାତ୍ରୀମାନେ କେବଳ ପୁଷ୍ପଗୁଚ୍ଛ ଦେଇ ନିଜର ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥାନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କ ଭକ୍ତି ଓ ଶ୍ରଦ୍ଧାକୁ ପାଥେୟ କରି ସେମାନଙ୍କୁ ଆର୍ଶୀବାଦ କରିବା ସହ ଉତ୍ତମ ନାଗରିକ ହୋଇ ସୁନ୍ଦର ସମାଜ ଗଠନ କରିବା ନିମନ୍ତେ ପରାମର୍ ଦେଇଥାନ୍ତି।

ବ୍ୟକ୍ତିବିଶେଷର ଅଭିବୃଦ୍ଧି ଓ ବିକାଶ ପାଇଁ ଉଚ୍ଚଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହାକି ସମାଜର ବିକାଶରେ ସହାୟକ ହୋଇଥାଏ। ବିଭାଗୀୟ ତଥା ସାମାଜିକ ଅସନ୍ତୁଳନତାକୁ ସୁଧାରିବା, ଅନୁଷ୍ଠାନ ଗୁଡିକକୁ ପୁନର୍ଜୀବିତ କରିବା ଆନ୍ତର୍ଜାତିକ ସ୍ତରରେ ଉତ୍କର୍ଷତା ହାସଲ କରିବା ଓ ଜ୍ଞାନର ସୀମା ବିସ୍ତାର କରିବା ପାଇଁ ସମସ୍ତ ଆଶାୟୀଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ସମାନ ସୁଯୋଗ ପ୍ରଦାନ ଉଚ୍ଚଶିକ୍ଷା କ୍ଷେତ୍ରରେ ଆହ୍ୱାନ ହୋଇଥାଏ। ୧୯୯୦ - ୧୯୯୫ ମସିହା ପର୍ଯ୍ୟନ୍ତ ଜନତା ଦଳ ଶାସନ କାଳରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ରାଜ୍ୟରେ ଉଭୟ ଗଣଶିକ୍ଷା ଓ ଉଚ୍ଚଶିକ୍ଷାର ପ୍ରଗତି ପାଇଁ ଅନେକଗୁଡ଼ିଏ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠିତ ପାଇଁ ବିଭାଗ ପକ୍ଷରୁ ଅନୁମତି ପତ୍ର ପ୍ରଦାନ କରାଗଲା। ପରିଚାଳନା ସମିତି ଦ୍ୱାରା ନିଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କେଉଁଠି ସ୍ୱଳ୍ପ ବେତନରେ କାର୍ଯ୍ୟ ଆରମ୍ଭ କଲେଣି ତ ଆଉ କେଉଁଠାରେ ବିନାମୂଲ୍ୟରେ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଆଖି ଆଗରେ ରଖି ନିଷ୍ଠାପର ସହ କାମ କରିବାକୁ ଲାଗିଲେ। ଦୀର୍ଘ ୧୪ ବର୍ଷପରେ ଅର୍ଥାତ ୨୦୦୪ ମସିହାରେ ଗଣଶିକ୍ଷା ବିଭାଗ ପକ୍ଷରୁ ନୂତନ ବ୍ଲକ ଗ୍ରାଣ୍ଟ ଅନୁଦାନ ନୀତି ଘୋଷଣା କରାଗଲା। ଉଚ୍ଚଶିକ୍ଷା ନିମନ୍ତେ ୧୮ ବର୍ଷ ପରେ ଅର୍ଥାତ ୨୦୦୮ ମସିହାରେ ବିଜୁ ଜନତାଦଳର ସରକାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେସରକାରୀ ଅନୁଷ୍ଠାନ ମାନଙ୍କୁ ବ୍ଲକ ଗ୍ରାଣ୍ଟ ଅନୁଦାନ ନାମକ ନୂତନ ଅନୁଦାନ ନୀତି ଘୋଷଣା କଲେ। ନୂତନ ଭାବେ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସ୍ୱଳ୍ପ ବେତନରେ ପରିବାର ଭରଣପୋଷଣ କରିବା କଷ୍ଟସାଧ୍ୟ ହୋଇଥିବାରୁ ପୁନଶ୍ଚ ଆନ୍ଦୋଳନ ଫଳରେ ୨୦୧୭ ମସିହାରେ ନୂତନ ଅନୁଦାନ ନୀତି ଘୋଷଣା କରି ଶତପ୍ରତିଶତ ଅନୁଦାନ ରାଶି ଷଷ୍ଠ ବେତନ ହାରରେ ପ୍ରଦାନ କରାଗଲା। ଯେତେବେଳେ ରାଜ୍ୟର ସମସ୍ତ ସରକାରି କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା ମିଳୁଥିବା ବେଳେ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ୨୨୬ ଓ ୩୩୯ ବର୍ଗ ଉଚ୍ଚବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ଅଧିନରେ ୪୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ମାନଙ୍କୁ ସରକାରଙ୍କ ଘୋଷଣାକୁ ସମ୍ମତି ପ୍ରଦାନ କରିଥିଲା। ସରକାରଙ୍କ ଶୁଭ ଦୃଷ୍ଟିକୋଣରୁ ୨୦୨୨ ମସିହା ଜାନୁଆରୀ ପହିଲାରୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ କଲେ। ପୁନଶ୍ଚ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୨୦୧୪ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ କରିବା ନିମନ୍ତେ ମାର୍ଚ୍ଚ ୧୬ ତାରିଖରେ ତତ୍କାଳୀନ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଗଣଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ ଉଚ୍ଚବିଦ୍ୟାଳୟକୁ ଜାନୁୟାରୀ ପହିଲାରୁ ସପ୍ତମ ବେତନ ପ୍ରଦାନ କରାଯାଉଥିଲେ ମଧ୍ୟ ଏ ଯାବତ୍ ଉଚ୍ଚଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ ମହାବିଦ୍ୟାଳୟ ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସପ୍ତମ ବେତନ ପ୍ରଦାନ କରାଯାଇନାହିଁ। ଦୀର୍ଘ ୩୦ ରୁ ୩୫ ବର୍ଷ ଅଧ୍ୟାପନା କାର୍ଯ୍ୟରେ ନିୟୋଜିତ ଶିକ୍ଷକଟିଏ ଅବସର ନେଇ ଘରକୁ ଫେରେ ରିକ୍ତ ହସ୍ତରେ କେବଳ ସାଥିରେ ନେଇକରି ଯାଏ ନିଜ ହାତରେ ଗଢ଼ି ତୋଳିଥିବା ଶିଶୁ ମାନଙ୍କର ଭଲପାଇବା। ସରକାରଙ୍କର ବିଭିନ୍ନ ଯୋଜନାରୁ ବଞ୍ଚିତ ହୁଅନ୍ତି ଅବସର ନେଇଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ। ଚିନ୍ତାରେ ପରିବାର ବୋଝ ଉଠାଇ ନପାରି ମାନସିକ ଅଶାନ୍ତିର ବଞ୍ଚିବାକୁ ପଡ଼ିଥାଏ। ଯେଉଁ ସଂସ୍କୃତିରେ ଶିକ୍ଷକତାକୁ ପବିତ୍ର ବ୍ରତ ବୋଲି ଅଭିହିତ କରାଯାଏ ସହି ରାଷ୍ଟ୍ରରେ ଶିକ୍ଷକର ପରବର୍ତ୍ତୀ ଜୀବନ ଦୁଃଖମୟ ଓ ଯନ୍ତ୍ରଣା ଦାୟକ।

**ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ବିଶ୍ୱ କ୍ଷୁଧା ତାଲିକାରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ



**ଆଶୁତୋଷ ନାୟକ**

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି। ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ। ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ। ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ।ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର।ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ। ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ୍ଣ ଅଛି। ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ। ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି। ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା। ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ



ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ୍ୟ ହେଉଛନ୍ତି। ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି। ଏବେ କିଛିଦିନ ପୂର୍ବରୁ ଆସିଥିବା ବିଶ୍ୱ କ୍ଷ୍ୟୁଧା ସୂଚୀରେ ଭାରତ ୧୧୧ତମ ସ୍ଥାନରେ ରହିଛି। କିନ୍ତୁ ଏହି ରିପୋର୍ଟ କୁ ଆମ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରୁଛନ୍ତି। ଏହି ରିପୋର୍ଟ ମାଧ୍ୟମରେ ଭାରତକୁ ମିଥ୍ୟା ବଦନାମ କରାଯାଇଛି ଏବଂ ଏହା ଭାରତ ବିରୋଧରେ ଏକ ଷଡଯନ୍ତ୍ର ବୋଲି କେନ୍ଦ୍ର ସରକାର ଦୃଢୋକ୍ତି ପ୍ରକାଶ କରିଛନ୍ତି। କିନ୍ତୁ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ଭାବେ ତ୍ରୁଟିଯୁକ୍ତ କହିବା ଉଚିତ ହେବ ନାହିଁ। ଏଥିରେ ନିଶ୍ଚିତ ଭାବରେ କିଛି ସତ୍ୟତା ରହିଛି। ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ନିଜର ରାଜନୈତିକ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଯାଇ ଏହି ରିପୋର୍ଟକୁ ଗମ୍ଭୀରତାର ଶହ ବିଚାର କରିବାକୁ ପଡ଼ିବ। ୨୦୨୨ରେ ଏହି କ୍ଷ୍ୟୁଧା ସୂଚୀରେ ଭାରତ ୧୦୭ତମ ସ୍ଥାନରେ ଥିଲା କିନ୍ତୁ ଚଳିତବର୍ଷ ସେଥିରେ ଅବନତି ଘଟିଛି। ଭାରତକୁ ଏଥର ୨୮.୭ସ୍କୋର ମିଳିଛି। ଏହାର ଅର୍ଥ ଆମ ଦେଶରେ ଗମ୍ଭୀର କ୍ଷ୍ୟୁଧା ସମସ୍ୟା ରହିଛି। ଭାରତର ପଡୋଶୀ ରାଷ୍ଟ୍ର ଯଥା ପାକିସ୍ତାନ (୧୦୨), ବାଂଲାଦେଶ (୮୧), ନେପାଳ (୬୯), ଶ୍ରୀଲଙ୍କା (୫୦)ଅପେକ୍ଷାକୃତ ଭଲ ସ୍ଥିତି ରେ ଅଛନ୍ତି। ରିପୋର୍ଟ ଅନୁସାରେ ଭାରତରେ ଅପପୃଷ୍ଟି ସମସ୍ୟା ଚିନ୍ତାଜନକ ସ୍ଥିତିରେ ରହିଥିବା କୁହାଯାଇଛି। ଭାରତର ଶିଶୁ ଓ ଟେଷ୍ଟିଙ୍ଗ ହାର ୧୮.୭ପ୍ରତିଶତ ରହିଛି। ତେଣୁ ସମୟ ଆସିଛି ଦଳଗତ ନିର୍ବିଶେଷରେ ସବୁ ରାଜନୈତିକ ଦଳ କାଦୁଅଫିଙ୍ଗା ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ମିଳିତ ଭାବରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଏହି ଗମ୍ଭୀର କ୍ଷ୍ୟୁଧା ସମସ୍ୟା ସମସ୍ତଙ୍କ ମିଳିତ ସହଯୋଗରେ ନିଶ୍ଚିତ ଭାବରେ ଦୂର କରାଯାଇ ପାରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।

**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ୍: ୭୦୨୦୬୧୧୩୦୦**

# ଦରଦୀ ଶବ୍ଦଶିଳ୍ପୀ ହରିହର ମିଶ୍ର

**ଡକ୍ଟର ବାସୁଦେବ ଦାସ**

ପୌରୁଷ (ଅଗଷ୍ଟ-୧୪) ପତ୍ରିକାରୁ ଶୈଶବର ପାଠକରି ଟେଲିଫୋନ୍ କଲି, ସେ କଣ୍ଠବାରି ମୋତେ ଚିହ୍ନିଲେ, କହିଲେ, ବାସୁଦେବ ବାବୁ ଆମ ବୋହୂ (ମୋ ସ୍ତ୍ରୀ) କେମିତି ଅଛନ୍ତି ? ଆପଣ ସାର୍ ଏକାଥରେ ମୋତେ ଜାଣିପାରି ମୋ ସ୍ତ୍ରୀର ସ୍ୱାସ୍ଥ୍ୟକଥା ପଚାରିଲେ ? କି କଥା, ତିନିବର୍ଷ ଧରି ଏକାଠି କେତେ କାମ କରିଛେ, ସାହିତ୍ୟ ପରିବାର ଭିତରେ ଆନ୍ତରିକତା ଓ ଆତ୍ମୀୟତା ନଥିଲେ ସାହିତ୍ୟ ହେବ କି ?
ମୁଁ ହୃଦ୍‌ଘାତ ରୋଗୀ ପାଲଟି ଔଷଧ ସେବନରେ ବିଶ୍ରାମ ନେଉଛି।

ବଡ଼ ବ୍ୟସ୍ତ ହୋଇପଡ଼ିଲେ ଦରଦୀ କବି ହରିହର ମିଶ୍ର। ସେ ନିଜେ ରକ୍ତବିନିମୟ ବ୍ୟାଧିରେ ପୀଡ଼ିତ। ଅଥଚ ଅନ୍ୟପ୍ରତି ଅସୀମ ସାନ୍ତ୍ୱନା ଓ ସହାନୁଭୂତିରେ ଛଳଛଳ ତାଙ୍କର ହୃଦୟ। ଏ ଅଳ୍ପଦିନର କଥା।

ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାୟ ପାଞ୍ଚ ବର୍ଷକାଳ ସଭାପତି ଆସନ ମଣ୍ଡନ କରିଥିବା କବି, ନାଟ୍ୟକାର, ଅଭିନେତା, ନିର୍ଭୀକ ଓ ବାଗ୍ମୀ ହରିହର ମିଶ୍ର ଇହଜଗତରୁ ୨୨ ଅଗଷ୍ଟରେ ବିଦାୟ ନେଇଛନ୍ତି। ଏହି ଦାରୁଣ ସମ୍ବାଦ ମୋ ଅନ୍ତରକୁ ବିଚଳିତ କରିପକାଇଲା। ଜଣେ ସଫଳ ସାହିତ୍ୟିକ, ଧୂରୀଣ ଅଧ୍ୟାପକ, ସୁଦକ୍ଷ ସଭାପତି ଭାବେ ନିଜର ପରିଚୟ ରଖି ଯାଇଛନ୍ତି। ଏକାଡ଼େମୀ ପରିସରରେ ସେ ଆତ୍ମୀୟତାର ସ୍ନିଗ୍ଧ ମଳୟ ଆଣିପାରିଥିଲେ। ସଭାପତି ସରକାରଙ୍କର ତଥା ସମାଜର ଅନିର୍ବାଚିତ ପ୍ରତିନିଧି। ତାଙ୍କ ବକ୍ତବ୍ୟରେ ଶାଣିତ ସ୍ୱର ଓ ସମସ୍ୟା ପ୍ରତିଫଳିତ ହୋଇଥାଏ। ଭାଷା ସାହିତ୍ୟ କ୍ଷେତ୍ରରେ ସରକାରଙ୍କର ଅବହେଳାକୁ ଦୃଢ଼ଭାବେ ଦର୍ଶାଇଥାନ୍ତି। ତାଙ୍କ ସମୟରେ ସାହିତ୍ୟ ଏକାଡ଼େମୀର ଉଲ୍ଲେଖନୀୟ ପ୍ରଗତି ହୋଇଛି।

ସଦସ୍ୟମାନଙ୍କର ପ୍ରସ୍ତାବକୁ କାର୍ଯ୍ୟକାରୀ କରାଇବାରେ କେବେ କୁଣ୍ଠା ପ୍ରକାଶ କରିନଥିଲେ। ଶାନ୍ତିନିକେତନ, ଚିଲିକା ଓ ଭିତରକନିକାରେ ସାରସ୍ୱତ ଆସର କରାଇବାରେ ସେ ଥିଲେ ପ୍ରଥମ ସଭାପତି। ସେ ଏକ ଅଲଗା ସ୍ମୃତି ଓ ସମ୍ବେଦନଶୀଳତା। ଭିତରକନିକାର ଦୃଶ୍ୟ, ପରିବେଶ ଓ ସାହିତ୍ୟାଲୋଚନାରେ ବିଭୋର ହୋଇ ପଡ଼ିଥିଲେ। ପ୍ରୟୋଗବାଦୀ ଧାରାର ଜଣେ ଅନନ୍ୟ କାବ୍ୟକାର ଭାବେ ସୁବିଦିତ। ଶଙ୍ଖନାଭି, ଚନ୍ଦ୍ରବିମ୍ବ, ଲାଲକଢ଼ର ତପସ୍ୟା, ଅକ୍ଷମ ଦେବତା, ଚାହାଣିମଣ୍ଡପ, ସ୍ୱପ୍ନ ବିନିମୟ, ଭିତରଚନ୍ଦନ, ଦର୍ପଣଶିଳା, ଅଣଅକ୍ଷର, ସନ୍ଧ୍ୟାଦର୍ଶନ ଆଦି ମିଥ୍ ସମ୍ବଳୀ କବିତା ତାଙ୍କ ସୃଷ୍ଟିର ଅନ୍ୟତମ ବୈଶିଷ୍ଟ୍ୟ। ସେ କେବଳ ଜଗନ୍ନାଥଙ୍କର ସେବାୟତ ନଥିଲେ, ଥିଲେ ଜଗନ୍ନାଥ ପ୍ରାଣ ନିରୋଳା କବିଟିଏ। ସରଳ, ସାବଲୀଳ ଶବ୍ଦ ପ୍ରୟୋଗରେ ବୌଦ୍ଧିକ ଓ ଗୀତିକବିତାକୁ ମଞ୍ଜୁଳ ରୂପ ଦେଇପାରିଛନ୍ତି। ରସଘନ କାବ୍ୟ ବେଦନରେ ହରିହର ମିଶ୍ର ସ୍ୱତନ୍ତ୍ରତା ଦାବି କରନ୍ତି।

ଓଡ଼ିଆ ନାଟକ ରଚନା ଓ ମଞ୍ଚସ୍ଥ କରିବାରେ ହରିହରଙ୍କ ଅବଦାନ ଅବିସ୍ମରଣୀୟ। ହରିହରଙ୍କର ଅଭିନୟ ଓ ନାଟକ ରଚନା ମୋହନ ଗୋସାଇଁଙ୍କ ନାଟକରୁ। "ମୋହନ ଗୋସେଇଁ ପୂଜା କରନ୍ତି ମତେ କୃଷ୍ଣବେଶ ସଜେଇ। ମୁଁ ହୁଏ ରାଧା ଆଉ ଗୋପୀଙ୍କର ନାନା ଦୁର୍ଦ୍ଦଶାର କାରଣ। ରାଧା ମୋତେ ନେଇ ଗୋଠରୁ ନନ୍ଦଙ୍କ ଆଦେଶ ଘରକୁ ଫେରାଇ ନିଅନ୍ତି। ଏତେବେଳେ ବର୍ଷା ଆସେ। କଦମ୍ବ ଗଛ ମୂଳେ ମୁଁ ତାଙ୍କ କାଖରେ ଥାଇ ହଇରାଣ କରେ। ସେ ମତେ ଧମକାନ୍ତି। ମୁଁ କାନ୍ଦେ। ସେ ମତେ ଗେଲ କରନ୍ତି, ମୁଁ ହସେ। ମୋର ମନେପଡ଼େ କୁଣିଆ ଗୁଡ଼ିଆ କାଳୀୟ ଦଳନ ରାତିରେ ମୋ ହାତକୁ ଅମୃତ ଲଡୁ ବଢ଼େଇ ଦେଲାବେଳେ କୃଷ୍ଣ ଏମିତି ହସିଥିଲା।

ଏହି ମହାନ୍ ପ୍ରତିଭାଧର ପୁରୀ ମାର୍କଣ୍ଡେଶ୍ୱର ସାହିରେ ୨୮ ଜାନୁଆରୀ ୧୯୪୨ରେ ପିତା ମଣିରାମ ମିଶ୍ର ଓ ମା' ସେବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ।

ଓଡ଼ିଆ ନାଟ୍ୟ ଜଗତ୍ ତାଙ୍କ ଲେଖନୀ ମୂନରେ ଧନ୍ୟ ଓ ସମୃଦ୍ଧ। ପ୍ରୟୋଗାତ୍ମକ, ପ୍ରତୀକଧର୍ମୀ ଓ ଆବେଗଧର୍ମୀ ଶବ୍ଦଶିଳ୍ପର ଅନନ୍ୟ ରୂପକର ହରିହର ମିଶ୍ର। ସମାଜ ସଚେତନ ଶିଳ୍ପୀ ଭାବରେ ସମସାମୟିକ ସମାଜର ଚିତ୍ର ଓ ପରିବେଶ ଗ୍ରହଣକରି ନାଟକକୁ 'ଦୃଶ୍ୟକାବ୍ୟ'ରେ ପରିଣତ କରିଛନ୍ତି। ତାଙ୍କର କାଗଜଡଙ୍ଗା, ରାତିର ଦୁଇଟି ଡେଣା, ହେ ନିଷାଦ ନିବୃତ୍ତ ପୁଅ, ନିନ୍ଦିତ ଗଜପତି ହଂସଧ୍ୱନି, ମଝିଦରିଆ, ମଧୁଲିକା, ସମ୍ଭବ-ଅସମ୍ଭବ, ଅଦୃଶ୍ୟନଟ, ଏବେ ନୁହେଁ ତ କେବେ ନୁହେଁ ନାଟକରେ ଜନଜାଗରଣର ଉଦ୍ଧାମତା ନିହିତ। ନିର୍ଯ୍ୟାତିତ ମଣିଷର ସ୍ୱର ସ୍ପଷ୍ଟ ଓ ଇଙ୍ଗିତଧର୍ମୀ। ମଣିଷ ମନର ତୀବ୍ର ପ୍ରତିକ୍ରିୟାକୁ ଯଥାର୍ଥ ପ୍ରତିଫଳନ କରି ପାରିଛନ୍ତି ନାଟକରେ। ରାତ୍ରିର ଦୁଇଟି ଡେଣା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ କର୍ତ୍ତୃକ ପୁରସ୍କୃତ। ଏତଦ୍‌ଭିନ୍ନ ସାରଳା ପୁରସ୍କାର, ସତ୍ୟବାଦୀ, ଝଙ୍କାର, ଗୋକର୍ଣ୍ଣିକା, ସାହିତ୍ୟ ଭାରତୀ, ଦୀପକମିଶ୍ର କବିତା ସମ୍ମାନ ଆଦି ବହୁ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ।

ଓଡ଼ିଆ ସାରସ୍ୱତ ଜଗତର ନିପୁଣ ବିନ୍ଧାଣିଙ୍କ ବିୟୋଗରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟିହେଲା।

**ପୂର୍ବତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ**
**ଜଇପୁରା, କେନ୍ଦ୍ରାପଡ଼ା**
**ମୋ-୯୪୩୮୦୧୮୫୦୧**

## ଗୁଳି ମାଡ଼ରେ ଡାକ୍ତର ନିହତ

**ନୂଆଦିଲ୍ଲୀ,୩।୧୦:** ରାଜଧାନୀ ଦିଲ୍ଲୀର ଜେତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜଣେ ଡାକ୍ତର ଡ୍ୟୁଟିରେ ଥିବା ବେଳେ ଗୁଳି ମାଡ଼ରେ ନିହତ ହୋଇଛନ୍ତି। ୫୫ ବର୍ଷୀୟ ଏହି ଡାକ୍ତରଙ୍କ ନାମ ଜାଭେଦ ଅକତାର। ସେ ଜଣେ ୟୁନାନୀ ଡାକ୍ତର। ବୁଧବାର ରାତିରେ ଏହି ଘଟଣାଘଟିଛି। ଦୁଇଜଣ ୧୬/୧୭ ବର୍ଷର ପିଲା ନିମା ହସ୍ପିଟାଲକୁ ଆସି ଡ୍ରେସିଂ କରିଥିଲେ। ପରେ ସେମାନେ ଡାକ୍ତରଙ୍କୁ ଭେଟିବାକୁ ଚାହିଁଥିଲେ ଏବଂ ତାଙ୍କ କ୍ୟାବିନକୁ ଯାଇଥିଲେ। କିଛି ସମୟ ପରେ ଡାକ୍ତରଙ୍କ କ୍ୟାବିନ ଭିତରୁ ଗୁଳି ଶବ୍ଦ ଶୁଣାଯାଇଥିଲା। ଡାକ୍ତରଖାନା କର୍ମଚାରୀମାନେ କ୍ୟାବିନ ଭିତରକୁ ଯାଇ ଦେଖିଲା ବେଳକୁ ଡାକ୍ତର ଅଖତାର ରକ୍ତାକ୍ତ ହୋଇ ପଡ଼ିଛନ୍ତି। ତାଙ୍କୁ ମୁଣ୍ଡରେ ଗୁଳି ବାଜିଛି ଏବଂ ସେ ତଳେ ପଡ଼ିଛନ୍ତି। ସେତେବେଳକୁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ହତ୍ୟାର କାରଣ ଜଣାପଡ଼ିନି। ପୋଲିସ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ଶୀଘ୍ର ହତ୍ୟାକାରୀଙ୍କୁ ଧରାଯିବ ବୋଲିସ କହିଛି।

## ବିବାଦୀୟ ମନ୍ତବ୍ୟ ଦେଇ ପୁଣି ଚର୍ଚ୍ଚାରେ କଙ୍ଗନା

**ନୂଆଦିଲ୍ଲୀ, ୩।୧୦:** ପୁଣି ବିବାଦ ଘେରରେ ଅଭିନେତ୍ରୀ ତଥା ହିମାଚଳ ପ୍ରଦେଶ ମଣ୍ଡିର ସାଂସଦ କଙ୍ଗନା ରଣାଓ୍ୱତ। ଗାନ୍ଧୀ ଜୟନ୍ତୀ ଅବସରରେ ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ନେଇ ଏକ ଇନଷ୍ଟାଗ୍ରାମ ପୋଷ୍ଟ କରି ବିବାଦ ଘେରକୁ ଆସିଛନ୍ତି। ନିକଟରେ କଙ୍ଗନା କୃଷକ ଆନ୍ଦୋଳନକୁ ନେଇ ଦେଇଥିବା ମନ୍ତବ୍ୟ ପାଇଁ ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ଏବେ ଶାସ୍ତ୍ରୀଙ୍କ ୧୨୦ତମ ଜୟନ୍ତୀ ଅବସରରେ ଏକ ପୋଷ୍ଟ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ଯେଉଁଥିରେ ଗାନ୍ଧିଜୀଙ୍କୁ ଜାତିର ପିତା ଭାବରେ ମାନ୍ୟତାକୁ ଅଣଦେଖା କରିଛନ୍ତି। ଦେଶର ପିତା ନାହାନ୍ତି, ବରଂ ଦେଶର ଲାଲ (ପୁଅ) ଅଛନ୍ତି। ଧନ୍ୟ ହୁଅନ୍ତୁ ଭାରତ ମାତାଙ୍କ ଲାଲ ବୋଲି ସେ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଛନ୍ତି। ଦେଶରେ ଗାନ୍ଧିଜୀଙ୍କ ସ୍ୱଚ୍ଛତା ପରମ୍ପରାକୁ ଜାରି ରଖିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ତେବେ ଶାସ୍ତ୍ରୀ ଏବଂ ଗାନ୍ଧୀଙ୍କୁ ନେଇ ଏହି ପୋଷ୍ଟ ହିମାଚଳ ପ୍ରଦେଶ ମଣ୍ଡିର ବିଜେପି ସାଂସଦଙ୍କ ପାଇଁ ଆଉ ଏକ ବିବାଦ ସୃଷ୍ଟି କରିଛି। ତାଙ୍କର ଏହି ବିବାଦୀୟ ପୋଷ୍ଟକୁ ନେଇ ଘେରିଛନ୍ତି କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ। ଗାନ୍ଧୀଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ ପାଇଁ ସେ କଙ୍ଗନାଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ବିଜେପି ସାଂସଦ କଙ୍ଗନା ଏଭଳି ଅଶ୍ଳୀଳ ମନ୍ତବ୍ୟ ଦେଇଛନ୍ତି। ଗୋଡସେ ଉପାସକମାନେ ବାପୁ ଏବଂ ଶାସ୍ତ୍ରୀଜୀଙ୍କ ମଧ୍ୟରେ ପାର୍ଥକ୍ୟ ଆଙ୍କିଥାନ୍ତି। ନରେନ୍ଦ୍ର ମୋଦି ତାଙ୍କ ଦଳର ନୂଆ ଗଡସେ ଭକ୍ତଙ୍କୁ ହୃଦୟରୁ କ୍ଷମା କରିବେ କି? ଜାତିର ପିତା ଅଛନ୍ତି, ପୁଅ ଅଛନ୍ତି, ସହିଦ ଅଛନ୍ତି। ସମସ୍ତେ ସମ୍ମାନର ଯୋଗ୍ୟ ବୋଲି ଶ୍ରୀନେତ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି।

## ବାଣ ବିସ୍ଫୋରଣ: ୩ ମୃତ

**ଲକ୍ଷ୍ନୌ, ୩।୧୦:** ବାଣ ଭିଡୁ ଭିଡୁ ହେଲା ଭୟଙ୍କର ବିସ୍ଫୋରଣ। ଆଉ ଅକାଳରେ ଚାଲିଗଲା ୩ ଜୀବନ। ଏହି ଦୁର୍ଘଟଣାରେ ବହୁ ଜଣ ଗୁରୁତର ଆହତ ହୋଇଛନ୍ତି। ଏପରି ଏକ ଦୁର୍ଘଟଣା ଉତ୍ତରପ୍ରଦେଶର ସିରାଉଲି ପୁଲିସ୍ ଷ୍ଟେଶନ ଅଞ୍ଚଳରେ ଘଟିଛି। ଏହି ବିସ୍ଫୋରଣ ଯୋଗୁ ବହୁ କ୍ଷୟକ୍ଷତି ବି ହୋଇଛି। ନସିର ନାମକ ବ୍ୟକ୍ତି ବାଣ ତିଆରି କରୁଥିବା ବେଳେ ଏହି ଅଘଟଣ ଘଟିଛି। ପୁଲିସ୍ ତାଙ୍କ ଲାଇସେନ୍ସକୁ ଯାଞ୍ଚ କରି ସାଂଘାତିକ ତଥ୍ୟ ପାଇଛି। ନସିରଙ୍କ ନିକଟରେ ଅନ୍ୟତ୍ର ବାଣ ତିଆରି କରିବାର ଲାଇସେନ୍ସ ଥିବା ବେଳେ ସେ ନିଜ ଶ୍ୱଶୁର ଘରେ ତିଆରି କରି ରଖୁଥିଲେ। ଫଳରେ ସେଠାରେ ନିଆଁ ଲାଗି ଏକା ସମୟରେ ବହୁ ବାଣ ବିସ୍ଫୋରଣ ହୋଇଛି। ତେଣୁ ପରିସ୍ଥିତି ସାଂଘାତିକ ହେବା ସହ ଆଖପାଖରେ ଥିବା ଘରକୁ ଆଖି ପିଛୁଳାକେ ନିଆଁ ବ୍ୟାପି ଯାଇଥିଲା। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଗୁରୁତରଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣ ଖବର ପାଇ ତୁରନ୍ତ ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲେ। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ବେଳେ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରାଯାଇଛି।

## ଭାରତ ସମେତ ୫ ଦେଶରୁ ରାଷ୍ଟ୍ରଦୂତଙ୍କୁ ଫେରାଇନେଲା ବାଂଲାଦେଶ

**ଢାକା. ୩।୧୦:** ଭାରତ ସମେତ ୫ ଦେଶରୁ ନିଜ ରାଷ୍ଟ୍ରଦୂତଙ୍କୁ ଫେରାଇନେଲା ବାଂଲାଦେଶ। ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ବେଲଜିୟମ୍, ପର୍ତ୍ତୁଗାଲ ଓ ସଂଯୁକ୍ତ ରାଷ୍ଟ୍ରରୁ ବାଂଲାଦେଶର ଅନ୍ତରୀଣ ସରକାର ନିଜ ରାଷ୍ଟ୍ରଦୂତମାନଙ୍କୁ ଫେରାଇ ଆଣିଛନ୍ତି। ଶେଖ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବାଂଲାଦେଶ ଏବଂ ଭାରତ ସମ୍ପର୍କ ସେତେଟା ଭଲ ନାହିଁ। ଭାରତରେ ହାଇ କମିଶନର ମୁସ୍ତାଫିଜୁର ରହମାନଙ୍କ ବ୍ୟତୀତ ଯେଉଁ ଲୋକମାନଙ୍କୁ ଫେରାଇ ଅଣାଯାଇଛି ସେଥିରେ ନ୍ୟୁୟର୍କରେ ମିଳିତ ଜାତିସଂଘର ସ୍ଥାୟୀ ପ୍ରତିନିଧୀ ଏବଂ ଅଷ୍ଟ୍ରେଲିଆ, ବେଲଜିୟମ ଓ ପର୍ତ୍ତୁଗାଲରେ ବାଂଲାଦେଶର ରାଷ୍ଟ୍ରଦୂତ ଅଛନ୍ତି। ଯେଉଁ ରାଷ୍ଟ୍ରଦୂତମାନଙ୍କୁ ବାଂଲାଦେଶ ତୁରନ୍ତ ଫେରି ଆସିବାକୁ କହିଛି, ସେମାନେ ଆସନ୍ତା ମାସରେ ଅବସର ନେଇଥାନ୍ତେ। ହାଇ କମିଶନର ମୁସ୍ତାଫିଜୁର ରହମାନ ମଧ୍ୟ ଏଥିରେ ସାମିଲ ଅଛନ୍ତି। କହିରଖୁ ଯେ, ବାଂଲାଦେଶରେ ଛାତ୍ର ସଂଗଠନ ନେତୃତ୍ୱର ନିରନ୍ତର ବିରୋଧ ପ୍ରଦର୍ଶନ କରାଯାଇଥିଲା। ଫଳରେ ଅଗଷ୍ଟ ଆରମ୍ଭରେ ଶେଖ ହସିନାଙ୍କ ସରକାର ପତନ ଘଟିଥିଲା। ସେ ଦେଶ ଛାଡିବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣା ପରେ ଭାରତ-ବାଂଲାଦେଶ ସମ୍ପର୍କ ଖରାପ ରହିଛି। ଶେଖ ହସିନାଙ୍କ ଇସ୍ତଫା ପରେ ନୋବେଲ ବିଜେତା ମହମ୍ମଦ ୟୁନୁସ ବାଂଲାଦେଶରେ ଅନ୍ତରୀଣ ସରକାରର ଦାୟିତ୍ୱ ନେଇଛନ୍ତି। ସେପଟେ ହାସିନା ବାଂଲାଦେଶ ଛାଡିବା ପରେ ଭାରତରେ ଆଶ୍ରୟ ନେଇଥିଲେ। ଗତ ମାସରେ ନ୍ୟୁୟର୍କରେ ମିଳିତ ଜାତିସଂଘ ସାଧାରଣ ସଭା ପରିସରରେ ୟୁନୁସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଏକ ବୈଠକର ପାଇଁ ଢ଼ାକାରେ କାର୍ଯ୍ୟନିର୍ବାହୀ ଶାସନ ନିରନ୍ତର ଉଦ୍ୟମ କରିଥିଲା। ତେବେ ୟୁନୁସ ଭାରତକୁ ସମାଲୋଚନା କରିଥିଲେ। ଶେଖ ହସିନାଙ୍କ ପ୍ରତ୍ୟର୍ପଣ ପ୍ରସଙ୍ଗକୁ ମଧ୍ୟ ଉଠାଇଥିଲେ। ଏଥିରେ ଭାରତୀୟ ଦଳ ଅସନ୍ତୁଷ୍ଟ ଥିଲା ଏବଂ ଦୁଇ ନେତାଙ୍କ ଦେଖାସାକ୍ଷାତ ହୋଇପାରିନଥିଲା।

# ଗାଜାରେ ହମାସ ଶାସନ ମୁଖ୍ୟ ନିହତ



**ତେଲଆଭିଭ, ୩।୧୦:** ଇସ୍ରାଏଲର ଆକ୍ରମଣରେ ଗାଜା ଷ୍ଟ୍ରିପରେ ହମାସ ସରକାରର ମୁଖ୍ୟ ରାହାଓ୍ୱି ମୁସ୍ତାହା ନିହତ ହୋଇଛି। ଆଇଡିଏଫ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ଆଇଡିଏଫ ପକ୍ଷରୁ କୁହାଯାଇଛି ଯେ, ଗତ ତିନି ମାସ ମଧ୍ୟରେ ହମାସର ବହୁ ଟପ ନେତା ଇସ୍ରାଏଲ ସେନାର ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସମେ ଅଲ-ସିରାଜ, ସାମି କୁଦେହ ପ୍ରମୁଖ। ୩ ମାସରେ ହମାସର ପ୍ରାୟ ୩୦ଜଣ ହମାସ କମାଣ୍ଡର ଇସ୍ରାଏଲ ସେନା ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହା ଫଳରେ ହମାସ ଏବେ ନେତୃତ୍ୱହୀନ ହୋଇଯାଇଛି ଏବଂ ଏହାର ମେରୁଦଣ୍ଡ ଭାଙ୍ଗିଯାଇଛି।

ତିନି ବରିଷ୍ଠ ନେତାଙ୍କ ହତ୍ୟାକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ଦେଇ ଇସ୍ରାଏଲ ସେନା କହିଛି ଯେ, ତିନି ମାସ ତଳେ ଉତ୍ତର ଗାଜାରେ କରାଯାଇଥିବା ଷ୍ଟ୍ରାଇକରେ ହମାସ ସରକାରର ମୁଖ୍ୟ ରାହି ମୁଶତାହାର ନିହତ ହୋଇଛି। ଏଥିସହ ହମାସ କମାଣ୍ଡର ସିରାଜ ଏବଂ ସମେହ ଓ୍ୟୁଦେହ ବି ନିପାତ ହୋଇଛନ୍ତି। ଏମାନେ ଉତ୍ତର ଗାଜାର ମାଟିତଳେ ସୁଡଙ୍ଗ କରି ରହୁଥିଲେ। ସେହିଠାରୁ ସଂଗଠନ ଚଳାଉଥିବା ଇସ୍ରାଏଲ ସେନା କହିଛି। ତେବେ ଏନେଇ ହମାସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରକାର ପ୍ରତିକ୍ରିୟା ଦିଆଯାଇ ନାହିଁ।

ପ୍ରକାଶ ଥାଉକି, ନିକଟରେ ଇସ୍ରାଏଲ ସେନା ପାଲେଷ୍ଟାଇନର ସମର୍ଥିତ ରାଷ୍ଟ୍ର ଲେବାନନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ପାଲେଷ୍ଟାଇନର ସମର୍ଥିତ ସଂଗଠନ ହେଜବୁଲ୍ଲାର ଶକ୍ତି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇଯାଇଛି। କାରଣର ଏଥିରେ ସଂଗଠନର ମୁଖ୍ୟ ଶେଖ ହେସନ ନସରଲ୍ଲା ମୃତ୍ୟୁ ଘଟିଛି। କେବଳ ଏତିକି ନୁହେଁ, ଲେବାନନର ଶତାଧିକ ଗାଁ ପ୍ରଭାବିତ ହୋଇ ଥିବାଲେ ୬୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଏଥିସହ ହଜାର ହଜାର ଲୋକ ଆହତ ହୋଇଛନ୍ତି।

## ଲେବାନନ ଉପରେ ସାନି ଆକ୍ରମଣ

**ବିରୁଟ, ୩।୧୦:** ଲେବାନନ ଉପରେ ଉଭୟ ସ୍ଥଳ ଏବଂ ଆକାଶ ପଥରେ ଇସ୍ରାଏଲ ପକ୍ଷରୁ ସାନି ଆକ୍ରମଣ କରାଯାଇଛି। ବିରୁଟ ଉପରେ ଇସ୍ରାଏଲର ରକେଟ ମାଡ଼ରେ ସ୍ଥାନୀୟ ମ୍ୟୁନିସିପାଲିଟିର ଏକ କୋଠା

### ହେଜବୁଲ୍ଲାର ୧୫ ସଦସ୍ୟ ନିହତ



ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏଥିରେ ହେଜବୁଲ୍ଲାର ୧୫ଜଣ ସଦସ୍ୟ ନିହତ ହୋଇଥିବା ଆଇଡିଏଫ ପକ୍ଷରୁ ଦାବି କରାଯାଇଛି। ଅନ୍ୟ ପକ୍ଷରେ ଯେମେନର ଆତଙ୍କୀ ସଙ୍ଗଠନ ହୁତି ପକ୍ଷରୁ ଦାବି କରାଯାଇଛି ଯେ, ଏହା ଇସ୍ରାଏଲ ବିରୋଧରେ ଡ୍ରୋନ ଆକ୍ରମଣ କରିଛି। ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନା ପ୍ରବେଶ କରିବା ପରେ ଉଭୟ ହେଜବୁଲ୍ଲା ଓ ଇସ୍ରାଏଲ ସେନା ପରସ୍ପରର ମୁହାଁମୁହିଁ ହୋଇଛନ୍ତି। ଫାତିମା ଗେଟ ନିକଟରେ ହେଜବୁଲ୍ଲା ପକ୍ଷରୁ ଇସ୍ରାଏଲ ସେନାକୁ ଅଟକାଇଛି। ଉଭୟ ପକ୍ଷ ମଧ୍ୟରେ ସେଠାରେ ଘମାଘୋଟ ଲଢ଼େଇ ଚାଲିଛି। ଗତ କାଲି ଇସ୍ରାଏଲ ଡିଫେନ୍ସ ଫୋର୍ସ ପକ୍ଷରୁ ସ୍ୱୀକାର କରାଯାଇଥିଲା ଯେ, ଏହାର ଜଣେ କ୍ୟାପଟେନଙ୍କ ସମେତ ୮ଜଣ ଯବାନ ହେଜବୁଲ୍ଲା ଆକ୍ରମଣରେ ନିହତ ହୋଇଛନ୍ତି।

# ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରୁ ସେୟାର ମାର୍କେଟ କ୍ରାସ

### ନିବେଶକ ଦିନକରେ ୧୦ ଲକ୍ଷ କୋଟି ହରାଇଲେ

**ମୁମ୍ବାଇ, ୩।୧୦:** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପ୍ରଭାବ ସେୟାର ମାର୍କେଟ ଉପରେ ପଡ଼ିଛି। ଇସ୍ରାଏଲ ଉପରେ ଇରାନର ମିସାଇଲ ଆକ୍ରମଣ ପରେ ବିଶ୍ୱ ବଜାର ଏହା ଦ୍ୱାରା ଗୁରୁତର ପ୍ରଭାବିତ ହେବ ବୋଲି ଯେଉଁ ଆଶଙ୍କା କରାଯାଉଥିଲା ତାହା ସତ୍ୟ ପ୍ରମାଣିତ ହୋଇଛି। ଗୁରୁବାର ବିଏସଇ ସେନସେକ୍ସ ୧୭୩୦ ପଏଣ୍ଟ ବା ୨.୦୫ ପ୍ରତିଶତରୁ ଅଧିକ ତଳକୁ ଖସିଛି। ଏହା ଫଳରେ ନିବେଶକମାନେ ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି।



ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ରେ ନିଫ୍ଟି ୫ଶହ ପଏଣ୍ଟରୁ ତଳକୁ ଖସିଛି। ଗୁରୁବାର କାରବାର ଶେଷ ବେଳକୁ ସେନସେକ୍ସ ୮୨,୫୩୭.୫୨ ପଏଣ୍ଟରେ ସେଟଲ ହୋଇଥିବା ବେଳେ ନିଫ୍ଟି ୫୪୭ ପଏଣ୍ଟ ବା ୨.୧୨ ପ୍ରତିଶତ ହ୍ରାସ ପାଇ କାରବାର ଶେଷ ବେଳକୁ ୨୫,୨୫୦.୧୦ ପଏଣ୍ଟରେ ସେଲ ହୋଇଥିଲା। ସେନସେକ୍ସ ୨%ରୁ ଅଧିକ ତଳକୁ ଖସିବା ଫଳରେ ନିବେଶକମାନେ ୯.୯୨ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ସେନସେକ୍ସ ତାଲିକାଭୁକ୍ତ ସମସ୍ତ କମ୍ପାନୀର ମିଳିତ ମାର୍କେଟ କ୍ୟାପିଟାଲ ୪୬୪.୯୪ ଲକ୍ଷ କୋଟିକୁ ହ୍ରାସ ପାଇଛି। କେବଳ ସେୟାର ମାର୍କେଟ ଉପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ପଡ଼ିନି, ଏହା ଦ୍ୱାରା କ୍ରୁଡ଼ ଅଏଲ ପ୍ରାଇସ ମଧ୍ୟ ବଢ଼ିଛି। ବ୍ରେଣ୍ଟ କ୍ରୁଡ଼ ପ୍ରାଇସ ଏବେ ବ୍ୟାରେଲ ପିଛା ୭୨ ଡଲାରରେ ପହଞ୍ଚିଛି।



### ଜି୭ର ଜରୁରୀ ବୈଠକ

# ଇରାନ୍ ଉପରେ ଲାଗିପାରେ କଟକଣା !

**ତେଲଆଭିଭ, ୩।୧୦:** ଇସ୍ରାଏଲ ଉପରେ ଘନ ଘନ ମିସାଇଲ୍ ମାଡ଼ କରିଛି ଇରାନ୍। ଏହାପରେ ମଧ୍ୟପ୍ରାଚ୍ୟରେ ଘନେଇବାରେ ଲାଗିଛି ଯୁଦ୍ଧ ଆଶଙ୍କା। ସ୍ଥିତି ଅତ୍ୟନ୍ତ ଭୟଙ୍କର ହେବାରେ ଲାଗିଛି। ଏହି ଯୁଦ୍ଧ ଆଗକୁ କେଉଁ ମୋଡ ନେବ ତା'ଉପରେ ସମସ୍ତଙ୍କ ନଜର ରହିଛି। ଏହାରି ଭିତରେ ଇରାନ ଉପରେ ନୂଆ କଟକଣା ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜରୁରୀକାଳୀନ ଜି-୭ ବୈଠକ ଡାକିଛନ୍ତି।

ଇରାନ ଉପରେ ନୂଆ କଟକଣା ଲଗାଇବା ନେଇ ବୈଠକରେ ଆଲୋଚନା ହୋଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଜି-୭ ନେତାମାନେ ଇରାନର ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ତେବେ ବୈଠକରେ ଇସ୍ରାଏଲ ପାଇଁ ଲକ୍ଷ୍ମଣ ରେଖା ଟାଣିଛନ୍ତି ବାଇଡେନ୍। ସେ କହିଛନ୍ତି, ଇସ୍ରାଏଲକୁ ଜବାବ ଦେବା ଅଧିକାର ରହିଛି। ଆଉ ଆମେ ଏଥିରେ ଏକମତ ମଧ୍ୟ। କିନ୍ତୁ ଇସ୍ରାଏଲ ଏକ ସୀମା ମଧ୍ୟରେ ରହି ଇରାନକୁ ପାଲଟା ଜବାବ ଦେବା ଉଚିତ। ତେବେ ଏହି ସୀମା କ'ଣ ହେବ ସେନେଇ ବିଡେନ କିଛି କହି ନାହାଁନ୍ତି। ସୂଚନା ମୁତାବକ, ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣକୁ ସମର୍ଥନ କରୁନଥିବା କଥା ବାଇଡେନ୍ କହିଛନ୍ତି। ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ହେଉ ବୋଲି ଆମେ ଚାହୁଁଛୁ ବୋଲି ବାଇଡେନ କହିଛନ୍ତି।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ ଇସ୍ରାଏଲ୍ ଉପରେ ମିସାଇଲ ଆକ୍ରମଣ ପରେ ଇରାନ୍ ବିରୋଧରେ ନୂଆ କଟକଣା ଲାଗୁ କରିବାକୁ ଆମେରିକା ଯୋଜନା କରୁଛି। ଏନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜି-୭ ରାଷ୍ଟ୍ରମୁଖ୍ୟଙ୍କ ସହ ଫୋନରେ କଥା ହୋଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତି ବାଇଡେନ ଇସ୍ରାଏଲ ଏବଂ ଏହାର ଜନସାଧାରଣଙ୍କ ପ୍ରତି ଆମେରିକାର ଏକତା ଏବଂ ସମର୍ଥନକୁ ଦୋହରାଇଛନ୍ତି। ଇସ୍ରାଏଲର ସୁରକ୍ଷା ପାଇଁ ଆମେରିକା ପ୍ରତିଶୃତିବଦ୍ଧ ବୋଲି ସେ କହିଛନ୍ତି। ସେପଟେ ଏନେଇ ଇରାନ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

### ସଦଗୁରୁଙ୍କୁ ଆଶ୍ୱସ୍ତି

## ପୁଲିସର ତଦନ୍ତକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୩।୧୦:** ଆଧ୍ୟାତ୍ମିକ ନେତା ସଦଗୁରୁ ଜାଗି ବାସୁଦେବଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ତାଙ୍କ ନେତୃତ୍ୱାଧୀନ ଈଶା ଫାଉଣ୍ଡେସନରେ ମାଡ୍ରାସ ହାଇକୋର୍ଟ ଦେଇଥିବା ତଦନ୍ତ ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି ସୁପ୍ରିମକୋର୍ଟ। ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ପୁଲିସ ଈଶା ଫାଉଣ୍ଡେସନରେ କୌଣସି ପ୍ରକାର ତଦନ୍ତ କରିପାରିବ ନାହିଁ। ଅବସରପ୍ରାପ୍ତ ପ୍ରଫେସର ଏସ କାମରାଜ ମାଡ୍ରାସ ହାଇକୋର୍ଟରେ ଈଶା ଫାଉଣ୍ଡେସନ ବିରୋଧରେ ଏକ ଆବେଦନ ଦାଖଲ କରିଥିଲେ। ତାଙ୍କ ଝିଅ ଲତା ଏବଂ ଗୀତାଙ୍କୁ ବିଭିନ୍ନ ପ୍ରକାର କଥାରେ ଭୁଲାଇ ସେମାନଙ୍କୁ କୋଏମ୍ବାଟୁର ଆଶ୍ରମରେ ବନ୍ଧକ ରଖାଯାଇଥିବା ସେ ଅଭିଯୋଗ କରିଥିଲା। ସେପ୍ଟେମ୍ବର ୩୦ରେ ମାଡ୍ରାସ ହାଇକୋର୍ଟ ଏ ଉପରେ ଶୁଣାଣି କରି ତାମିଲନାଡୁ ପୁଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରଦିନ ଅକ୍ଟୋବର ୧ରେ ପ୍ରାୟ ୧୫୦ରୁ ଅଧିକ ପୁଲିସ ଆଶ୍ରମ ନିକଟରେ ପହଞ୍ଚି ଯାଞ୍ଚ କରିଥିଲେ। ଏହାକୁ ନେଇ ସଦଗୁରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆଜି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ ମାମଲାର ଶୁଣାଣି କରି ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଛନ୍ତି। ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ଈଶା ଫାଉଣ୍ଡେସନରେ ପୁଲିସ କୌଣସି ପ୍ରକାର ତଦନ୍ତ କରିପାରିବ ନାହିଁ। କୋର୍ଟ ପୁଲିସ କିମ୍ବା ସେନାକୁ ଏପରି ସ୍ଥାନକୁ ପ୍ରବେଶ କରିବାକୁ ଅନୁମତି ଦେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ ଏହି ମାମଲା ଉପରେ ଆସନ୍ତା ୧୮ରେ ପରବର୍ତ୍ତୀ ଶୁଣାଣି କରାଯିବ।

ସେପଟେ ଈଶା ଫାଉଣ୍ଡେସନ ଆବେଦନକାରୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ଝିଅଙ୍କୁ ବଳପୂର୍ବକ ଆଶ୍ରମରେ ରଖାଯାଇ ନାହିଁ, ବରଂ ୨୦୧୯ରେ ସେମାନେ ନିଜ ଇଚ୍ଛାରେ ଆଶ୍ରମରେ ରହୁଥିବା କହିଛନ୍ତି।

## ଆର୍‌ଜେଡି ନେତାଙ୍କୁ ଗୁଳି

**ପାଟନା, ୩।୧୦:** ମର୍ଣ୍ଣିଂଓ୍ୱାକ୍‌ରେ ଯାଇଥିବା ଆର୍‌ଜେଡି ନେତାଙ୍କୁ ଗୁଳିମାଡ଼। କିଛି ଅପରାଧି ବାଇକ୍‌ରେ ଆସି ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଛନ୍ତି। ଏଥିରେ ଆର୍‌ଜେଡି ନେତା ଜଣକ ଗୁରୁତର ହୋଇଛନ୍ତି। ବିହାରର ମୁଙ୍ଗେରରେ ଘଟିଛି ଏଭଳି କିଛି ଅପରାଧିକ ଘଟଣା। ଆଜି ସକାଳୁ ରାଷ୍ଟ୍ରୀୟ ଜନତା ଦଳର ବରିଷ୍ଠ ନେତା ତଥା ରାଜ୍ୟ ସାଧାରଣ ସମ୍ପାଦକ ପଙ୍କଜ ଯାଦବଙ୍କ ଉପରକୁ ଗୁଳିମାଡ଼ ହୋଇଛି। ସେ ମର୍ଣ୍ଣିଂଓ୍ୱାକ୍‌ରେ ଯାଇଥିଲେ। ଏହି ସମୟରେ କିଛି ଅପରାଧି ଆସି ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସେ ଚେତାଶୂନ୍ୟ ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ତାଙ୍କ ଚିକିତ୍ସା ଜାରି ରହିଛି। ସେପଟେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଜାରି ରଖିଛି। ଅପରାଧିଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରହିଛି।

## ଆଝାରୁଦ୍ଦିନଙ୍କୁ ଇଡି ସମନ



**ହାଇଦ୍ରାବାଦ, ୩।୧୦:** ପୂର୍ବତନ ଭାରତୀୟ କ୍ରିକେଟର ତଥା କଂଗ୍ରେସର ପୂର୍ବତନ ସାଂସଦ ମହମ୍ମଦ ଆଝାରୁଦ୍ଦିନଙ୍କ ବଢ଼ିଲା ଅଡୁଆ। ଅର୍ଥ ହେରଫେର ମାମଲାରେ ଫଶିଲେ ପୂର୍ବତନ ଅଧିନାୟକ। ତାଙ୍କୁ ସମନ ପଠାଇଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

ହାଇଦ୍ରାବାଦ କ୍ରିକେଟ ଆସୋସିଏସନର ଆର୍ଥିକ ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ଇଡି କଂଗ୍ରେସ ନେତା ମହମ୍ମଦ ଆଝାରୁଦ୍ଦିନଙ୍କୁ ସମନ ପଠାଇଛି। ତାଙ୍କୁ ଆଜି ଅର୍ଥାତ୍ ଗୁରୁବାର ପଚରାଉଚରା ପାଇଁ ଡକାଯାଇଛି। ଅଜହରୁଦ୍ଦିନ ପୂର୍ବରୁ ହାଇଦ୍ରାବାଦ କ୍ରିକେଟ୍ ଆସୋସିଏସନର ସଭାପତି ଥିଲେ। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ହାଇଦ୍ରାବାଦ କ୍ରିକେଟ ଆସୋସିଏସନରେ ପାଣ୍ଠିର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି। ମହମ୍ମଦ ଆଝାରୁଦ୍ଦିନଙ୍କୁ ଜାରି କରାଯାଇଥିବା ଏହା ହେଉଛି ପ୍ରଥମ ସମନ, ଯାହା ଅଧୀନରେ ତାଙ୍କୁ କେନ୍ଦ୍ରୀୟ ଏଜେନ୍ସିରେ ହାଜର ହେବାକୁ ପଡିବ। ସୂଚନାନୁସାରେ, ହାଇଦ୍ରାବାଦର ଉପ୍ପାଲର ରାଜୀବ ଗାନ୍ଧୀ କ୍ରିକେଟ୍ ଷ୍ଟାଡିୟମ୍ ପାଇଁ ଡିଜେଲ ଜେନେରେଟର, ଫାୟାର ବ୍ରିଗେଡ୍ ସିଷ୍ଟମ ଏବଂ କ୍ୟାନୋପି କିଣିବା ପାଇଁ ଆବଣ୍ଟିତ କରାଯାଇଥିବା ୨୦ କୋଟି ଟଙ୍କା ହେରଫେର ସହ ଏହି ମାମଲା ଜଡିତ।

ନିକଟରେ ହାଇଦ୍ରାବାଦ କ୍ରିକେଟ ଆସୋସିଏସନର ଅଧିକାରୀଙ୍କ ବିରୋଧରେ ଇଡି ଅର୍ଥ ହେରଫେର ମାମଲା ରୁଜୁ କରିଥିଲା। ଇଡି ତେଲଙ୍ଗାନାର ୯ଟି ସ୍ଥାନରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଏବଂ ଡିଜିଟାଲ ଉପକରଣ ଜବତ କରିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନୁଯାୟୀ, ହାଇଦ୍ରାବାଦ କ୍ରିକେଟ ଆସୋସିଏସନ ଅଧିକାରୀମାନେ ରାଜୀବ ଗାନ୍ଧୀ କ୍ରିକେଟ ଷ୍ଟାଡିୟମ ନିର୍ମାଣରେ ଆର୍ଥିକ ଅନିୟମିତତା କରିଥିଲେ। ସେମାନେ ବେସରକାରୀ କମ୍ପାନୀମାନଙ୍କୁ ଉଚ୍ଚ ହାରରେ ଚୁକ୍ତି କରିଥିଲେ ଏବଂ ଆସୋସିଏସନକୁ କୋଟି ଟଙ୍କା ମୂଲ୍ୟର କ୍ଷତି ଘଟାଇଥିଲେ। ଏହି ମାମଲାରେ ଇଡି ତିନୋଟି ମାମଲା ରୁଜୁ କରି ଜଦନ୍ତ ଜାରି ରଖିଛି।

## ନିଶା କାରବାରର କିଙ୍ଗପିନ୍ କଂଗ୍ରେସର ପୂର୍ବତନ କର୍ମୀ

**ନୂଆଦିଲ୍ଲୀ, ୩।୧୦:** ଦିଲ୍ଲୀରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ ଘଟଣାର କିଙ୍ଗପିନ ଜଣେ କଂଗ୍ରେସର ପୂର୍ବତନ କର୍ମୀ। ମୁଖ୍ୟ ଅଭିଯୁକ୍ତ ତୁଷାର ଗୋୟଲ କଂଗ୍ରେସର ଜଣେ ପୂର୍ବତନ କର୍ମୀ ଥିବା ସ୍ୱୀକାର କରିଛନ୍ତି। ଗତକାଲି ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନିଶାଦ୍ରବ୍ୟ ଜବତ ମାମଲାରେ ପୁଲିସ ତାଙ୍କୁ ଗିରଫ କରିଥିଲା।

ସୂଚନା ଅନୁସାରେ, ଗତକାଲି ଦିଲ୍ଲୀ ପୁଲିସ ଏକ ବଡ଼ଧରଣର ଚଢାଉ କରିଥିଲା। ଏଥିରେ ୫୦୦ କିଲୋଗ୍ରାମର କୋକେନ ସହ ୪୦ କିଲୋଗ୍ରାମର ହାଇଡ୍ରୋପୋନିକ ଗଞ୍ଜେଇ ଜବତ କରିଥିଲା। ଜବତ ନିଶାଦ୍ରବ୍ୟର ମୂଲ୍ୟ ୫ ହଜାର ୬୦୦ କୋଟି ଟଙ୍କା ହେବ। ଏହି ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ତୁଷାର ଗୋଏଲଙ୍କ ସମେତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରା ଉଚରା ସମୟରେ ସେ ୨୦୨୨ ପର୍ଯ୍ୟନ୍ତ ଦିଲ୍ଲୀ ପ୍ରଦେଶ କଂଗ୍ରେସ ଆରଟିଆଇ ସେଲର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିବା କହିଛନ୍ତି।

ସେ ଛଦ୍ମନାମ ଡିକି ଗୋୟଲ ନାଁରେ ଖୋଲିଥିବା ଆକାଉଣ୍ଟରେ ବହୁ ବିଶିଷ୍ଟ କଂଗ୍ରେସ ନେତାଙ୍କ ସହ ଫଟୋ ପୋଷ୍ଟ କରିଛନ୍ତି। ଗୋୟଲ



ଲୋକସଭା ସାଂସଦ ଦୀପେନ୍ଦ୍ର ସିଂହ ହୁଡ୍ଡା ଏବଂ ହରିୟାଣା ୟୁନିଟ ମୁଖ୍ୟ ଉଦୟ ଭାନଙ୍କ ସମେତ କଂଗ୍ରେସର ବହୁ ବିଶିଷ୍ଟ ନେତାଙ୍କ ସହ ଫଟୋ ପୋଷ୍ଟ କରିଛନ୍ତି। ଏଥିସହ ସେ ଦଳରୁ ଇସ୍ତଫା ଦେବା ପୂର୍ବରୁ ହରିୟାଣା ବିଜେପି ନେତା ଅନିଲ ଜୈନ ଏବଂ ପୂର୍ବତନ କଂଗ୍ରେସ ନେତା ଗୁଲାମ ନବୀ ଆଜାଦଙ୍କ ସହ ମଧ୍ୟ ଫଟୋ ପୋଷ୍ଟ କରିଛନ୍ତି। ସେ ଛଦ୍ମନାମ ଡିକି ଗୋୟଲ ନାଁରେ ଖୋଲିଥିବା ଆକାଉଣ୍ଟରେ ବହୁ ବିଶିଷ୍ଟ କଂଗ୍ରେସ ନେତାଙ୍କ ସହ ଫଟୋ ପୋଷ୍ଟ କରିଛନ୍ତି। ଗୋୟଲ ଲୋକସଭା ସାଂସଦ ଦୀପେନ୍ଦ୍ର ସିଂହ ହୁଡ୍ଡା ଏବଂ ହରିୟାଣା ୟୁନିଟ ମୁଖ୍ୟ ଉଦୟ ଭାନଙ୍କ ସମେତ କଂଗ୍ରେସର ବହୁ ବିଶିଷ୍ଟ ନେତାଙ୍କ ସହ ଫଟୋ ପୋଷ୍ଟ କରିଛନ୍ତି। ଏହି ମାମଲାରେ ଗୋୟଲଙ୍କ ସମେତ ହିମାଂଶୁ କୁମାର, ଔରଙ୍ଗଜେବ ସିଦ୍ଧିକି ଏବଂ ଭରତ କୁମାର ଜୈନଙ୍କୁ ପୁଲିସ ଗିରଫ କରିଛି। ଏମାନେ ବିଭିନ୍ନ ରାଜ୍ୟରୁ ସଡ଼କ ପଥ ଦେଇ ଦିଲ୍ଲୀକୁ ଗଞ୍ଜେଇ ଚାଲଣ କରୁଥିଲେ। ତେବେ ଏହି ଗଞ୍ଜେଇ ଥାଇଲାଣ୍ଡ ଫୁକେଟରୁ ଆସିଥିଲା। ଏମାନେ ଚତୁରତରା ସହ କ୍ରିପ୍ଟୋକରେନ୍ସି ଜରିଆରେ କାରବାର କରୁଥିବା ପୁଲିସ କହିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, କୋକେନ ପଠାଇବା ପଛରେ ଦୁବାଇର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ସମ୍ପୃକ୍ତି ରହିଛି। ଏହି ସିଣ୍ଡିକେଟ ପଛରେ ଆଉ କାହାର ହାତ ଅଛି, ସେନେଇ ଖୋଳତାଡ଼ କରୁଛି ପୁଲିସ।

# ଅଶ୍ୱିନଙ୍କୁ ପଛରେ ପକାଇ ବୁମରା ଏକ ନମ୍ବର

**ଦୁବାଇ, ୩।୧୦:** ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ବୁଧବାର ପ୍ରକାଶିତ ଆଇସିସି ଟେଷ୍ଟ ମାନ୍ୟତାରେ ଶୀର୍ଷକୁ ଫେରିଛନ୍ତି। ବାଂଲାଦେଶ ବିପକ୍ଷ କାନପୁର ଟେଷ୍ଟରେ ୩୦ ବର୍ଷୀୟ ବୁମ୍ରା ୬ ୱିକେଟ୍ ନେବା ପରେ ସାଥୀ ଖେଳାଳି ରବିଚନ୍ଦ୍ରନ୍ ଅଶ୍ୱିନ୍‌ଙ୍କୁ ହଟାଇ ଏହି ସ୍ଥାନ ଦଖଲ କରିଥିଲେ। ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ଅଶ୍ୱିନ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ସ୍ପିନ୍ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଷଷ୍ଠ ସ୍ଥାନ ବଜାୟ ରଖିଥିଲା ବେଳେ କଚଟି ସ୍ପିନର କୁଲଦୀପ ଯାଦବ ଷୋଡ଼ଶ ସ୍ଥାନରେ ରହିଛନ୍ତି।



ବ୍ୟାଟିଂରେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଶ୍ରେଷ୍ଠ ଖେଳାଳି ଯଶସ୍ୱୀ ଜୟସ୍ୱାଲ (୭୯୨ ପଏଣ୍ଟ୍) ଦୁଇଟି ସ୍ଥାନ ଲମ୍ଫ ଦେଇ ଜୀବନର ଶ୍ରେଷ୍ଠ ତୃତୀୟ ସ୍ଥାନରେ ରହିଛନ୍ତି। କାନପୁର ଟେଷ୍ଟରେ ତାଙ୍କର ୭୨ ଓ ୫୧ ରନ୍ ପାଳି ବଳରେ ଭାରତ ୭ ୱିକେଟ୍‌ରେ ବାଂଲାଦେଶକୁ ହରାଇଥିଲା। ଜୋ ରୁଟ୍ (୮୯୯) ଓ କେନ୍ ୱିଲିୟମ୍ସ (୮୯୨) ପ୍ରଥମ ଦୁଇ ସ୍ଥାନରେ ଅଛନ୍ତି। ଭେଟେରାନ ଭାରତୀୟ ବ୍ୟାଟର୍ ବିରାଟ କୋହଲି (ଷଷ୍ଠ) ୬ଟି ସ୍ଥାନ ଉଠି ଶୀର୍ଷ ୧୦କୁ ଫେରିଛନ୍ତି। ଋଷଭ ପନ୍ତ ୩ ସ୍ଥାନ ଖସି ନବମ, ରୋହିତ ଶର୍ମା ଓ ଶୁବମନ ଗିଲ୍ ଯଥାକ୍ରମେ ୧୫ ଓ ୧୬ରେ ରହିଛନ୍ତି। ଅଲ୍‌ରାଉଣ୍ଡରରେ ଜାଡ଼େଜା ଶୀର୍ଷରେ ଥିଲା ବେଳେ ଅଶ୍ୱିନ ଦ୍ୱିତୀୟ ଓ ଅକ୍ଷର ପଟେଲ ସପ୍ତମରେ ରହିଛନ୍ତି। ଦଳ ମାନ୍ୟତାରେ ଭାରତ ୧୨୦ ପଏଣ୍ଟ ସହ ଦ୍ୱିତୀୟରେ ରହିଛନ୍ତି। ଏହା ଆଗରେ ଅଷ୍ଟ୍ରେଲିଆ (୧୨୪) ପ୍ରଥମ ଏବଂ ଇଂଲଣ୍ଡ (୧୦୮) ତୃତୀୟରେ ରହିଛି।





## ଇରାନୀ କପ୍

# ସର୍ଫରାଜଙ୍କ ଦ୍ୱିଶତକ

**ଲକ୍ଷ୍ନୌ, ୩।୧୦:** ସର୍ଫରାଜ ଖାନ୍ ମୁମ୍ବାଇର ପ୍ରଥମ ବ୍ୟାଟର୍ ତଥା ଚତୁର୍ଥ ଯୁବ ଖେଳାଳି ଭାବେ ସମ୍ମାନଜନକ ଇରାନୀ କପ୍‌ରେ ଦ୍ୱିଶତକ ଅର୍ଜନ କରିଛନ୍ତି। ସର୍ଫରାଜ ଦ୍ୱିତୀୟ ଦିନରେ ୨୫୩ ବଲ୍‌ର ସମ୍ମୁଖୀନ ହୋଇ ଏହି ମାଇଲ୍‌ଖୁଣ୍ଟ ଛୁଇଁଥିଲେ। ସେତେବେଳେକୁ ତାଙ୍କୁ ୨୬ ବର୍ଷ ୩୪୬ ଦିନ ବୟସ ହୋଇଥିଲା। ତାଙ୍କ ସାଥୀ ଖେଳାଳି ଯଶସ୍ୱୀ ଜୟସ୍ୱାଲ୍ ୨୧ ବର୍ଷ ୬୩ ଦିନ ବୟସରେ ଏହି ମାଇଲ୍‌ଖୁଣ୍ଟ ଅତିକ୍ରମ କରିଥିଲେ। ଅନ୍ୟପକ୍ଷରେ ଇରାନୀ କପ୍‌ରେ ପ୍ରଥମ ମୁମ୍ବାଇ ବ୍ୟାଟର୍ ଭାବେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର କରିଛନ୍ତି ସର୍ଫରାଜ। ତାଙ୍କ ପୂର୍ବରୁ ରାମନାଥ ପାର୍କର ୧୯୭୨ ମସିହାରେ ୧୯୫ ରନ୍ ସ୍କୋର କରିଥିଲେ। ସର୍ଫରାଜଙ୍କ ପୂର୍ବରୁ ଦ୍ୱିଶତକରେ ପହଞ୍ଚିଥିବା

**ମୁମ୍ବାଇ ୫୩୬/୯**

ଅନ୍ୟ ଯୁବ ଖେଳାଳିମାନେ ହେଲେ ପ୍ରବୀଣ ଆମ୍ରେ (୨୨ବର୍ଷ ୮୦ଦିନ), ଗୁଣ୍ଡାପ୍ପା ବିଶ୍ୱନାଥ (୨୫ ବର୍ଷ ୨୫୫ ଦିନ)। ତେବେ ଲକ୍ଷ୍ନୌରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ସର୍ଫରାଜ ମୋଟ୍ ୨୭୬ ବଲ୍‌ରୁ ୨୨୧ ରନ୍ ସଂଗ୍ରହ କରି ଅପରାଜିତ ଅଛନ୍ତି। ଏହାମଧ୍ୟରେ ୨୫ ଚୌକା ଓ ୪ ଛକା ସାମିଲ ଅଛି। ପୂର୍ବ ଦିନର ଅନ୍ୟତମ ଅପରାଜିତ ବ୍ୟାଟର୍ ଅଜିଙ୍କ୍ୟ ରାହାଣେ ଶତକଠୁ ୩ ରନ୍ ଦୂରରେ ରହିଯାଇଥିଲା ବେଳେ ସର୍ଫରାଜଙ୍କ ସହ ୧୩୧ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ୫୦୦ ରନ୍‌ର ନିକଟତର କରାଇଥିଲେ। ତନୁଷ କୋଟିୟାନ୍ ୬୪ ଓ ଶାର୍ଦ୍ଦୁଳ ଠାକୁର ୩୬ ରନ୍‌ର ମହତ୍ୱପୂର୍ଣ୍ଣ ଯୋଗଦାନ ରଖିଥିଲେ। ଦ୍ୱିତୀୟ ଦିନ ଷ୍ଟମ୍ପ ବେଳକୁ ସର୍ଫରାଜଙ୍କ ସହ ମହମ୍ମଦ ଜୁନୈଦ ଖାନ୍ ଖାତା ନଖୋଲି ଅପରାଜିତ ଅଛନ୍ତି।

## ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍

# କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶାର ପ୍ରଥମ ପରାଜୟ

**ସୁରତ, ୩।୧୦:** ଲଗାତାର ଦୁଇଟି ମ୍ୟାଚ୍‌କୁ ବର୍ଷା ଧୋଇନେବା ପରେ ସ୍ଥାନୀୟ ଲାଲ୍‌ଭାଇ ଷ୍ଟାଡିୟମ୍‌ରେ ଖେଳିଥିବା ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍‌ର ନିଜ ପ୍ରଥମ ମ୍ୟାଚ୍‌ରେ କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଦଳ ୮ ୱିକେଟ୍‌ରେ ସଦର୍ଣ୍ଣ ସୁପରଷ୍ଟାର୍ସଠାରୁ ପରାଜିତ ହୋଇଛି। ଫଳରେ ୪ ମ୍ୟାଚ୍‌ରୁ ଗୋଟିଏ ଲେଖାଏଁ ଜୟ/ପରାଜୟ ଏବଂ ଦୁଇଟି ବାତିଲ ମ୍ୟାଚ୍‌ରୁ ୨ ପଏଣ୍ଟ୍ ପାଇ ମୋଟ୍ ୪ ପଏଣ୍ଟ ସହ ତାଲିକାର ତୃତୀୟ ସ୍ଥାନକୁ ଖସି ଆସିଛି। କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ତାର ପରବର୍ତ୍ତୀ ମ୍ୟାଚ୍ ଜମ୍ମୁରେ ୪ ତାରିଖରେ ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ରେ ଇର୍ଫାନ୍ ପଠାନଙ୍କ ନେତୃତ୍ୱାଧୀନ ଦଳ ବିଜୟ ଧାରାକୁ ଫେରିବାକୁ ଚେଷ୍ଟା କରିବ।

**ଗପ୍ଟିଲଙ୍କ ବିସ୍ଫୋରକ ଶତକ**

ବୁଧବାରର ହାଇସ୍କୋରିଂ ମୁକାବିଲାରେ ପ୍ରତିପକ୍ଷ ସଦର୍ଣ୍ଣ ସୁପରଷ୍ଟାର୍ସ ଟସ୍ ଜିତି କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ଓପନର ରିଚାର୍ଡ ଲେଭିଙ୍କ ବିସ୍ଫୋରକ ୬୩ ରନ୍ ଏବଂ ୟୁସୁଫ ପଠାନଙ୍କ ୩୩ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୨ ରନ୍ କରିଥିଲା। ଏହାର ଜବାବରେ ସଦର୍ଣ୍ଣ ସୁପରଷ୍ଟାର୍ସ ୩୩ ରନ୍‌ରେ ଅଧିନାୟକ ଶ୍ରୀବତ୍ସ ଗୋସ୍ୱାମୀଙ୍କୁ ହରାଇବା ସତ୍ତ୍ୱେ ଅନ୍ୟତମ ଓପନର ମାର୍ଟିନ ଗପ୍ଟିଲଙ୍କ ଧମାକାଦାର ଶତକ (୧୩୧* ରନ୍, ୫୪ ବଲ୍, ୯ ଚୌକା, ୧୧ ଛକା) ବଳରେ ୧୬ ଓଭରରେ ୨ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ହାମିଲଟନ୍ ମାସାକାଜା ୨୦ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିଥିଲେ। ସେହିଭଳି ଗପ୍ଟିଲଙ୍କ ଛକା ବର୍ଷା ପାଇଁ ସଦର୍ଣ୍ଣ ସୁପରଷ୍ଟାର୍ସ ନିଜ ଅପରାଜେୟ ଧାରାକୁ ଅତୁଟ ରଖି ୫ ମ୍ୟାଚ୍‌ରୁ ୫ ବିଜୟ ସହ ପଏଣ୍ଟ୍ ତାଲିକାର ପ୍ରଥମ ସ୍ଥାନରେ ନିଜ ସ୍ଥିତି ଆହୁରି ସୁଦୃଢ଼ କରିନେବା ସହ ପ୍ଲେ ଅଫ୍‌ର ନିକଟତର ହୋଇଛି।

**ସଂକ୍ଷିପ୍ତ ସ୍କୋର୍:** କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ୨୦ ଓଭରରେ-୧୯୨/୯ (ରିଚାର୍ଡ ଲେଭି ୬୩, ୟୁସୁଫ ପଠାନ୍ ୩୩, ସୁବୋଧ ଭଟ୍ଟୀ ୩/୨୨)। ସଦର୍ଣ୍ଣ ସୁପରଷ୍ଟାର୍ସ ୧୬ ଓଭରରେ-୧୯୫/୨ (ମାର୍ଟିନ ଗପ୍ଟିଲ ୧୩୧*, ହାମିଲଟନ୍ ମାସାକାଜା ୨୦, ବେନ୍ ଲାଫଲିନ୍ ୧/୨୬)।

## ବାବରଙ୍କ ଇସ୍ତଫା ନେଇ ପାକ୍ କ୍ରିକେଟର୍ ସିକନ୍ଦରଙ୍କ ମନ୍ତବ୍ୟ

# ବିଶ୍ୱକପ୍ ହାରିବା ପରେ ହିଁ ଇସ୍ତଫା ଦେବାର ଥିଲା






**ଇସଲାମାବାଦ, ୩।୧୦:** ପାକିସ୍ତାନ କ୍ରିକେଟ୍ ଦଳର ଅଧିନାୟକ ବାବର ଆଜମ ଓଡିଆଇ ଏବଂ ଟି-୨୦ ଦଳର ଅଧିନାୟକତ୍ୱରୁ ଇସ୍ତଫା ଦେଇଛନ୍ତି। ଏହି କାରଣରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ନୂତନ ଅଧିନାୟକ ବାଛିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବାବରଙ୍କ ଇସ୍ତଫା ପରେ ପିସିବି ବର୍ତ୍ତମାନ ସେହି ଖେଳାଳିଙ୍କ ଉପରେ ଧ୍ୟାନ ଦେଉଛି ଯେଉଁମାନଙ୍କର ଅଧିନାୟକତ୍ୱ ଅଭିଜ୍ଞତା ଅଛି। ଏଥିମଧ୍ୟରେ ମହମ୍ମଦ ରିଜୱାନ୍, ଶାଦବ ଖାନ୍ ଏବଂ ଶାହିନ୍ ଶାହା ଆଫ୍ରିଦି ଅଛନ୍ତି। ତେବେ ପାକିସ୍ତାନ ବିଶ୍ୱକପ ହାରିବାର ୪ମାସ ପରେ ବାବର ଇସ୍ତଫା ଦେବାରୁ ତାଙ୍କୁ ଟାର୍ଗେଟ କରିଛନ୍ତି ପୂର୍ବତନ ପାକିସ୍ତାନ ପେସର ସିକନ୍ଦର ବଖ୍ତ। ଜୁନରେ ଖେଳାଯାଇଥିବା ଟି-୨୦ ବିଶ୍ୱକପରୁ ପାକିସ୍ତାନ ଖରାପ ପ୍ରଦର୍ଶନ କରି ବିଶ୍ୱକପ ଦୌଡ଼ରୁ ବାହାରିଯିବା ପରେ ହିଁ ବାବରଙ୍କୁ ଇସ୍ତଫା ଦେବାର ଥିଲା ବୋଲି କହିଛନ୍ତି ସିକନ୍ଦର। ତାଙ୍କ କହିବା ମୁତାବକ, "ଶେଷରେ ତୁମକୁ ଲାଜ ଲାଗିଲା। ଜୁନ୍ ୧୬ରେ ଆମର ବିଶ୍ୱକପ୍ ସମାପ୍ତ ହେବା ମାତ୍ରେ ଆମେ ଭଲ ପ୍ରଦର୍ଶନ କରିନଥିଲୁ। ସେ ସମୟରେ ଇସ୍ତଫା ଦେବା ଉଚିତ୍ ଥିଲା।

# ପ୍ୟାରିସ୍ ଅଲିମ୍ପିକ୍ସରେ ହାରିବା ପରେ ମୋଦୀଙ୍କ ସହ କଥା ହୋଇ ନଥିଲି: ଭିନେଶ

**ନୂଆଦିଲ୍ଲୀ, ୩।୧୦:** ଭାରତର ପୂର୍ବତନ କୁସ୍ତିଯୋଦ୍ଧା ଭିନେଶ ଫୋଗାଟ ପ୍ୟାରିସ ଅଲିମ୍ପିକ୍ସ-୨୦୨୪ରେ ୫୦ କେଜି ବର୍ଗରେ ଭାଗ ନେଇ ଫାଇନାଲରେ ପହଞ୍ଚି ଯାଇଥିଲେ। କିନ୍ତୁ ଫାଇନାଲ ଦିନ ତାଙ୍କ ଓଜନ ମାତ୍ର ୧୦୦ ଗ୍ରାମ ଅଧିକ ହୋଇଯିବାରୁ ସେ ଅଯୋଗ୍ୟ ଘୋଷିତ ହୋଇଯାଇଥିଲେ। ସେ ପ୍ୟାରିସରୁ ଫେରିବା ପରଠାରୁ ଚର୍ଚ୍ଚାରେ ଅଛନ୍ତି। ପ୍ରତିଦିନ ତାଙ୍କୁ ନେଇ ବିଭିନ୍ନ ପ୍ରକାର ଖବର ସାମ୍ନାକୁ ଆସୁଛି। ନିକଟରେ ଭିନେଶ ଏକ ପ୍ରସଙ୍ଗ ଉପରେ ଆଲୋଚନା କରି କହିଥିଲେ, ' ପ୍ୟାରିସ ଅଲିମ୍ପିକ୍ସ ପରେ ପ୍ରଧାନମନ୍ତ୍ରୀ ମୋତେ ଫୋନ୍ କରିଥିଲେ କିନ୍ତୁ ତାଙ୍କ ସହ କଥା ହେବାକୁ ମନା କରି ଦେଇଥିଲି। କାରଣ ଯେଉଁ ଅଧିକାରୀମାନେ ମୋଦୀଙ୍କ କଲ ସମ୍ପର୍କରେ ସୂଚନା ଦେଇଥିଲେ ସେମାନେ କହିଥିଲେ ମୁଁ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲାବଳେ ମୋ ଦଳରେ ସାମିଲ ଥିବା କେହିବି ସଦସ୍ୟ ସେଠାରେ ରହିବେ ନାହିଁ। ଏଥିସହିତ ଅଧିକାରୀଙ୍କ ପକ୍ଷରୁ ଦୁଇଜଣ ସଦସ୍ୟ ଘଟଣାସ୍ଥଳରେ ରହିବେ। ଯେଉଁମାନେ ମୋର ଓ ମୋଦୀଙ୍କ କଥାକୁ ସୋସିଆଲ ମିଡିଆ ପାଇଁ ରେକର୍ଡ କରିବେ। ଏହା ଶୁଣିବା ପରେ ମୁଁ ତୁରନ୍ତ ମୋଦୀଙ୍କ ସହ କଥା ହେବାକୁ ମନା କରି ଦେଇଥିଲି। କାରଣ ସେ ସମୟରେ ମୁଁ ଭାଙ୍ଗି ପଡ଼ିଥିଲି। ଅନେକ ଚେଷ୍ଟା ପରେ ପ୍ୟାରିସ ଅଲିମ୍ପିକ୍ସରେ ଖେଳି ପାରିଲି ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଳ୍ପ ହବ୍...

ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭ ଏକ ସର୍ବବୃହତ୍ତ ଶିଳ୍ପ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର, ଆଇଟି, ଗ୍ରୀନ ଏନର୍ଜି, ପେଟ୍ରୋ କେମିକାଲସ, ଇଲେକ୍ଟ୍ରୋନିକସ, ଫୁଡ ପ୍ରୋସେସିଙ୍ଗ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି। ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ନିଶ୍ଚିନ୍ତ ସୁଦୃଢ ମୂଳଦୁଆ ପକାଇବ।

ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ ବୋଲି ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ତାହା ସଫଳ ହେବ। ଓଡ଼ିଶାର ଯେଉଁ ଡବଲ ଇଞ୍ଜିନ ସରକାର ହୋଇଛି, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶା ଏକ ଶିଳ୍ପ ହବରେ ପରିଣତ ହେବାକୁ ଯାଉଛି। ଏନେଇ ନିଶ୍ଚିତ ରୂପରେ ଆଜି ଏକ ସଫଳ ସଙ୍କେତ ମିଳି ପାରିଛି। ଏହି ନିବେଶକ ସମ୍ମିଳନୀରେ ତାଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ରାଜ୍ୟରେ ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ପ୍ରାଥମିକତା ଦିଆଯିବ । ଏଦିଗରେ ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଆଲୋଚନା କରାଯିବ । ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକରାତ୍ମକ ଇକୋସିଷ୍ଟମ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଅବଗତ କରାଇବେ। ଆସନ୍ତା ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି । ବିଜେଡି ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା'ର ନାଁ ପରିବର୍ତ୍ତନ କରି ରାଜ୍ୟର ବିଜେପି ସରକାର ଏହାକୁ 'ଉତ୍କର୍ଷ ଓଡ଼ିଶା'ର ନାମକରଣ କରିଛନ୍ତି ।

### କାହିଁକି...

ହଟାଇବାପାଇଁ ବିଜେଡିର ଯେ ଏହା ଏକ ସୁଚିନ୍ତିତ ଯୋଜନା । ଉଲ୍ଲେଖନୀୟ ଯେ ରାଜ୍ୟପାଳ ରଘୁବର ଦାସ ଝାଡଖଣ୍ଡର ପାଞ୍ଚ ପାଞ୍ଚ ଥର ବିଧାୟକଭାବେ ଜିଣିବା ସହିତ ମୁଖ୍ୟମନ୍ତ୍ରୀ ରହିଥିଲେ । ତାଙ୍କ ସପକ୍ଷରେ ରାଜ୍ୟର ୫୦ ପ୍ରତିଶତ ଓବିସି ଭୋଟ ରହିଛି । ପୂର୍ବ ଜାମସେଦପୁରବାସୀ ରଘୁବରଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାପାଇଁ ଚାପ ପକାଇବାରେ ଲାଗିଛନ୍ତି । ତେବେ ରାଜନେତାରୁ ରାଜ୍ୟପାଳ ହୋଇଥିବା ରଘୁବରଙ୍କ ଝାଡଖଣ୍ଡ ରାଜନୀତିକୁ ଫେରିବେ କି ନାହିଁ ତାହାର ନିଷ୍ପତ୍ତି ସିଏ ନେବେ । ହେଲେ ନବୀନ ପଟ୍ଟନାୟକ ତାଙ୍କ ଶାସକାଳର ୨୫ବର୍ଷ ମଧ୍ୟରେ ଯେଉଁ କାମଟି କରିନଥିଲେ ତାହା କରି ଏବେ ରାଜ୍ୟ ଏବଂ ନିଜ ଦଳ ମୁଣ୍ଡରେ କଳଙ୍କ ବୋଳିବା ଆରମ୍ଭ କରିଛନ୍ତି । କାରଣ ନବୀନଙ୍କର ଯେଉଁ ଭଲ ଗୁଣଟି ସର୍ବଦା ଗ୍ରହଣୀୟ ତାହା ହେଉଛି ତାଙ୍କର ସମଲୋଚନାରୁ ଦୂରେଇ ରହିବା । ହେଲେ କାହା ପରାମର୍ଶ ଅନୁଯାୟୀ ନବୀନ ଓ ବିଜେଡି ରାଜଭବନକୁ ରାଜନୀତିକୁ ଟାଣି ଓଡିଶାରେ ନୂଆ ପରମ୍ପରା ସୃଷ୍ଟିକଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

### ପାପ ଲୁଚାଇବାକୁ...

ନିଷ୍ପତ୍ତି ଉପରେ ନିର୍ଭର କରୁଛି ।

ବବି ଅନୁଭବ କରୁଛନ୍ତି ଯେ ସିଏ କ୍ଷମତା ବାହାରେ ବା ବିଧାନସଭା ବାହାରେ ରହିଥିବାରୁ ତାଙ୍କ ପ୍ରତି ସରକାର ଏଭଳି ମନୋଭାବ ପୋଷଣର ସୁଯୋଗ ପାଉଛନ୍ତି । ତେଣୁ ବିଧାନସଭା ଯିବାଟା ଏତେ ସହଜ ନଥିବାରୁ ସିଏ ଏବେ ଯାଜପୁରବାସୀଙ୍କ ପାଇଁ ଲଢେଇ କରିବେ ବୋଲି କହି ବୁଲୁଛନ୍ତି । ତେବେ ଯାଜପୁରର କିଛି ନେତାଙ୍କ କହିବାକଥା ଯେ ସମ୍ବଲପୁରରେ ଲଢିବା ପୂର୍ବରୁ ଏହି କଥା ଟି ଚିନ୍ତା କରିବାର ଥିଲା । ସେତେବେଳେ ଯାଜପୁରକୁ ପର କରି ସମ୍ବଲପୁର ଯିବାପରେ ଏବେ ପୁଣିଥରେ ଜିଲ୍ଲାରେ ନିଜ ସ୍ଥିତି ରକ୍ଷାପାଇଁ ଉଦ୍ୟମ କରୁଛନ୍ତି । ନିଜ ପାପ ଲୁଚାଇବାପାଇଁ ଏବେ ଯାଜପୁରବାସୀଙ୍କୁ ଢାଲ କରୁଛନ୍ତି । ଏହା ଏତେ ସହଜ ନୁହେଁ, କାରଣ ପାପ ଯେତେ ପୁରୁଣା ହେଲେ ବି ତାହା ପାପ । ଯଦି ପାପରେ ଭାଗିଦାର ଥିବେ ତେବେ ତାହାର ଫଳ ପାଇବେ ।

କିନ୍ତୁ ବିଜେଡିର ଗୋଟିଏ ଗୋଷ୍ଠି ଆଶଙ୍କା କରୁଛନ୍ତି ଯେ ବବି ଏଭଳି କହିବା ପଛରେ ତାଙ୍କର ଉପନିର୍ବାଚନ ଲଢିବାର ଲାଳସା ଜଳ ଜଳ ହୋଇ ଦିଶୁଛି । ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ସ୍ଥାନରେ ସିଏ ଯିବାପାଇଁ ପ୍ରସ୍ତୁତି ଚଳାଇବା ସହିତ ଏଭଳି କଥା କହି ଲୋକଙ୍କ ମନୋଭାବକୁ ମାପୁଛନ୍ତି । ଯଦି ଲୋକେ ଏଭଳି ସଙ୍କେତ ଦେବେ ତେବେ ଯାଜପୁର ଆସନରେ ଉପନିର୍ବାଚନ ହୋଇପାରେ । ତେବେ ଏହା ଏତେ ସହଜ କଥା ନୁହେଁ । କାରଣ ସୁଜାତା ଯଦି ଇସ୍ତଫା ଦିଅନ୍ତି ତେବେ ବିଧାନସଭାରେ ମହିଳା ସଦସ୍ୟଙ୍କ ସଂଖ୍ୟା ୧୦କୁ ହ୍ରାସ ପାଇବ ଓ ବିଜେଡିର ମହିଳା ବିଧାୟିକାଙ୍କ ସଂଖ୍ୟା ୫ ରୁ ୪କୁ ଖସିଯିବ । ବିଧାନସଭାରେ ଏବେ ବିଜେଡିର ୫୧ଜଣ ସଦସ୍ୟ ଥିବାବେଳେ ଏହାର ୧୦ ପ୍ରତିଶତ ମହିଳା ଥିବାବେଳେ ସୁଜାତା ସାହୁ ଯଦି ଇସ୍ତଫା ଦିଅନ୍ତି ତେବେ ତାହା ୮ ପ୍ରତିଶତକୁ ହ୍ରାସ ପାଇବ । ଅଧିକ ସଂଖ୍ୟାରେ ମହିଳାଙ୍କୁ ପ୍ରାର୍ଥୀ କରିବା ଏବଂ ଜିତାଇବା ନେଇ ସାରା ଦେଶରେ ଗର୍ବ କରୁଥିବା ବିଜେଡି ଏଥର ସରକାରରୁ ହଟିଥିଲେ ମଧ୍ୟ ମୋଟ୍ ୧୧ଜଣ ମହିଳା ସଦସ୍ୟଙ୍କ ମଧ୍ୟରୁ ୫ଜଣଙ୍କୁ ଜିଣାଇବାରେ ସଫଳ ହୋଇଥିଲା । ବିଜେପିର ୭୮ଜଣ ବିଧାୟକଙ୍କ ଥିଲେ ମଧ୍ୟ ମହିଳାଙ୍କ ସଂଖ୍ୟା ୫ ରହିଛି ଓ କଂଗ୍ରେସର ୧୪ ବିଧାୟକଙ୍କ ମଧ୍ୟରେ ଜଣେ ବିଧାୟିକା ରହିଛନ୍ତି । ତେଣୁ ଏଭଳି ସ୍ଥିତିରେ ବିଜେଡି ଜଣେ ମହିଳା ସଦସ୍ୟାଙ୍କୁ ଇସ୍ତଫା ଦେବାକୁ କହିବ କି ନାହିଁ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଏଭଳି ହେଲେ ବିଜେଡିକୁ ସମାଲୋଚନା ପାଇଁ ବିଜେପିକୁ ମଉକା ମିଳିଯିବ ।

କିନ୍ତୁ ତିନି ତିନିଥରର ବିଧାୟକ ଓ ଏକାଧିକ ବିଭାଗର ମନ୍ତ୍ରୀ ରହିଥିବା ପ୍ରଣବ ପ୍ରକାଶ ଭଲଭାବେ ଜାଣିଛନ୍ତି ଯେ ହଠାତ୍ ଉପନିର୍ବାଚନ ଲଢିବା କିମ୍ବା ଏଥିପାଇଁ ଜଣେ ମହିଳା ସଦସ୍ୟଙ୍କୁ ଇସ୍ତଫା ଦିଆଇବା ଏତେଟା ସହଜ ନୁହେଁ । ବହୁ ସ୍ତରରେ ଏଥିପାଇଁ ଅନୁମୋଦନ ଆବଶ୍ୟକ । ସବୁଆଡୁ କ୍ଲୟରାନ୍ସ ମିଳିଲା ବେଳକୁ ହୁଏତ ସମୁଦ୍ର ତଳେ ଶୋଇଥିବା ବ୍ଲାକରୋଜ ପୁଣିଥରେ ଉଠି ଛିଡା ହୋଇଯାଇପାରେ । ତେଣୁ ବେଳ ଥାଉଁ ଥାଉଁ ବନ୍ଧ ବାନ୍ଧିଲା ଭଳି ସିଏ ଏବେ ଠାରୁ ଯାଜପୁରବାସୀଙ୍କୁ ଢାଲ କରି ତାଙ୍କର ଆଗାମୀ ଦିନର ରଣନୀତି ପ୍ରସ୍ତୁତ କରୁଛନ୍ତି । ଏହା କେତେଦୂର ସଫଳ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ଅକ୍ଟୋବର ୯ରେ ...

ଏଥିସହିତ ଯେଉଁ ହିତାଧିକାରୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କିସ୍ତି ଅର୍ଥରାଶି ପାଇଛନ୍ତି, ସେମାନଙ୍କ ପାଇଁ ଏକ ମତାମତ ସଂଗ୍ରହ ପ୍ରକ୍ରିୟା( ଫିଡ୍ ବ୍ୟାକ୍ ମନିଟରିଂ) ବ୍ୟବସ୍ଥା କରାଯିବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଥିଲେ । ଏହି ପ୍ରକ୍ରିୟାରେ ପ୍ରଥମ କିସ୍ତି ଅର୍ଥରାଶି ପାଇଥିବା ହିତାଧିକାରୀ କେତେ ଉତ୍ସାହିତ ଅଛନ୍ତି, ଏହି ଆର୍ଥିକ ସହାୟତା ସେମାନଙ୍କ ଜୀବନରେ କିପରି ସହାୟକ ହୋଇଛି ଆଦି ସଂପର୍କରେ ମତାମତ ନିଆଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ତତ୍ ସହିତ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ 'ସୁଭଦ୍ରା' ସଂପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

### ରାଜ୍ୟରେ ବଢୁଛି...

ତାହା ଆହୁରି ବଢ଼ିବା କଥା। ନିୟମିତ ଶିକାର ଓ ବାଘଛାଲ ଜବତ ଯୋଗୁ କଲରାପତରିଆ ସଂଖ୍ୟା ହ୍ରାସ ପାଇଛି ବୋଲି କୁହାଯାଉଛି।

ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୧୮ ଓ ୨୦୨୨ରେ ଏନ୍‌ଟିସିଏର ଗଣନା ଷ୍ଟାଟିଷ୍ଟିକଲ ମଡେଲ ଥିଲା। ସେମାନେ ଶିମିଳିପାଳ ଓ ସାତକୋଶିଆ ଭଳି ସୀମିତ ସ୍ଥାନରେ କ୍ୟାମେରା ଲଗାଉ ଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ନିଜସ୍ୱ କଲରାପତରିଆ ଗଣନା ବେଳେ ୪୭ଟି ଡିଭିଜନରେ କ୍ୟାମେରା ଲଗାଯାଇଥିଲା। ୨୦୧୮ରେ ଷ୍ଟାଟିଷ୍ଟିକାଲ ଏରର ୩୫% ଥିଲା। ୨୦୧୬ ରେ ୩୩% ଏରର ହୋଇଥିଲା। ଏଥର କ୍ୟାମେରା ଟ୍ରାପରେ ୨୮୪ରୁ ୨୯୬ ବିରଳ କଲରାପତରିଆ ଚିହ୍ନଟ ହୋଇଛନ୍ତି। ଆମର ଏଷ୍ଟିମେସନ ଷ୍ଟାଟିଷ୍ଟିକାଲ ଏରର ୧୦%ରୁ କମ।

ତଥ୍ୟ ଅନୁସାରେ, ଶିମିଳିପାଳ ଅଭୟାରଣ୍ୟ ଥିବା ମୟୂରଭଞ୍ଜ-କେନ୍ଦୁଝର ଲ୍ୟାଣ୍ଡସ୍କେପରେ ସର୍ବାଧିକ ୨୦୦ କଲରାପତରିଆ ଅଛନ୍ତି। ସାତକୋଶିଆ- ଆଠମଲ୍ଲିକ- ବୌଦ୍ଧ ଲ୍ୟାଣ୍ଡସ୍କେପରେ ୧୫୦ରୁ ୧୬୦, ହୀରାକୁଦ- ରେଢ଼ାଖୋଲ- ସମ୍ବଲପୁର ଲ୍ୟାଣ୍ଡସ୍କେପରେ ୭୦ରୁ ୮୦, ଖରିଆର- ସୁନାବେଢ଼ା ଅଞ୍ଚଳରେ ୪୦-୫୦ ପାଖାପାଖି ଓ ଢେଙ୍କାନାଳ ଅଞ୍ଚଳରେ ପ୍ରାୟ ୨୦ଟି କଲରାପତରିଆ ରହିଛନ୍ତି।

ଆମ ରାଜ୍ୟରେ ଘଞ୍ଚ ଜଙ୍ଗଲ ଥିବାରୁ କଲରାପତରିଆ ବାଘ ସଂଖ୍ୟା ବଢ଼ିବାର ଆଶଙ୍କା କମ୍। କଲାପତରିଆ ସଂଖ୍ୟ ୭ଶହ ରୁ ୮ଶହ ରହିବ ବୋଲି ପିସିସିଏଫ୍ ଆକଳନ କରିଛନ୍ତି।

### ଆଉ ୫ ଭାଷାକୁ...

ପାଲି ଓ ପ୍ରାକୃତି ଭାଷା ବେଶ ପରିଚିତ। ପଶ୍ଚିମବଙ୍ଗରେ ବେଙ୍ଗଲି ଓ ଆସାମରେ ଅହମିୟା ଭାଷା ରହିଛି।

ଏହାବାଦ ଇଣ୍ଟରନ୍ୟାସନାଲ୍ ଏନର୍ଜି ଏଜେନ୍ସି (ଆଇଇଏ)ରେ ସାମିଲ ହେବ ଭାରତ। ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି ବୃଦ୍ଧି ଲକ୍ଷ୍ୟରେ ଆଇଇଏରେ ସାମିଲ ନିଷ୍ପତ୍ତି। ଆମେରିକା, ବ୍ରିଟେନ, ଚାଇନା ଭଳି ୯ଟି ୯ଟି ରାଷ୍ଟ୍ର ଆଇଇଏରେ ସଦସ୍ୟ ଥିଲେ।

ଦଶମ ରାଷ୍ଟ୍ର ଭାବେ ଭାରତକୁ ସାମିଲ ପାଇଁ କ୍ୟାବିନେଟ୍‌ରେ ମୋହର ବାଜିଛି।

# ଯୌତୁକ ପାଇଁ ପ୍ରେମିକାକୁ ହତ୍ୟାକରି ଆସାମୀ ଜେଲ ଗଲା

**ଯାଜପୁର ସଦର, ୩।୧୦ (ସଂଚାର ବ୍ୟୁରୋ):** ଏହିପରି ଘଟଣା ଦେଖିବାକୁ ମିଳିଚି ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଅଞ୍ଚଳରେ ଭଲ ପାଇ ପ୍ରେମିକ ବିହାହ କରି ଶେଷରେ ନିଜ ଧର୍ମପତ୍ନୀ ପ୍ରେମିକାକୁ ହତ୍ୟା କରିବା ଘଟଣା କୁଆଖିଆ ଥାନା ଅଞ୍ଚଳରେ ଚହଳ ପକାଇଚି। ପ୍ରେମିକାକୁ ନେଇ ଏକ ଭଡ଼ାଘରେ କୁଆଖିଆ ନିକଟରେ ରହୁଥିବା ବେଳେ, ପ୍ରେମିଖାକୁ ହତ୍ୟା କରିଚି। ସେହି ଭଡ଼ାଘାରେ ପ୍ରେମିକାର ଶବ କୁଆଖିଆ ପୋଲିସ ଜବତ କରିଚି। ପ୍ରେମିକା ଏବଂ ଧର୍ମପତ୍ନୀକୁ ନୃସଂଶ ସ୍ୱାମୀ ଯୌତୁକ ପଇଁ ହତ୍ୟା କରିଥିବା ଅଭିଗେ ହୋଇଚି। ଏଠାରେ ସୂଚନା ଯୋଗ୍ୟ ଯେ, କୁଆଖିଆ ଥାନା ଆଇଆଇସି ଅନିରୁଦ୍ଧ ନାୟକ ହତ୍ୟାକାରି ସ୍ୱାମୀକୁ ଗିରଫ କରିଚି। ଏହି ମହିଳା ଜଣକ ହେଲେ ଭୋଟକା ପଞ୍ଚାୟତ ଭୋଟକା ଗ୍ରାମର କୈଳାସ ରାଉତଙ୍କ ଝିଅ ଦିପାଞ୍ଜଳୀ ରାଉତ(୨୨)। ହତ୍ୟାକାରୀ ଆସମୀ ସେହି ପଞ୍ଚାୟତ ଭୋଟକା ଗ୍ରାମର ବିଷ୍ଣୁ ଚରଣ ବେହେରାଙ୍କ ପୁଅ ସତ୍ୟରଞ୍ଜନ ବେହେରା(୨୮) ବୋଲି ଜଣାଯାଇଚି। ଦିପାଞ୍ଜଳୀଙ୍କ ବାପା କୁଆଖିଆ ଥାନାରେ ଅଭିଯୋଗ କରିଥିବା ବେଳେ, ଦୁହିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଯାହାକି ଦିପାଞ୍ଜଳୀଙ୍କ ବାପା କୈଳାସ ରାଉତ ଏହାକୁ ଅସ୍ୱିକାର କରିଥିବା ବେଳେ, ଦିପାଞ୍ଜଳୀ ପ୍ରେମିକ ସାଥିରେ ପଳାଇ ଆସି ସତ୍ୟରଂନକୁ ବିବାହ କରିଥିଲେ। ବିଭାଗର ହେବା କିଛି ଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଦେଖାଦେଇଥିଲା। ସତ୍ୟରଞ୍ଜନ ଏବଂ ତାଙ୍କ ଧର୍ମପତ୍ନୀ ପ୍ରେମିକା ଦିପାଞ୍ଜଳୀ କୁଆଖିଆ ନିକଟସ୍ଥ ମଧୁବନ ରୋଡ଼ରେ ରହିଥିବା ଗ୍ରାମୀବ୍ୟାଙ୍କ ନିକଟରେ ଏକ ଭଡ଼ାଘରେ ରହିଆସୁଥିଲେ। ବାରମ୍ବାର ଦିପାଞ୍ଜଳୀଙ୍କ ଉପରେ ଯୌତୁକ ଦାବିକରି ସ୍ୱାମୀ ସତ୍ୟରଞ୍ଜନ ଦିପାଞ୍ଜଳୀକୁ ମାନସିକ ଶାରିରୀକ ନିର୍ଯ୍ୟାତନା ଦେଉଥିଲେ। ଯାହାକୁ ନେଇ ପୂର୍ବରୁ ଥରେ ଦିପାଞ୍ଜଳୀଙ୍କ ବାପାଘର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଦିପାଞ୍ଜଳୀର ମା ଫୋନରେ ଝିଅ ସହ କଥା ହୋଇଥିବା ବେଳେ, ମଙ୍ଗଳବାର ଦିନ ଦିପାଞ୍ଜଳୀକୁ ଫୋନ କରୁଥିବା ବେଳେ, ଫୋନରେ କୌଣସି ଯୋଗା ଯୋଗ ହୋଇନଥିଲେ କି ଦିପାଞ୍ଜଳୀ ଫୋନ ଉଠାଇନଥିଲେ। ଦିପାଞ୍ଜଳୀଙ୍କ ସାନଭାଇ ଦିପାଞ୍ଜଳୀକୁ ଫୋନ କରିଥିଲେ ମଧ୍ୟ ଦିପାଞ୍ଜଳୀ ଫୋନ ଉଠାଇନଥିଲେ। ସାନ ଭାଇର ସନ୍ଦେହ ହେବାରୁ ପରିବାର କିଛି ଲୋକ ଓ ଗ୍ରାମବାସୀଙ୍କ ସହିତ ଭଡ଼ା ଘରକୁ ଆସିଥରଲେ। ପହଁଞ୍ଚିବା ପରେ ଘରଭିତରୁ ଦୁର୍ଗନ୍ଧ ଆସୁଥିବା ଜାଣିବାକୁ ପାଇଥିଲେ। ସତ୍ୟରଞ୍ଜନଙ୍କ ନିକଟରେ ଆରି ଏବଂ ଲୁହା ତାଉଆ ରଖାଯାଇଥିଲା। ପରିବାର ପକ୍ଷରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଁଞ୍ଚ୍ଁଚ ତଦନ୍ତ କରିଥିଲେ। ଉତ୍ତେକ୍ତ ଲୋକମାନେ ସତ୍ୟରଞ୍ଜନକୁ ମାଡ଼ ମାରିବା ସହିତ ପୋଲିସ ସତ୍ୟରଞ୍ଜନକୁ ଗିରଫ କରୁଥିବା ବେଳେ, ଉତ୍ତେକ୍ତ ଲୋକମାନେ ପୋଲସକୁ ଆକ୍ରମଣ କରିଥିଲେ। ମାଜିଷ୍ଟ୍ରେଟ ରସୁଲପୁର ତହସିଲଦାର ନିରଞ୍ଜନ ସାହୁଙ୍କ ଉପସ୍ଥିତିରେ ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଘଟଣା ସ୍ଥଳରେ ପହଁଞ୍ଚ୍ଁଚ ଶବ ଜବତ କରି ପୋଷ୍ଟବଟମ ପାଇଁ ପଠାଇଥିଲେ। ସାଇଣ୍ଟିଫିକ ଟିମ ଘଟରଣାର ତଦନ୍ତ କରି ଫେରି ଥିବା ଜଣାଯାଇଚି। ଦିପାଞ୍ଜଳୀର ପୋଷ୍ଟବଟମ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଲୋକଲୋଚନକୁ ଆସିବ ବୋଲି ଜଣାଯାଇଚି। ଦିପାଞ୍ଜଳୀକୁ ନୃସଂସ ସ୍ୱାମୀ ଯୌତୁକ ରାକ୍ଷାସ ପ୍ରେମିକା ଦିପାଞ୍ଜଳୀର ଜୀବନ ଦୀପ ଲିଭାଇଦେଲା।

# କାଳୀ ବେଶରେ ଦର୍ଶନ ଦେଉଛନ୍ତି ମା' ସୁରେଶ୍ୱରୀ

## ମା' ଭଗବତୀ ଓ ମା' ଦୁର୍ଗାଙ୍କ ଶୈଳପୁତ୍ରୀ ବେଶ

**ସୁବର୍ଣ୍ଣପୁର, ୩।୧୦ (ସଂଚାର ବ୍ୟୁରୋ):** ଆଜି ଗୁରୁବାର ସୁବର୍ଣ୍ଣପୁରର ଇଷ୍ଟ ଦେବୀ ମା' ସୁରେଶ୍ୱରୀ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି । ନବରାତ୍ର ପୂଜା ସହ ଚଳିତ ବର୍ଷ ମଧ୍ୟ ଧୁମଧାମରେ ଚଣ୍ଡିଯଜ୍ଞ ଆରମ୍ଭ ହୋଇଥିବା ବେଳେ ଭକ୍ତଙ୍କ ମାନସିକ ଦୀପ ପ୍ରଜ୍ୱଳନ ମଧ୍ୟ ଆରମ୍ଭ ହୋଇଛି। ଭୋର ସମୟରୁ ମନ୍ଦିର ଖୋଲି ସମସ୍ତ ଯଥା ବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଆଜି କାଳୀ ବେଶରେ ମା' ଉଭା ହୋଇଛନ୍ତି । ସହରର ସର୍ବ ପୁରାତନ ଭଗବତୀ ପୀଠ ରେ ଆଜି ଶୈଳପୁତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା ଭଗବତୀ। ସେପଟେ ସହରର ଗଡଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ନବରାତ୍ର ପୂଜା ଆରମ୍ଭ ହୋଇଥିବା ବେଳେ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଉଛନ୍ତି ମା ଦୁର୍ଗା। ମାତା ଦୁର୍ଗା ହେଉଛନ୍ତି ସୃଷ୍ଟିର ଆଦିଶକ୍ତି। ତାଙ୍କର ପ୍ରଥମ ସ୍ୱରୂପର ନାମ ଶୈଳପୁତ୍ରୀ। ପର୍ବତକୁ ଶୈଳ କହନ୍ତି, ପର୍ବତରାଜ ହିମାଳୟଙ୍କର କନ୍ୟା ରୂପେ ଜନ୍ମିଥିଲେ ବୋଲି ତାଙ୍କ ନାମ ଶୈଳପୁତ୍ରୀ ହୋଇଥିଲା । ନବଦୁର୍ଗାଙ୍କ ମଧ୍ୟରୁ ସେ ହେଉଛନ୍ତି ପ୍ରଥମ ଦୁର୍ଗା । ସେ ବୃଷଭବାହିନୀ, ତାଙ୍କର ଡାହାଣ ହାତରେ ତ୍ରିଶୂଳ ଓ ବାମ ହାତରେ ପଦ୍ମ ଶୋଭାପାଏ।



# ଆରମ୍ଭ ହେଲା ମା' ବିରଜାଙ୍କ ରଥଯାତ୍ରା ଓ ପାଦ ଦର୍ଶନ

## ନଅ ଦିନ ଧରି ମନ୍ଦିର ଚାରିପାଖେ ବୁଲିବ ରଥ



**ଯାଜପୁର, ୩।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷର ଦଶହରା ଅବସରରେ ଆଜି ମା' ବିରଜା ଦେବୀଙ୍କ ରଥଯାତ୍ରା ଓ ପାଦ ଦର୍ଶନ ଆରମ୍ଭ ହୋଇଛି। ସକାଳେ ଶାସନ ବ୍ରାହ୍ମଣମାନେ ଆଣିଥିବା ବୈତରଣୀ ଜଳରେ ମା'ଙ୍କ ସ୍ନାନ ପରେ ବେଶ ପରେ ଗର୍ଭ ଗୃହକୁ ଭକ୍ତମାନଙ୍କୁ ଛଡ଼ା ଯାଇଥିଲା । ଉଭୟ ମହିଳା ଓ ପୁରୁଷ ଭକ୍ତମାନେ ଦୁଇ ଧାଡ଼ିରେ ମା' ବିରଜାଙ୍କ ଗର୍ଭ ଗୃହକୁ ପ୍ରବେଶ କରି ଦର୍ଶନ କରିଥିଲେ ।

ଦିନ ୧୨ଟାରେ ଆଜିର ପୂଜାର ଆୟୋଜନ କରାଯାଇ ପୂଜା କାର୍ଯ୍ୟ ୩ ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା । ଅପରାହ୍ନ ୪ ଟା ୩୦ରେ ପହଡ଼ ଖୋଲା ହେବା ପରେ ଆଜିର ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ରାତି ୭ଟା ୩୦ ପର୍ଯ୍ୟନ୍ତ ଯଜ୍ଞ ମଣ୍ଡପରେ ରଥ ପ୍ରତିଷ୍ଠା କାର୍ଯ୍ୟ ପୂର୍ବକ ଦଶଦିଗପାଳ, କଳସ, ଗଣପତି, ମଣ୍ଡଳ, ତୋରଣ, ସମସ୍ତ ଦେବତା, ଅଧି ଦେବତା ଏବଂ ପ୍ରତିଷ୍ଠା ମନ୍ତ୍ରରେ ୧୦୮ ଥର ସମିନ୍ଧ, ଚରୁ, ଅଘ୍ୟର ଆହୁତି, ପୁନଃ ରଥ ଉପରେ ସମସ୍ତ ରକ୍ଷକ ଦେବତା, ଧ୍ୱଜାଦି ପୂଜା, ଦିଗପାଳବଳି, ବିଶ୍ୱକର୍ମା ପୂଜନ ଆଦି କାର୍ଯ୍ୟ ସରିବା ପରେ ରଥକୁ ନିର୍ମାଣ କରିଥିବା ନିମାଇ ଚରଣ ମହାରଣାଙ୍କ ମୁଣ୍ଡରେ ଶିରିପା ବନ୍ଧା ଯାଇଥିଲା । ତା ପରେ ସମସ୍ତ ପୁରୋଧା, ପୂଜକ ଓ ସେବାୟତମାନେ ମନ୍ଦିର ଗର୍ଭ ଗୃହକୁ ଯାଇ କିଛି ସମୟ ପୂଜା କାର୍ଯ୍ୟ କରିବା ପରେ ମା'ଙ୍କ ବିଜୟ ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବସାଇଥିଲେ । ସମସ୍ତ ସେବାୟତ ଏକତ୍ରିତ ହୋଇ ନିଜ କାନ୍ଧରେ ବିଭାନଟିକୁ ରଥ ନିକଟକୁ ନେଇ ୩ ଥର ରଥ ଚାରିପାଖରେ ପରିକ୍ରମା କରାଇ ମା'ଙ୍କ ବିଜୟ ପ୍ରତିମାକୁ ରଥ ଉପରକୁ ନେଇଥିଲେ । ରଥ ଉପରେ ଛତ୍ର, ତରାଶ, ଆର୍ଶୀ, ମଶାଲ ସେବାୟତମାନେ ଉପସ୍ଥିତ ହେବା ପରେ ରଥଯାତ୍ରା ଆରମ୍ଭ କରାଯାଇଥିଲା। ରଥଟିକୁ ମନ୍ଦିର ସମ୍ମୁଖରୁ ନିଆଯାଇ ସାମାନ୍ୟ ଦୂରରେ ପୂର୍ବ-ଦକ୍ଷିଣ କୋଣରେ ରଖାଯାଇଥିଲା ।

ଟ୍ରଷ୍ଟ ବୋର୍ଡ଼ ଓ ଜିଲ୍ଲା ପ୍ରଶାସନ ପୂର୍ବ ନିଷ୍ପତ୍ତି ଅନୁଯାୟୀ ପୁଲିସ ତରଫରୁ ରଥର ଚାରି ପାଖରେ ସୁରକ୍ଷା ବଳୟ ହେବା ପରେ ରଥ ଚାଳନା କରାଯାଇଥିଲା । ପରେ ରାତ୍ରି ଷୋଡ଼ଶୋପଚାର ପୂଜାର ଆୟୋଜନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଛି । ଆଜି ପୁରୋଧା ମାନଙ୍କ ତରଫରୁ ବିଶେଷ ପୂଜା କାର୍ଯ୍ୟ ଥିବାରୁ ପୁରୋଧା ହିମାଂଶୁ ଶେଖର ପତି ମିଶ୍ର, ଡ଼ଃ ଜ୍ଞାନ ରଞ୍ଜନ ପତି, ମନୋରଞ୍ଜନ ପତି, ପ୍ରମୋଦ କୁମାର ପତି, ବିରଜା ଶଙ୍କର ପତି, ସରୋଜ କୁମାର ପତି, ବିରଜା କିଙ୍କର ପତି ଉପସ୍ଥିତ ରହି ଆଜିର ଦିନ ଓ ରାତିର ପୂଜା କାର୍ଯ୍ୟ ସମାପନ କରିଛନ୍ତି । ଆଜି ପ୍ରଥମ ଦିନ ରଥ ଚାଳନା ହେତୁ ମୁଖ୍ୟ ପ୍ରଶାସକ ଅଂଶୁମାନ ଶତପଥୀ, ଯାଜପୁର ତହସିଲଦାର ଅରବିନ୍ଦ ବେହେରା, ଅନେକ ଅଧିକାରୀ ଉପସ୍ଥିତ ଥିଲେ। ପୁଲିସ ପ୍ରଶାସନ ତରଫରୁ ଯାଜପୁର ଟାଉନ ଥାନାଧିକାରୀ ଅଜୟ ପାତ୍ରଙ୍କ ନେତୃତ୍ୱରେ ଫୋର୍ସ ସହ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲ୍ଲାପାଳ ସୁକାନ୍ତ କୁମାର ଦାଶ ଉପସ୍ଥିତ ଥିଲେ । ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଶ୍ରୀ ଅଙ୍ଗଲାଗି ସେବାୟତ ଆଜିର କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିଛନ୍ତି।



# ନବରାତ୍ର ପୂଜା ଆରମ୍ଭ

**ବ୍ରହ୍ମପୁର, ୩।୧୦ (ସଂଚାର ବ୍ୟୁରୋ):** ସହରର ବିଭିନ୍ନ ସ୍ଥାନରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ମେଢ଼ ଠିଆ ହେଇଥିବା ଦେଖାଦେଇଛି। କମାପଲ୍ଲୀ, ଅଯୋଧ୍ୟା ନଗର, କୋର୍ଟପେଟା, ବିଜିପୁର, ନେହେରୁ ପାର୍କ,ପୁରୁଣା ବସଷ୍ଟାଣ୍ଡ, ଗିରିଜା ଛକ, ଗିରୀ ମାର୍କେଟ,ହନୁମାନ ବଜାର, ପ୍ରମୁଖ ଅଞ୍ଚଳରେ ପୁଜା ଆରମ୍ଭ ହୋଇଛି । ମା ତାରା ତାରିଣୀ ପୀଠ, ଗୋଷାଣୀ ଗ୍ରାମ, ମହୁରୀ କାଳୁଆ, ଭୈରବୀ,ଏଭଳି ବିଭିନ୍ନ ଦେବୀ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ସହରରେ ଗହଳି ଦେଖା ଦେଇଛି। ସାଜସଜ୍ଜା ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି।

## ଯୋଗାଣ ମନ୍ତ୍ରୀଙ୍କ ବୌଦ୍ଧ ଓ ସୋନପୁର ଗସ୍ତ

# ଅଚାନକ ଯାଞ୍ଚ କଲେ ବିଭିନ୍ନ ମିଲ୍ ଓ ଗୋଦାମ



**ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ):** ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୌଦ୍ଧ ଓ ସୋନପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଗୋଦାମ ଓ ମିଲ୍‌କୁ ଅଚାନକ ପରିଦର୍ଶନ କରିଛନ୍ତି । ବୌଦ୍ଧ ଜିଲ୍ଲାର ରାଣୀସତୀ ମିଲ୍ ଓ ସେଣ୍ଟ୍ରାଲ ପିଇଜି ଗୋଦାମ ଅଚାନକ ପରିଦର୍ଶନ କରି ସେଠାରେ ହେଉଥିବା ବିଭିନ୍ନ ଅନିୟମିତତା ଅଭିଯୋଗର ଯାଞ୍ଚ କରିଥିଲେ । ଉକ୍ତ ମିଲ୍‌ରେ ନିମ୍ନ ମାନର ପୋକରା ଚାଉଳକୁ ରିସାଇକିଲିଂ କରି ପଞ୍ଚାୟତକୁ ପଠାଇବା ଓ ଓଜନ ମାପରେ ଠକେଇ ଅଭିଯୋଗର ଯାଞ୍ଚ କରିବା ସହ ମିଲ୍ ପରିଚାଳନାକୁ ନେଇ ମନ୍ତ୍ରୀ ଶ୍ରୀ ପାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ ।

ସେହିପରି ସୋନପୁର ଜିଲ୍ଲାର ଶିଆଳିଜୁରିସ୍ଥିତ ଲଳିତା ରାଇସ୍ ମିଲ୍ ଓ ଶୀତଳ ରାଇସ୍ ମିଲ୍ ଅଚାନକ ପରିଦର୍ଶନ କରିଥିଲେ । ସେଠାରେ ବିଭିନ୍ନ ଅନିୟମିତତା ଅଭିଯୋଗର ଯାଞ୍ଚ କରିଥିଲେ । ନିମ୍ନ ମାନର ଚାଉଳ ଯୋଗାଣକୁ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ପାତ୍ର ସମୀକ୍ଷା ବୈଠକରେ ଯୋଗଦେଇ ଅଧିକାରୀ ମାନଙ୍କ ସହ ଜିଲ୍ଲା ସ୍ୱାର୍ଥ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

ଏହି ଗସ୍ତ ଅବସରରେ ଯୋଗାଣ ଅଧିକାରୀ, ମାର୍କେଟିଂ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ

# ଫସଲ ବୀମା ବୃଦ୍ଧି ନ ହେବାରୁ ଉଦ୍‌ବେଗ

**ନୟାଗଡ଼, ୩।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ବୈଠକ ଅଧ୍ୟକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରୀ ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଅନୁଷ୍ଠିତ ବୈଠକରେ ପୁରୀ ସାଂସଦ ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ରଣପୁର ବିଧାୟିକା ତଥା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମେ ପ୍ରଧାନମନ୍ତ୍ରୀ ଫସଲ ବୀମା ଉପରେ ଆଲୋଚନା କରାଯାଇଥିଲା । ନୟାଗଡ଼ ଗତବର୍ଷ ୨୮ ହଜାର ୮୩୩ ପରିବାର ଫସଲ ବୀମା ଯୋଜନାରେ ସାମିଲ ହୋଇଥିବା ବେଳେ ଚଳିତ ବର୍ଷ ଜିଲ୍ଲାରେ ୩୨ ହଜାର ୬୦୧ଟି କୃଷକ ପରିବାର ସାମିଲ ହୋଇଛନ୍ତି । ବୀମା କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ହୋଇଥିବା ବେଳେ କାହିଁକି ସଂଖ୍ୟାରେ ବୃଦ୍ଧି ଘଟୁନାହିଁ ବୋଲି ସାଂସଦ ଓ ବିଧାୟକମାନେ ଉଦବେଗ ପ୍ରକାଶ କରିଥିଲେ । ସେହିଭଳି ଭାବେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ସହର ଆବାସ ଯୋଜନାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ କୌଶଳ ଯୋଜନା, ବିଶ୍ୱକର୍ମା ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିବା ବେଳେ ଅଧିକ ସଂଖ୍ୟକ ଯୁବପୀଢ଼ିଙ୍କୁ ତାଲିମ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକରେ ଅନେକ ଜିଲ୍ଲା ପରିଷଦ ସଦସ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଶିଶୁ ମହୋତ୍ସବ ସୁରଭି-୨୦୨୪ ଅନୁଷ୍ଠିତ

**ପିପିଲି, ୩।୧୦ (ସଂଚାର ବ୍ୟୁରୋ):** ପିପିଲି ବ୍ଲକ ଅନ୍ତର୍ଗତ ପୋପରଙ୍ଗା କ୍ଲଷ୍ଟର ର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ପୋପରଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି।ଏଥିରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନେ ଯୋଗଦାନ କରିଥିଲେ।ସଂଯୋଜକ ସମ୍ପୂର୍ଣ୍ଣ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଶିକ୍ଷୟିତ୍ରୀ ଅଳକା ପ୍ରଧାନ ଓଁକାର ସହିତ ବିଭୁ ବନ୍ଦନା ଗାନ କରିଥିଲେ।କୋମଳମତି ଛାତ୍ର ଛାତ୍ରୀଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହିତ ସେମାନଙ୍କୁ ଆଗକୁ ବଢିବା ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ।କାର୍ଯ୍ୟକ୍ରମ ରେ ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ,ରାମଚନ୍ଦ୍ର ରାଉତ,ଦୁଷ୍ମନ୍ତ ବଳିଆରସିଂ,ସଦାଶିବ ଖଟେଇ, ସତ୍ୟବାଦୀ ସ୍ୱାଇଁ, ନରେନ୍ଦ୍ର ସେନାପତି ବିକାଶ କୁମାର ଅଗ୍ରୱାଲ, ସ୍ୱାତୀ ମହାପାତ୍ର, ରଞ୍ଜୁଲତା ପରିଡା, ଗୀତାଞ୍ଜଳି ରାଉତ, ଜୟଶ୍ରୀ ସାହୁ, ପୁଷ୍ପଲତା ଗୁରୁ, ସନ୍ତୋଷ କୁମାର ସ୍ୱାଇଁ, ପ୍ରେମାନନ୍ଦ ଜେନା ସାମଲ,ରବିନାରାୟଣ ପ୍ରଧାନ ଯୋଗଦାନ କରି ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ

# କଟକ ବାଲିଯାତ୍ରାକୁ ନେଇ ସ୍ପଷ୍ଟୀକରଣ

**କଟକ, ୩।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ବାଲିଯାତ୍ରା କଟକ ଉତ୍ସବ ୨୦୨୪ ପାଳନ ଓ ଆୟୋଜନରୁ କଟକ ମହାନଗର ନିଗମକୁ ବିରତ କରାଯାଇଥିବା ନେଇ ଏକ ଗୁଜବ ପ୍ରଚାରିତ ହେଉଥିବା ଜିଲ୍ଲା ସଂସ୍କୃତି ପରିଷଦ, କଟକର ନଜରକୁ ଆସିଛି। ଏହି ଖବର ସମ୍ପୂର୍ଣ୍ଣ କପୋଳକଳ୍ପିତ ଏବଂ ବିଭ୍ରାନ୍ତିକର। ଏ ସଂପର୍କରେ ଏହା ସ୍ପଷ୍ଟ କରାଯାଉଛି ଯେ ଚଳିତ ବର୍ଷ ଏହି ବିଶାଳ ଉତ୍ସବକୁ ଉପଯୁକ୍ତ ଢଙ୍ଗରେ ପରିଚାଳନା କରିବା ନିମନ୍ତେ ଉତ୍ତମ ତାଳମେଳ ରକ୍ଷା, ସଠିକ୍ ପରିଚାଳନା, ସାମଗ୍ରିକ ତଦାରଖ ଏବଂ ଯାଂଚ ଆଦି ନିମନ୍ତେ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ଏବଂ କମିଶନରେଟ ପୋଲିସ୍, ଭଳି ସମସ୍ତ ସହଯୋଗୀମାନଙ୍କୁ ନେଇ ଏକ ଏକୀକୃତ କମିଟି ଗଠନ କରାଯାଇଛି, ଯେଉଁଥିରେ ଆୟୁକ୍ତ, କଟକ ମହାନଗର ନିଗମ ସଦସ୍ୟ-ଆବାହକ ଅଛନ୍ତି। ତେଣୁ ବାଲିଯାତ୍ରା କଟକ ଉତ୍ସବ-୨୦୨୪ ଆୟୋଜନରୁ କଟକ ମହାନଗର ନିଗମକୁ ବିରତ କରାଯିବାର ପ୍ରଶ୍ନ ଉଠୁନାହିଁ। ବାଲିଯାତ୍ରା କଟକ ଉତ୍ସବ, କଟକ ତଥା ଓଡ଼ିଶାର ଗର୍ବ ଓ ଗୌରବ ହୋଇଥିବାରୁ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ସରକାରଙ୍କ ବିଭିନ୍ନ ବିଭାଗର ସକ୍ରିୟ ସହଯୋଗରେ ଖୁବ୍ ସୁନ୍ଦର ଭାବରେ ଆୟୋଜିତ ହେବ ବୋଲି ଜିଲ୍ଲା ସଂସ୍କୃତି ପରିଷଦ, କଟକ ଆଶା କରୁଛି। ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବା ନିମନ୍ତେ ଜିଲ୍ଲା ସଂସ୍କୃତି ପରଷଦ, କଟକ ପ୍ରତ୍ୟେକ ନାଗରିକଙ୍କର ସହଯୋଗ କାମନା କରୁଛନ୍ତି।

# ଭୁବନେଶ୍ୱରରେ ଗୋଧ୍ୱଜା ସ୍ଥାପନ କରିବେ ଜ୍ୟୋତିର୍ପୀଠ ଶଙ୍କରାଚାର୍ଯ୍ୟ



**ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ):** ଗୋ ପତାକା ସ୍ଥାପନ, ଗୋମାତାକୁ ରାଷ୍ଟ୍ରମାତା ଭାବେ ଘୋଷଣା କରିବା ଓ ଗୋବଧକୁ ଭାରତବର୍ଷରେ ନିଷେଧ କରିବାକୁ ଜ୍ୟୋତିର୍ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଜୀ ମହାରାଜ ଆସନ୍ତା ୬ ତାରିଖ ରବିବାର ଦିନ ଭୁବନେଶ୍ୱରରେ ପହଞ୍ଚି ମଞ୍ଚେଶ୍ୱରସ୍ଥ ରେଳବାଇ ଇନ୍‌ଡୋର ଷ୍ଟାଡିୟମ ଠାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଗୋଭକ୍ତ, ଗୋସେବକ ଓ ଧର୍ମପ୍ରେମୀ ସଜ୍ଜନମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୬୬ ମସିହାରେ ଧର୍ମସମ୍ରାଟ ସ୍ୱାମୀ ଶ୍ରୀ କରପତ୍ରୀଜୀ ମହାରାଜ ଯେଉଁ ଗୋରକ୍ଷା ଆନ୍ଦୋଳନର ସୂତ୍ରପାତ କରିଥିଲେ, ସ୍ୱାମିଜୀ ସେହି ଆନ୍ଦୋଳନକୁ ଆଗକୁ ବଢ଼ାଇବା ପାଇଁ ସେପ୍ଟେମ୍ବର ୨୨ ତାରିଖରୁ ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ସାରା ଭାରତବର୍ଷର ୩୩ଗୋଟି ରାଜ୍ୟ ପରିକ୍ରମା କରିବେ। ଆପଣମାନଙ୍କୁ ସୂଚନା ଦେବାକୁ ଚାହୁଁଛୁ ଯେ, ଗୋମାତାଙ୍କ ପାଇଁ ସ୍ୱାମିଜୀ ମହାରାଜ ଗତ କିଛିଦିନ ତଳେ ବୃନ୍ଦାବନ ଠାରୁ ଖାଲି ପାଦରେ ଦିଲ୍ଲୀ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ।

ଗୁରୁବାର ସନ୍ଧ୍ୟାରେ ସତ୍ୟନଗରଠାରେ ପ୍ରସ୍ତୁତି କମିଟିର ଶେଷ ବୈଠକ ସ୍ୱାଗତ କମିଟିର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜ୍ୟୋତିର୍ପୀଠର ପ୍ରତିନିଧି ବ୍ରହ୍ମଚାରୀ ଚିତ୍ ପ୍ରକାଶ, ସ୍ୱାଗତ କମିଟିର ଉପାଧ୍ୟକ୍ଷ ଡଃ କରୁଣାକର ପ୍ରଧାନ, ଡଃ ବି.ସି ମେନନ୍, ଶ୍ରୀଜଗନ୍ନାଥ ଧର୍ମପ୍ରଚାରକ ଶ୍ରୀ ଅରବିନ୍ଦ ବିଶ୍ୱାଳ, ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ, ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ଗୋସେବକ କମଲ ଅଗ୍ରୱାଲ, ପଥ୍ୱାନ ଗୁପ୍ତା, ଜ୍ଞାନଚାନ୍ଦ ନହର, ମନୋଜ ଡୁଗର, ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ସ୍ୱାଗତ ରାଉତରାୟ, ଆଡ଼ଭୋକେଟ ଶାନ୍ତନୁ ସାହୁ, ସମାଜସେବୀ କୈଳାସ ମିଶ୍ର, ପ୍ରଜ୍ଞାରାଜ ପ୍ରଧାନ ପ୍ରମୁଖ ୬ ତାରିଖ କାର୍ଯ୍ୟକ୍ରମର ସଫଳତା ବିଷୟରେ ବିଶେଷ ଭାବେ ଆଲୋଚନା କରିଥିଲେ। ବାସ୍ତୁବିତ ଡଃ ମନୋଜ ଲେଙ୍କା ସ୍ୱାମିଜୀଙ୍କୁ ଓଡ଼ିଶା ରାଜ୍ୟ ତରଫରୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଥିଲେ।

କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱାଗତ କମିଟିର ଉପାଧ୍ୟକ୍ଷ ପୂର୍ବତନ ଆଇଜି ଶ୍ରୀ ଅରୁଣ କୁମାର ଉପାଧ୍ୟାୟ, ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି।

# ଯୁବ ଶିକ୍ଷକଙ୍କ ବିୟୋଗରେ ଶୋକ



**ବୈଶିଙ୍ଗା, ୩।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଆମ୍ବଗଡିଆ ପଞ୍ଚାୟତ ମନ୍ତ୍ରୀଡାହି ଗ୍ରାମର ଯୁବ ଶିକ୍ଷକ ମନୋରଞ୍ଜନ ସିଂ(୪୧)ଙ୍କ ଅକାଳ ବିୟୋଗ ହୋଇଯାଇଛି। ସେ ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଚାଉଳ ବୁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାକିରି କରୁଥିଲେ। କିଛିଦିନ ହେଲା ସେ ଯକୃତ ରୋଗରେ ପୀଡିତ ଥିଲେ। ଗତ ସପ୍ତାହରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଓ ପରେ କଟକ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଗତକାଲି ବୁଧବାର ପରଲୋକ ହୋଇଥିଲା ବେଳେ ଆଜି ତାଙ୍କର ମୃତଦେହ ପୈତୃକ ଗ୍ରାମ ମନ୍ତ୍ରୀଡାହିକୁ ଅଣାଯିବା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।ତାଙ୍କର କୌଣସି ସନ୍ତାନ ନଥିବାବେଳେ ବିଧବା ପତ୍ନୀ ରହିଛନ୍ତି।ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ବାତାବରଣ ଖେଳିଯାଇଛି।

# ଡେଙ୍ଗୁ ସଚେତନତା ଅଭିଯାନ

**ଟାଙ୍ଗୀ-ଚୌଦ୍ୱାର, ୩।୧୦(ସଞ୍ଚାର ବ୍ୟୁରୋ):**ଆଗ୍ରାହାଟ ପଞ୍ଚାୟତ କୁଜିବର ଗ୍ରାମରେ ଡେଙ୍ଗୁ ସଚେତନତା ଓ ଗ୍ରାମ ସଫେଇ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ରୋଟାରୀ କ୍ଲବ୍ କଟକ ଅଭିନବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର କିଶୋରୀ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଡେଙ୍ଗୁ ରୋଗର ଭୟାବହତା, କାରଣ ଓ ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ।ଏଥି ସହିତ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ରୋଟାରିଆନ୍ ସୁଧାଂଶୁ ଶେଖର ଜେନା, ଚୌଦ୍ୱାର ଆରସିସର ମାନସ କୁମାର ସାହୁ, ଅକ୍ଷୟ ନାୟକ, ପୂର୍ଣ୍ଣିମା ମହାରଣା, ମହେଶ୍ୱର ସାହୁ, ସରୋଜିନୀ ରାଉତ, ଅଙ୍ଗନୱାଡ଼ି କର୍ମୀ ସତ୍ୟଭାମ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଗାନ୍ଧୀ ଜୟନ୍ତୀରେ ଗଣ ସଫେଇ

**ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ):** ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୫ ତମ ଜୟନ୍ତୀ ପାଳନ ଏବଂ ସ୍ୱଚ୍ଛ ଭାରତ ଅଭିଯାନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓକେସିଏଲ ଓ ଏନଆଇଏଟି କମ୍ପ୍ୟୁଟର ଏଜୁକେସନର ମିଳିତ ଉଦ୍ୟମରେ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓକେସିଏଲର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ତଥା ଏନଆଇଏଟିର ପ୍ରତିଷ୍ଠାତା ଦେବାଶିଷ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓକେସିଏଲ ଉପକେନ୍ଦ୍ରୀୟ ନିଯୁକ୍ତି ଅଧିକାରୀ ତପନ କୁମାର ରାଉଳ ଯୋଗଦେଇ ଝାଡୁ ମାରି ଗଣ ସଫେଇକୁ ଉଦ୍‌ଘାଟନ କରିଥିଲେ। ଏହି ସଫେଇ କାର୍ଯ୍ୟ ଶୈଳଶ୍ରୀ ବିହାର ଠାରୁ ଆରମ୍ଭ ହୋଇଥିଲା। ରାସ୍ତା କଡରେ ପଡ଼ିଥିବା ଅଳିଆ ଝାଡୁ ମାରି ସଫା କରି କରି ମଙ୍ଗଳା ମନ୍ଦିର ଛକ ହୋଇ ମହାବୀର ବସ୍ତିରେ ପହଞ୍ଚି ଥିଲେ। ମହାବୀର ବସ୍ତିରେ ଝାଡୁ ମାରି, ଅନାବନା ଗଛ ଉପାଡି ସେସବୁକୁ ଉଠାଇ ସମ୍ପୂର୍ଣ୍ଣ ପରିଷ୍କାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ମୁଦୁଲି, ସତ୍ୟବାନ ଜେନା, ସମ୍ଭବ ଛୋଟରାୟ, ସସ୍ମିତା ତ୍ରିପାଠୀ, ନନ୍ଦିତା ପରିଡ଼ା, ବର୍ଷାରାଣୀ ମହାପାତ୍ରଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରି ସଫେଇ କରିଥିଲେ।




# ବଡ଼ଚଣାରେ ବିଜେଡି ତିନିଫାଳ

**ଯାଜପୁର ସଦର, ୩।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଗତକାଲି ଗାନ୍ଧୀ ଜୟନ୍ତି ଶାସ୍ତ୍ରୀ ଜୟନ୍ତି ହୋଇଥିବା ବେଳେ, ବିଜେଡ଼ି ଦଳର ତିନି ପ୍ରମୁଖ ନେତା ଶୋଭାଯାତ୍ରାରେ ବାହାରି ଗାନ୍ଧୀ, ଶାସ୍ତ୍ରୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯାହାକି ବିଜେଡ଼ି ଗୋଷ୍ଠି କନ୍ଦଳ ଡାଙ୍ଗରେ ପଡ଼ି ହାଟରେ ଗଡୁଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥିହୋଇଥିବା ବର୍ଷାପ୍ରିୟଦର୍ଶିନୀ ତାଙ୍କ ସମର୍ଥକ ମାନଙ୍କୁ ନେଇ ଶୋଭାଯାତ୍ରାରେ ବାହାରିଥିଲେ। ସେହିପରି ଡ. ରାଜନାରାୟଣ ମହାପାତ୍ର ବିଜେଡ଼ିରେ ମିଶିଥିବା ବେଳେ, ତାଙ୍କ ସମର୍ଥକ ମାନଙ୍କୁ ନେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବଡ଼ଚଣାର ପୂର୍ବତନ ବିଧାୟକ ଏବଂ ମନ୍ତ୍ରୀ ହୋଇଥିବା ଅମର ପ୍ରଶାଦ ଶତପଥି ତାଙ୍କ ସମର୍ଥକ ମାନଙ୍କୁ ସାଙ୍ଗରେ ଧରି ବିରାଟ ପଟୁଆରେ ବାହାରି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତିନି ଜଣଙ୍କର ଝଗଡ଼ା ହେଲେ ଚତୁର୍ଥ ଲୋକର ଲାଭ ହେବବୋଲି କଥା ରହିଚି। ଯାହାକି ବଡ଼ଚଣା ନିର୍ବାଚନ ମଣ୍ଡଳୀକୁ ଭାରତୀୟ ଜନତା ପାର୍ଟି ଅମର ନାୟକ ବିଜୟ ହୋଇଥିଲେ। ବିଜେଡ଼ି କଂଗ୍ରେସ ପରାସ୍ତ ହୋଇଥିଲେ। ୧ନଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧି ଦଳର ନେତା ବଡ଼ଚଣାକୁ ଦେଇଥିବା ପ୍ରାର୍ଥୀ ବର୍ଷାପ୍ରିୟଦର୍ଶିନୀ ବଡ଼ଚଣାରେ ବରଷିଗଲେ ତାହା ଦେଖିବାକୁ ମିଳିଲା ଗାନ୍ଧୀଜୟନ୍ତୀରେ ପ୍ରମାଣ ମିଳିଲା।

# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ଖୋର୍ଦ୍ଧ, ୩।୧୦ (ସଂଚାର ବ୍ୟୁରୋ):** ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ୧୫୫ତମ ଗାନ୍ଧୀ ଜୟନ୍ତୀ ତଥା ୧୨୦ତମ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁବୋଧ କୁମାର ଜଗଦ୍ଦେବଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଣବ କିଶୋର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱାଧୀନ ଭାରତର ୩ୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କର ନୀତି ଆଦର୍ଶ ଓ ଭାରତ ସ୍ୱାଧୀନତାରେ ତାଙ୍କର ଅଗ୍ରଣୀ ଭୂମିକା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ)ର ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପାଇକରାୟ ଯୋଗଦେଇ ଭାରତ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଙ୍କ ଭୂମିକା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ବକ୍ତବ୍ୟ ରଖିଥିଲେ । ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ନାଗରିକ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଭଳି ଆଦର୍ଶବାନ ହେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ବରିଷ୍ଠ ବିତ୍ତିୟ ଅଧିକାରୀ ତଥା ପ୍ରାଧ୍ୟାପକ ଅଶୋକ କୁମାର ବଳବନ୍ତରାୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗାନ୍ଧୀଜୀଙ୍କର ଅଂହିସା ଆନ୍ଦୋଳନ ତଥା ଭାରତ ସ୍ୱାଧୀନତାରେ ଅତୁଳନୀୟ ଅବଦାନ ବିଷୟରେ ଗଭୀର ଆଲୋକପାତ କରିଥିଲେ । ଉକ୍ତ ସମାରୋହରେ ମହାବିଦ୍ୟାଳୟର ସମର ଶିକ୍ଷାତ୍ରି ବାହିନୀର କ୍ୟାଡେଟସ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ରୋଭର୍ସ ରେଞ୍ଜରର୍ସ ସ୍ୱେଚ୍ଛାସେବୀ, ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ସୁକୁମାର ପଟ୍ଟନାୟକ, ଏନଏସଏସ ପୋଗ୍ରାମ ଅଫିସର ଅଳିଭା ବେହୁରା, ଭଗବାନ ଖେଳାର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାଧ୍ୟାପକ ଶ୍ରୀ ଜଗଦ୍ଦେବ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ କାର୍ଯ୍ୟକ୍ରମ ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ । ଜାତୀୟ ସେବା ଯୋଜନା ଶାଖା ତରଫରୁ ଏକ ପଦଯାତ୍ରା ମହାବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ଉଦ୍‌ଯାପିତ



**କେନ୍ଦ୍ରାପଡ଼ା, ୩।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଜ୍ରମହାକାଳୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋବିନ୍ଦଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ରାଜ୍ୟ ସମ୍ପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ଶିକ୍ଷାବିତ୍ ପଦ୍ମନାଭ ଦାଶ, ସମ୍ମାନିତ ଅତିଥି ଅଞ୍ଜନ କୁମାର ରାଉତ ପ୍ରମୁଖ ଯୋଗ ଦେଇ ସତ୍ୟାନୁରାଗୀ ହେବା ସହ କର୍ତ୍ତବ୍ୟନିଷ୍ଠା ଓ ନମ୍ରତା ଭାବ ନ ରଖିଲେ ଜଣେ ଛାତ୍ର ବା ଛାତ୍ରୀ ଶିକ୍ଷକ ତଥା ଗୁରୁଜନଙ୍କର ଅଶୀର୍ବାଦ ଲାଭ କରି ସଫଳତାର ଶୀର୍ଷରେ ପହଞ୍ଚି ପାରିବ ଏହା ନିଃସନ୍ଦେହ। ଶିକ୍ଷକ ନଳିନୀକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧନ ସଂଯୋଜକ ରଞ୍ଜନ କୁମାର ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚତୁର୍ଥ ଶ୍ରେଣୀଠାରୁ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀମାନେ କନିଷ୍ଠ ବର୍ଗ ହୋଇଥିବା ବେଳେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ବରିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଯଥା ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପି.ଏମ୍ ପୋଷଣ(ଚିତ୍ରକଳା) ଓ ଶିଳ୍ପକଳା ପ୍ରଭୃତି ୧୦ଟି ବିଭାଗରେ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସଫଳ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପଳସିଂହା ଗ୍ରାମ ପଞ୍ଚାୟତର ସରପଞ୍ଚ ଦେବେନ୍ଦ୍ର କୁମାର ପରିଡ଼ା, ମୁଖ୍ୟବକ୍ତା କେଶବ ଚନ୍ଦ୍ର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା, ଗୋବିନ୍ଦଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର, ପଳସିଂହା ପଞ୍ଚାୟତର ସମିତି ସଭ୍ୟା କୁମୁଦିନୀ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆର୍ଶୀବଚନ ପ୍ରଦାନ କରିବା ସହ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରିଥିଲେ।

### ଯୋଗାଣ ବିଭାଗ ଉଚ୍ଚସ୍ତରୀୟ ଟିମ୍‌ର ଛତିଶଗଡ଼ ଗସ୍ତ

# ଧାନସଂଗ୍ରହ ଓ ଗୋଦାମ ପରିଚାଳନା ନେଇ କ୍ଷେତ୍ର ପରିଦର୍ଶନ




**ଭୁବନେଶ୍ୱର, ୩ ।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟବସ୍ଥାରେ ଉନ୍ନତୀକରଣ ଓ ଚାଷୀଙ୍କ ପ୍ରଗତି ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଚାଷୀ ମାନଙ୍କୁ ବୋନସ ପ୍ରଦାନ ପ୍ରକ୍ରିୟା ସମ୍ପର୍କରେ ଜାଣିବା ପାଇଁ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ନିକଟରେ ଛତିଶଗଡ଼ ଗସ୍ତ କରିଥିଲେ । ସେଠାରେ କ୍ଷେତ୍ର ପରିଦର୍ଶନ ସହ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ, ଧାନ ସଂରକ୍ଷଣ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ବାବଦରେ ଅବଗତ ହୋଇଥିଲେ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ରାଜ୍ୟର ୭୫ ଜଣିଆ ପ୍ରତିନିଧି ମଣ୍ଡଳୀରେ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ଥିଲେ । ଏହି ପ୍ରତିନିଧି ମଣ୍ଡଳୀର ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ପଡୋଶୀ ରାଜ୍ୟ ଛତିଶଗଡ଼ର ପ୍ରତିପକ୍ଷମାନଙ୍କ ସହ ଆଲୋଚନା କରି ଚାଷୀମାନଙ୍କ ଦ୍ୱାରା ଗୋଦାମ ଓ ପ୍ୟାକ୍ସ ପରିଚାଳନା, ଧାନସଂଗ୍ରହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମ୍ପର୍କରେ ପଚାରି ବୁଝିବା ସହ ପିଡ଼ିଏସ ମାଧ୍ୟମରେ ଚାଉଳ ଓ ଗହମ ସମେତ ଚିନି, ଗୁଡ଼ ଓ ଲୁଣ ବଣ୍ଟନର ଅନୁଧ୍ୟାନ କରିଥିଲେ। ଏଥିସହ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ଏବଂ ଏହି ପ୍ରତିନିଧି ମଣ୍ଡଳୀ ଛତିଶଗଡ଼ର ଖାଦ୍ୟଯୋଗାଣ ଓ ଖାଉଟି ସୁରକ୍ଷା ମନ୍ତ୍ରୀ ଶ୍ରୀ ଦୟାଲ୍ ଦାସ ବାଘେଲ୍, ସମବାୟ ମନ୍ତ୍ରୀ ଶ୍ରୀ କେଦାର କାଶ୍ୟପଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ଛତିଶଗଡ଼ରେ ବିଧାନସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ପ୍ରବାସୀ ଓଡ଼ିଆ ଶ୍ରୀ ପୁରନ୍ଦର ମିଶ୍ରଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଗସ୍ତ ଅବସରରେ ବୈଷୟିକ ଦଳ, ଯୋଗାଣ ଅଧିକାରୀ, ମାର୍କେଟିଂ ଇନ୍‌ସପେକ୍ଟର ପ୍ରମୁଖ ସାମିଲ ରହି ଛତିଶଗଡ଼ର ଧାନ ସଂଗ୍ରହ, ପ୍ୟାକ୍ସ ପରିଚାଳନା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ।

## ଆରମ୍ଭ ହେଲା ଗୁପ୍ତଗୁଣ୍ଡିଚା



**ପୁରୀ, ୩।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ଦୂର୍ଗା ଉତ୍ସବ ଅବସରରେ ଶ୍ରୀକ୍ଷେତ୍ରରେ ଆଜିଠୁ ମହାପ୍ରଭୁଙ୍କ ଆରମ୍ଭ ହୋଇଛି ଗୁପ୍ତଗୁଣ୍ଡିଚା । ଦୁର୍ଗାମାଧବ ଉପାସନାର ପ୍ରତୀକ ସ୍ୱରୂପ ଶ୍ରୀଜଗନ୍ନାଥ ଗୁପ୍ତଗୁଣ୍ଡିଚାରେ ମା ମହାଲକ୍ଷ୍ମୀ ସ୍ୱରୁପା ମା ଦୁର୍ଗାଙ୍କୁ ନେଇ ଦୋଳମଣ୍ଡପ ସାହି ସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଛନ୍ତି। ମା ଲକ୍ଷ୍ମୀଙ୍କୁ ପବିତ୍ର ରଥଯାତ୍ରା ସମୟରେ ଶ୍ରୀଜୀଉମାନେ ଗୁଣ୍ଡିଚା ଘରକୁ ନେଇନଥିବା ବେଳେ ନୀଳାଦ୍ରିବିଜେ ସମୟରେ ଅଭିମାନିନୀ ମା ଲକ୍ଷ୍ମୀଙ୍କୁ ଗୁପ୍ତଗୁଣ୍ଡିଚାରେ ଯିବା ପାଇଁ ପ୍ରତିଶୃତି ଦେଇଥିଲେ ପ୍ରଭୁ ଶ୍ରୀଜଗନ୍ନାଥ। ତେବେ ସେହି ପ୍ରତିଶୃତି, ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରି ଏହି ଗୁପ୍ତଗୁଣ୍ଡିଚା ଅନୁଷ୍ଠିତ ହେବାର ପରମ୍ପରା ରହିଥିବା ଗବେଷକ ମତ ଦେଇଛନ୍ତି । ଦୁର୍ଗା ମାଧବ ଉପାସନାର ଅନନ୍ୟ ଐତିହ୍ୟ କ୍ଷେତ୍ରର ନାରାୟଣୀ ମନ୍ଦିର । ଆଶ୍ୱିନ ମାସରେ ଷୋଳପୂଜା ସମୟରେ ପ୍ରଥମ ଆଠ ଦିନ ଦୁର୍ଗା ମାଧବ ଶ୍ରୀମନ୍ଦିର ପରିସରରେ ଥିବା ମା ବିମଳାଙ୍କ ମନ୍ଦିର ଜଗମୋହନରେ ପୂଜା ପାଉଥିବା ବେଳେ ଶେଷ ୮ ଦିନ ଏହି ନାରାୟଣୀ ମନ୍ଦିରକୁ ଆସନ୍ତି। ଶାରଦୀୟ ଦୁର୍ଗାପୂଜା ପରିପ୍ରେକ୍ଷୀରେ ଗଇଁଠାଳ ପଡ଼ି ଦୁର୍ଗାମାଧବ ଏକତ୍ର ପୂଜା ପାଇବା ଏହି ମନ୍ଦିର ଭିନ୍ନ ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ। ସେଥିପାଇଁ ଏହା ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ଭାବେ ଅଭିହିତ। ଶ୍ରୀମନ୍ଦିରରୁ ଦୁର୍ଗା ମାଧବ ଏହି ମନ୍ଦିରକୁ ଷୋଳପୂଜା ସମୟରେ ଶେଷ ଆଠଦିନ ଏକ ରଥାକୃତି ବିମାନରେ ଆସିବା ସହ ମାଣ୍ଡୁଅ ଭୋଗ ଖାଇଥାନ୍ତି । ଶ୍ରୀମନ୍ଦିରରେ ଚନ୍ଦନଲାଗି ବଢ଼ିବା ପରେ ଦୁର୍ଗାମାଧବ ପାଲିଙ୍କିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

## ନଭେମ୍ବର ୧୩ରେ ବଡ଼ଓଷା

**କଟକ, ୩ ।୧୦ (ସଂଚାର ବ୍ୟୁରୋ):** ଧବଳେଶ୍ୱର ପୀଠରେ କାର୍ତ୍ତିକ ପଞ୍ଚକ ବ୍ରତ ଓ ବଡ଼ଓଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅକ୍ଟୋବର ୧୮ରୁ ନଭେମ୍ବର ୧୫ ଯାଏ କାର୍ତ୍ତିକ ବ୍ରତ ପାଳନ ହେବ। ସେହିପରି ୧୨ ନଭେମ୍ବରରୁ ୧୫ ଯାଏ ୪ ଦିନ ଧରି ପଞ୍ଚକ ବ୍ରତ ପାଳନ କରାଯିବ। ୧୩ରେ ବଡ଼ଓଷା, ବଡ଼ସିଂହାର ବେଶରେ ଦର୍ଶନ ଦେବେ ବାବା ଧବଳେଶ୍ୱର। ୧୩ ରାତିରେ ଧବଳେଶ୍ୱରଙ୍କ ପାଖେ ଲାଗି ହେବ ଗଜଭୋଗ ଓ ତରଣା। ୧୪ ତାରିଖ ଭୋରରୁ ଶ୍ରଦ୍ଧାଳୁଙ୍କୁ ଗଜଭୋଗ ବିତରଣ କରାଯିବ। ୧୫ ନଭେମ୍ବର କାର୍ତ୍ତିକ ବ୍ରତ ଶେଷ ସହ ବୋଇତ ଭସାଣ ହେବ। ଧବଳେଶ୍ୱରଙ୍କ ପୀଠରେ କାର୍ତ୍ତିକ ପଞ୍ଚକ ବ୍ରତ ଓ ବଡ଼ଓଷା ପାଇଁ କଟକ ଜିଲ୍ଲାପାଳ ଡି ସିନ୍ଦେ ଅଧ୍ୟକ୍ଷତାରେ ପ୍ରସ୍ତୁତି ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏପରି ନିଷ୍ପତ୍ତି ହୋଇଛି। କାର୍ତ୍ତିକ ବ୍ରତ ଓ ବଡ଼ ଓଷା ପାଇଁ ଧବଳେଶ୍ୱର ପୀଠରେ ପ୍ରବଳ ଭିଡ଼ ହେବ। ତେଣୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଶ୍ରଦ୍ଧାଳୁମାନଙ୍କ ଦର୍ଶନରେ ଯେମିତି କୌଣସି ଅସୁବିଧା ନ ହେବ, ସେଥିପାଇଁ ଧ୍ୟାନ ଦିଆଯିବ ବୋଲି ପ୍ରସ୍ତୁତ ବୈଠକରେ ନିଷ୍ପତ୍ତି ହୋଇଛି।

## ପ୍ରଶାସନିକ ତତ୍ପରତା
# ଖଣ୍ଡଗିରିରୁ ହଟିବ ଜବରଦଖଲ



**ଭୁବନେଶ୍ୱର, ୩ ।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଖଣ୍ଡଗିରି ପାହାଡରେ ବେଆଇନ ଦଖଲ ହଟାଇବା ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଛି। ଏକ ରିଟ ପିଟିସନ କେସ କୁ ଭିତ୍ତିକରି ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କ ନିର୍ଦ୍ଦେଶ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ପତ୍ର ଅନୁଯାୟୀ ଖଣ୍ଡଗିରି ପାହାଡରେ ବେଆଇନ ଦଖଲ ହଟାଇବା ସମ୍ପର୍କେ ଗୁରୁବାର ଅପରାହ୍ଣରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି।ଏହି ବୈଠକରେ ଭୁବନେଶ୍ୱର କମିଶନରେଟ ପୋଲିସ ଭାରପ୍ରାପ୍ତ ପୋଲିସ ଉପାୟୁକ୍ତ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର, ଉପଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ନୀତିଶ କୁମାର ତ୍ରିପାଠୀ, ଅଧିକ୍ଷକ,ପ୍ରତ୍ନତତ୍ତ୍ୱ ବିତ୍ ଡ. ଏନ୍ କେ ସ୍ୱାଇଁ,ଏ ଏସ ଆଇ, ଡ଼.ଏସ କେ କର, ତହସିଲଦାର, ଭୁବନେଶ୍ୱର ଶ୍ରୀ ମାନସ ରଂଜନ ସ୍ୱାଇଁ, ଭୁବନେଶ୍ୱର ମହାନଗର ନିଗମ, ଦକ୍ଷିଣ ପଶ୍ଚିମ ଜୋନ ଜୋନାଲ ଆୟୁକ୍ତ ଶ୍ରୀ ରୋସନ ଶତପଥୀ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଶ୍ରୀ ଅଞ୍ଜନ କୁମାର ବାରିକ, ପୂର୍ତ୍ତ ଖଣ୍ଡ ୫ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ବିଭୂ ପ୍ରସାଦ ଲେଙ୍କା , ଡେପୁଟୀ କଲେକ୍ଟର, ଜୁଡ଼ିସିଆଲ ଅନନ୍ୟା ସୃଷ୍ଟି ଶତପଥୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ପ୍ରାରମ୍ଭରେ ଅଧିକ୍ଷକ, ପ୍ରତ୍ନତତ୍ତ୍ୱ ବିତ ଙ୍କୁ ଖଣ୍ଡଗିରି ପାହାଡର ଉର୍ଦ୍ଧ ଭାଗରେ ଏବଂ ନିମ୍ନ ଭାଗରେ ବେଆଇନ ଦଖଲ ସମ୍ପର୍କରେ ବିସ୍ତୃତ ତଥ୍ୟ ପଚାରି ବୁଝିଥିଲେ।ପରେ ଜିଲ୍ଲାପାଳ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀ ଯଥା ଭୁବନେଶ୍ୱର ମହାନଗର ନିଗମ ଦକ୍ଷିଣ ପଶ୍ଚିମ ଜୋନ ଜୋନାଲ ଆୟୁକ୍ତ,ତହସିଲଦାର, ପୂର୍ତ୍ତ, ସାଧାରଣ ପ୍ରଶାସନ, ଥାନା ଅଧିକାରୀ ସମସ୍ତଙ୍କୁ ଆଇନ ଅନୁଯାଇ ମିଳିତ ଭାବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପୁନର୍ବାର ଯେପରି କୌଣସି ପ୍ରକାରେ ଖଣ୍ଡଗିରି ଓ ଉଦୟଗିରି ପାହାଡର ଯେ କୌଣସି ସ୍ଥାନରେ ଯେ କୌଣସି ଗୋଷ୍ଠୀଙ୍କ ଦ୍ୱାରା ବେଆଇନ ଦଖଲ କିମ୍ବା ସ୍ଥାୟୀ ବା ଅସ୍ଥାୟୀ ନିର୍ମାଣ କାର୍ଯ୍ୟ ନହୁଏ, ସେଥିପ୍ରତି ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ସହ ସଂପୃକ୍ତ ସମସ୍ତ ବିଭାଗୀୟ ପ୍ରଶାସନ ତୀକ୍ଷ୍ଣ ନଜର ଓ ଧ୍ୟାନ ଦେବାକୁ ଜିଲ୍ଲାପାଳ ଶ୍ରୀ ରାଣା ନିର୍ଦ୍ଦେଶ ଦେବାସହ ସମସ୍ତ କାର୍ଯ୍ୟ ଦୁଇ ମାସ ମଧ୍ୟରେ ସମାଧାନ କରିବାକୁ ନିଷ୍ପତି ନିଆଯାଇଥିଲା।

## ଦାୟିତ୍ୱ ନେଲେ ଉମା ଶଙ୍କର



**ଭୁବନେଶ୍ୱର, ୩ ।୧୦ (ସଂଚାର ବ୍ୟୁରୋ) :** ଦ୍ୱିତ ନଗରୀର ଅତିରିକ୍ତ ପୋଲିସ କମିଶନର ଭାବେ ଗୁରୁବାର ଦାୟିତବ ଗ୍ରହଣ କରିଛନ୍ତି ଉମା ଶଙ୍କର ଦାଶ। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ତାଙ୍କୁ କମିଶନରେଟ ପୋଲିସର ଲୋଗୋ ପିନ୍ଧାଇ ସ୍ୱାଗତ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ କମିଶନରେଟ ପୋଲିସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ପୂର୍ବରୁ ମଧ୍ୟ ଭୁବନେଶ୍ୱର ଡିସିପି ଏବଂ ଅତିରିକ୍ତ ପୋଲିସ କମିଶନର ଭାବରେ ଦାୟିତ୍ୱ ସୁଚାରୁ ତୁଲାଇଥିଲେ ଉମାଶଙ୍କର ଦାଶ। ନୂଆ ସରକାରରେ ତାଙ୍କୁ ପୁଣି ଗୁରୁଦାୟିତ୍ୱ ମିଳିଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅତିରିକ୍ତ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଆଗକୁ ଦୁର୍ଗା ପୂଜା ଆସୁଛି । ତେଣୁ କଟକ ଏବଂ ଭୁବନେଶ୍ୱରବାସୀଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବ ପୋଲିସ। କଟକ-ଭୁବନେଶ୍ୱରବାସୀଙ୍କ ସମେତ କମିଶନରେଟ ପୋଲିସରେ ଚାକିରି କରୁଥିବା ସମସ୍ତ କର୍ମଚାରୀ କିଭଳି ସୁରକ୍ଷା ପାଇବେ ତାହା ମୋର ପ୍ରାଥମିକ ଦାୟିତ୍ୱ ରହିବ । କମିଶନରେଟ ପୋଲିସ ନେତୃତ୍ୱରେ ଏହି ଦାୟିତ୍ୱକୁ ଗୋଟିଏ ଟିମ୍ ହୋଇ ତୁଲାଇବୁ। ଦାୟିତ୍ୱ ସୁଚାରୁ ରୂପେ ପାଳନ କରିବି ବୋଲି ଶ୍ରୀ ଦାଶ କକହିଛନ୍ତି।

## ଯାଞ୍ଚ ହେବ ହୀରାକୁଦର ଭୂକମ୍ପ ନିରାପତ୍ତା



**ସମ୍ବଲପୁର, ୩।୧୦ (ସଂଚାର ବ୍ୟୁରୋ):** କିଛିଦିନ ହେଲା ରାଜ୍ୟରେ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଛି। ସେହପରି ହୀରାକୁଦ ଜଳ ଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଇ ଉଛୁଳିବାରେ ଲାଗିଥିବା ସୂଚନା ମିଳିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ହୀରାକୁଦ ସଂପୂର୍ଣ୍ଣ ଭର୍ତ୍ତି ହୋଇଛି। ଜଳଭଣ୍ଡାରରେ ୬୩୦ ଫୁଟ ପାଣି ରହିଥିବାବେଳେ ସମସ୍ତ ଗେଟ୍ ବନ୍ଦ ଅଛି । ଫଳରେ ଉପରୁ ପାଣି ଉଛୁଳୁଛି। ଆଉଟ ଫ୍ଲୋ' ଓ ଇନ୍-ଫ୍ଲୋ' ସମାନ ରହିଥିବାବେଳେ ପାଣି ଉଛୁଳୁଥିବା ପ୍ରଥମ କରି ଦେଖିବାକୁ ମିଳିଛି। ବର୍ତ୍ତମାନ ଉପରମୁଣ୍ଡରୁ ୪୧ ହଜାର କ୍ୟୁସେକ୍ ପାଣି ଆସୁଥିବାବେଳେ ସମସ୍ତ ଗେଟ୍ ବନ୍ଦ ଫଳରେ ପାଣି ଉଛୁଳୁଛି ଏବଂ କ୍ରାଷ୍ଟ ଗେଟ୍ ଦେଇ ପାଣି ଲିକ୍ ହେଉଛି। ହେଲେ ପବନ ଯୋଗୁଁ ଏମିତି ହୋଇଥିବା କହିଛନ୍ତି ମୁଖ୍ୟଯନ୍ତ୍ରୀ।

ଅନ୍ୟପଟେ ହୀରାକୁଦ ଡ୍ୟାମ୍‌ର ନିର୍ମାଣ ଓ ଭୂକମ୍ପ ନିରାପତ୍ତା ଯାଞ୍ଚ ହେବ ବୋଲି ସୂଚନା ମିଳିଛି । ଜୟପୁର ସ୍ଥିତ ଏମ୍ଏନ୍ଆଇଟିର ଏକ ବିଶେଷଜ୍ଞ ଟିମ୍ ଏହି ଅନୁଧ୍ୟାନ କରିବେ । ଏନେଇ ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀଙ୍କ ଠାରୁ ରିପୋର୍ଟ ମାଗିଛି ବିଭାଗ । ଚିଠି ଲେଖି ତଥ୍ୟ ମାଗିଛନ୍ତି ସେଚ ସଦନ ଡ୍ୟାମ୍ ନିରାପତ୍ତା ମୁଖ୍ୟ ଯନ୍ତ୍ରୀ। ଅକ୍ଟୋବର ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୨୧, ୨୨ରେ ଯାଞ୍ଚ ହେବ ବୋଲି ସୂଚନା ମିଳିଛି।

## ୮ରୁ ବଢ଼ିବ ବର୍ଷା



**ଭୁବନେଶ୍ୱର, ୩ ।୧୦ (ସଂଚାର ବ୍ୟୁରୋ) :** ବର୍ଷାରେ ଭିଜିବ ଓଡ଼ିଶା। ଦକ୍ଷିଣପୂର୍ବ ବାଂଲାଦେଶ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ। ଏହା ଶୁକ୍ରବାର (୪ ତାରିଖ) ଲଘୁଚାପର ରୂପ ନେଇପାରେ। ଏହା ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେବ ଲଘୁଚାପ। ହେଲେ ଏହାର ପ୍ରଭାବ ଅଧିକ ରହିବ ନାହିଁ । କାଁ ଭାଁ ସ୍ଥାନରେ ବର୍ଷା ରହିବ। ଆଗାମୀ ୭ ଦିନ ଯାଏଁ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି। ହେଲେ ୮ ତାରିଖ ବେଳକୁ ବର୍ଷା ବଢ଼ିବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହା ସହିତ ଆସନ୍ତା ୨୪ ଘଣ୍ଟାରେ ବିହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର ,କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡା, ଢେଙ୍କାନାଳ, ଯାଜପୁର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଉପକୂଳ ଓଡ଼ିଶାର ଏହି ଜିଲ୍ଲାରେ ବିଜୁଳି ଘଡ଼ଘଡି ବର୍ଷାର ସତର୍କତାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ସିଏମ୍‌ସି ଉପରେ ଅସନ୍ତୋଷ ଝାଡ଼ିଲେ ହାଇକୋର୍ଟ



**ସପ୍ତାହକ ମଧ୍ୟରେ ରାସ୍ତାଘାଟ ମରାମତି କର**

**ଡିଜେ ବାଜିବ, ମାତ୍ର ଧୀରେ**

**କଟକ, ୩ ।୧୦ (ସଂଚାର ବ୍ୟୁରୋ):** ପାର୍ବଣ ଋତୁରେ କଟକ ମହାନଗରରେ ଡିଜେ ବାଜିବ। କିନ୍ତୁ ଧୀରେ ବାଜିବ। ଅର୍ଥାତ ୬୫ ଡେସିବଲଠାରୁ ଅଧିକ ଜୋରରେ ଡିଜେ ବାଜି ପାରିବ ନାହିଁ। ଏଥିସହ କଟକ ରାସ୍ତାଘାଟ ମରାମତି ନେଇ ଅସନ୍ତୋଷ ଝାଡ଼ିଛନ୍ତି ଓଡିଶା ହାଇକୋର୍ଟ। ଦଶହରା ପୂର୍ବରୁ ବନ୍ଦ ଓ ଅଚଳ ହୋଇ ପଡିଥିବା ସମସ୍ତ ଷ୍ଟ୍ରିଟ୍ ଲାଇଟ ମରାମତି କରିବା ପାଇଁ କୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି।

କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି ପ୍ରସଙ୍ଗରେ କଟକ ମହାନଗର ନିଗମ(ସିଏମସି) ଉପରେ ବର୍ଷିଛନ୍ତି ଓଡିଶା ହାଇକୋର୍ଟ। ଭୁଲ ରିପୋର୍ଟ ଦେଲେ ଅଦାଲତ ଅବମାନନା ମାମଲାର ସାମ୍ନା କରିବାକୁ ପଡିବ ବୋଲି କୋର୍ଟ ଚେତାବନୀ ଶୁଣାଇଛନ୍ତି। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ଏକାଧିକ ୱାର୍ଡରେ ରାସ୍ତାଘାଟର ମରାମତି କାମ ଶେଷ ହୋଇନାହିଁ। ଆସନ୍ତା ଏକ ସପ୍ତାହ ମଧ୍ୟରେ ସଠିକ ଭାବରେ ସମସ୍ତ ରାସ୍ତାଘାଟର ମରାମତି କାମ ଶେଷ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟେ ରାସ୍ତା ଉପରେ ତୋରଣ ନିର୍ମାଣ ପ୍ରସଙ୍ଗରେ କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶରେ କୋହଳ କରିବା ପାଇଁ କେତେକ ପୂଜା କମିଟି ଅନୁରୋଧ କରିଥିଲେ। ତୋରଣ ନିର୍ମାଣ କାମ ଯଥେଷ୍ଟ ଅଗ୍ରଗତି ହୋଇଥିବାରୁ ଏହା ବନ୍ଦ କରିବା କଷ୍ଟକର ବ୍ୟାପାର ବୋଲି କୁହାଯାଇଥିଲା। ଆସନ୍ତା ବର୍ଷରୁ ରାସ୍ତା ଉପରେ ତୋରଣ ନିର୍ମାଣ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ମଧ୍ୟ କହିଥିଲେ ପୂଜା କମିଟି। ହେଲେ କୋର୍ଟ ସେହି ଅନୁରୋଧକୁ ଗ୍ରହଣ ନ କରି ଲୋକଙ୍କୁ ସମସ୍ୟାରେ ନପକାଇବା ସହ ଧନଜୀବନ ଯେଭଳି ହାନି ନହୁଅ, ସେନେଇ ଧ୍ୟାନ ଦେବାକୁ କହିଛନ୍ତି। ଆଜିର ଶୁଣାଣିରେ ସିଏମସି କମିସନର, ସିଟି ଇଞ୍ଜିନିୟର, ସ୍ୱାସ୍ଥ୍ୟ ଅଧିକାରୀ, ଆରଏଣ୍ଡବି ଯନ୍ତ୍ରୀ, ଡିସିପି, ଅଗ୍ନି ନିର୍ବାପକ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ।

## ବନସ୍ପତିରେ ସେଣ୍ଟ ମିଶାଇ ତିଆରି ହେଉଥିଲା ନକଲି ଘିଅ




**କଟକ, ୩।୧୦ (ସଂଚାର ବ୍ୟୁରୋ) :** କଟକରେ ପୁଣି ଠାବ ହୋଇଛି ନକଲି ଘିଅ କାରଖାନା। ବନସ୍ପତିରେ ବିଭିନ୍ନ ଏସେନ୍ସ ମିଶାଇ ତିଆରି ହେଉଥିଲା 'ବାଲ୍‌ଗୋପାଲ୍' ଖାଣ୍ଟି ଗୁଆ ଘିଅ। ଆଉ ସେହି ଘଅକୁ ମାର୍କେଟକୁ ଛଡ଼ା ଯାଉଥିଲା। ଯାହାକୁ ଲୋକେ ଅସଲି ଘିଅ ଭାବି ଖାଉଛନ୍ତି ଓ ଠାକୁରଙ୍କ ପାଖରେ ପୂଜାରେ ବ୍ୟବହାର କରୁଛୁ। ଏନେଇ ଅଭିଯୋଗ ହେବା ପରେ ଖୋଳତାଡ ଆରମ୍ଭ କରିଛି ପୁଲିସ୍ ଓ କଟକ ମହାନଗର ନିଗମ ଖାଦ୍ୟ ସୁରକ୍ଷା ବିଭାଗ। ଜଗତପୁର ନୂଆ ଶିଳ୍ପାଞ୍ଚଳରେ 'ବାଲ୍‌ଗୋପାଲ' ନାଁରେ ତିଆରି ହେଉଥିଲା ନକଲି ଘିଅ। ବନସ୍ପତିକୁ ଗରମ କରାଯାଇ ସେଥିରେ ଗୁଆ ଘିଅର ସେଣ୍ଟ ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶା ଯାଉଥିଲା। ତା'ପରେ ଡବାରେ ପ୍ୟାକିଂ କରାଯାଇ ମାର୍କେଟକୁ ଛଡ଼ା ଯାଉଥିଲା। ଆଉ ଖାଣ୍ଟି ଗୁଆ ଘିଆ ବୋଲି କୁହାଯାଉଥିଲା। ଯାହାକୁ ଅସଲି ଭାବି ଲୋକମାନେ ଖାଇବା ସହିତ ପୂଜାରେ ବ୍ୟବହାର କରୁଥିଲେ। ଦୀର୍ଘ ଦିନ ଧରି ଏହି କାରବାର ଚାଲୁଥିଲା। ନକଲି ଘିଅ ତିଆରି ନେଇ ଜଗତପୁର ଥାନା ପୁଲିସ୍ କୌଣସି ସୂତ୍ରରୁ ଖବର ପାଇଥିଲା। ତା'ପରେ ଏନେଇ ସିଏମ୍‌ସିର ଖାଦ୍ୟ ସୁରକ୍ଷା ବିଭାଗକୁ ଖବର ଦେଇଥିଲା। ପରେ ପୁଲିସ୍ ଓ ଖାଦ୍ୟ ସୁରକ୍ଷା ଟିମ୍ ମିଳିତ ଭାବେ ନକଲି ଘିଆ ଫ୍ୟାକ୍ଟ୍ରୀରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ବହୁ ପରିମାଣରେ ନକଲି ଘଅ ମହଜୁଦ୍ ଥିବା ଦେଖିବାକୁ ମିଳିଛି। ଏଥିସହ ଘିଅର ମାନ ଯାଞ୍ଚ ପାଇଁ ନମୂନା ସଂଗ୍ରହ କରାଯାଇଛି। ଏଥିସହ ନକଲି ଘିଅ କାରଖାନା ମାଲିକଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଛୁ।

## ଆହାର କେନ୍ଦ୍ରରେ ରାଜସ୍ୱ ମନ୍ତ୍ରୀ



**ସମ୍ବଲପୁର, ୩।୧୦(ସଂଚାର ବ୍ୟୁରୋ):** ଆହାର କେନ୍ଦ୍ରରେ ଖାଇବା ପାଇଁ ଧାଡ଼ିରେ ଛିଡ଼ା ହୋଇ ଟୋକନ୍ କଲେ। ଟୋକନ୍ ନେଇ ଲୋକଙ୍କ ସହିତ ଖାଇଲେ। ଆଉ ସୁଖ ଓ ଦୁଃଖ ପଚାରି ବୁଝିଲେ। ସମାଧାନ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଥାଉନ୍‌ରେ ଦେଖିବାକୁ ମିଳିଛି ଏପରି ଚିତ୍ର। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ସମ୍ବଲପୁର ଗସ୍ତରେ ଯାଇ ମହିଳା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ଜେଲ୍ ରୋଡ୍‌ରେ ଥିବା ଆହାର କେନ୍ଦ୍ରକୁ ଯାଇଥିଲେ। ସାଥୀରେ ଥିଲେ ନିଜ_କର୍ମଚାରୀ। ଶ୍ରୀ ପୂଜାରୀ ଲୋକଙ୍କ ସହିତ ଧାଡ଼ିରେ ଛିଡ଼ା ହୋଇ ଟୋକନ୍ କାଟି ଥିଲେ। ସେ ନିଜ ପାଇଁ ଓ ନିଜ ସାଥୀମାନଙ୍କ ପାଇଁ ଟୋକନ କାଟିଥିଲେ। ପରେ ଟୋକନ୍ ଧରି ଖାଦ୍ୟ ଖାଇବା ପାଇଁ ଛିଡା ହୋଇଥିଲେ। ତା'ପରେ ଭାତ ଥାଳି ଧରି ଡାଇନିଂ ଟେବୁଲ୍ ପାଖକୁ ଯାଇ ଖାଇଥିଲେ। ଭାତ ସାଙ୍ଗକୁ ଡାଲ୍‌ମା ଓ ଆଚାର ଖାଇବା ପାଇଁ ଦିଆଯାଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ଖାଇବା ବେଳେ ଲୋକଙ୍କ ସହିତ କଥା ହୋଇଥିଲେ। ଆହାର କେନ୍ଦ୍ରର ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ। ଆଲୋଚନା ବେଳେ କିଛି ଲୋକ ଅଭିଯୋଗ କରିଥିଲେ। ଯେଉଁଥିପାଇଁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଅଭିଯୋଗ ଅନୁସାରେ ଆହାର କେନ୍ଦ୍ରକୁ ମନ୍ତ୍ରୀ ଆସିବା ପୂର୍ବରୁ କେତେକ ଲୋକଙ୍କୁ ଟୋକନ୍ ନଥିବା କହି ଫେରାଇ ଦିଆଯାଇଥିଲା। ଯଦି ଟୋକନ ନଥିଲା, ତାହାହେଲେ ମୋତେ କେମିତି ମିଳିଲା ବୋଲି ପୂଜାରୀ ଅଭିଯୋଗ କରିଛନ୍ତି।

### ଯୋଗଦେଲେ ପିନାକ, ଝାମ୍ପିଲେ ଲୁଟେରା

# ଫୁଲତୋଡ଼ା ଦେବାବେଳେ ୩.୨୫ ଲକ୍ଷ ଗୋଳ



**ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ):** ନୂଆ ଡିସିପି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ୨୦୧୧ ବ୍ୟାଚ ଅଫିସର ପିନାକ ମିଶ୍ର। ମାଲକାନଗିରି ଏସ୍‌ଡିପିଓ ଭାବେ କାମ ଆରମ୍ଭ କରିଥିବା ପିନାକ ପୂର୍ବରୁ କନ୍ଧମାଳ, ସୁନ୍ଦରଗଡ, ବ୍ରହ୍ମପୁର ଏସପି ଭାବେ କାର୍ଯ୍ୟ କରିଥିଲେ। ୨୦୨୨ ମସିହାରେ ସେ କଟକ ଡିସିପି ଭାବେ କାର୍ଯ୍ୟ କରିଥିଲେ । ଚଳିତ ବର୍ଷ ଜାନୁଆରୀରେ ସେ ପୁରୀ ଏସପି ଭାବେ କାର୍ଯ୍ୟ କରିବା ପରେ ଏବେ ଡିସିପି ଭୁବନେଶ୍ୱର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେପଟେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଡିସିପି ଭୁବନେଶ୍ୱର ରେ ପୋଲିସିଂ ବ୍ୟବସ୍ଥାକୁ ସୁଧାର ଆଣିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି । ଆଗକୁ ଦଶହରା ଥିବାବେଳେ ସହରର ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଭିଭିଆଇପି ସୁରକ୍ଷା ଉପରେ ଅଧିକ ଫୋକସ ରହିବ ବୋଲି କହିଛନ୍ତି ଡିସିପି ପିନାକ ମିଶ୍ର।

ଗୋଟିଏ ପଟେ ଡିସିପି କାର୍ଯ୍ୟଭାର ନେଉଥିବା ବେଳେ ସମସ୍ତ ଆଇଆଇସି ଡିସିପି ଅଫିସରେ ଥିବା ବେଳେ ନିଳାଦ୍ରୀ ବିହାର ଅଞ୍ଚଳରୁ ଭାଇ ଭଉଣୀଙ୍କ ଠାରୁ ଲୁଟ ହୋଇଛି । ବ୍ୟାଙ୍କ ରୁ ଟଙ୍କା ଉଠାଇ ଫେରିବାବେଳେ ୩ ଲକ୍ଷ ୨୫ ହଜାର ଟଙ୍କା ଲୁଟିନେଇଛନ୍ତି ଦୁଇ ଲୁଟେରା। ଘର କାମ ପାଇଁ ବ୍ୟାଙ୍କ ରୁ ଟଙ୍କା ଉଠାଇ ଘରକୁ ଫେରୁଥିଲେ ସମ୍ପର୍କୀୟ ଭାଇ ଭଉଣୀ ପ୍ରତିମା ବେହେରା ଏବଂ ରାଜେନ୍ଦ୍ର ବିଶୋଇ। ଉଭୟ ନିଜ ବାଇକରେ ଆସି ଘର ସମ୍ମୁଖରେ ପହଞ୍ଚିଥିବା ବେଳେ ପଛରୁ ଦୁଇଜଣ ଲୁଟେରା ଏକ ପଲସର ଟୁ ଟ୍ୱେଣ୍ଟି ବାଇକରେ ଆସି ଯୁବତୀ ଜଣଙ୍କୁ କିଛି ବାଟ ଘୋସାଡି ନେଇଥିଲେ। ତାଙ୍କଠାରୁ ଟଙ୍କା ବ୍ୟାଗ ଛଡାଇ ନେଇଥିବା ବେଳେ ବ୍ୟାଗରେ ନଗଦ ଟଙ୍କା ସହ କିଛି ଜରୁରୀ କାଗଜ ପତ୍ର ରହିଥିବା ଅଭିଯୋଗ କରିଛନ୍ତି ଯୁବତୀ। ଘଟଣା ଘଟିବା ପରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ରାସ୍ତାରେ ଥିବା ସିସିଟିଭି ଯାଞ୍ଚ କରିଛି। ତେବେ ପୂର୍ବରୁ ଯୁବତୀ ଜଣଙ୍କର ଜଣେ ଲୋକଙ୍କ ସହ ଜମିବାଡ଼ି ସମସ୍ୟା ନେଇ ବିବାଦ ରହିଥିଲା। ସେହି ବ୍ୟକ୍ତି ଲୋକ ଲଗାଇ ଏଭଳି କରିଥିବା ଯୁବତୀ ଅଭିଯୋଗ କରିବା ପରେ ବଡ଼ ଦୋଛକିରେ ପଡିଛି କମିଶନରେଟ ପୋଲିସ । ବଡ଼କଥା ହେଉଛି ଆଇଆଇସି ଡିସିପିଙ୍କୁ ଫୁଲତୋଡା ଦେବା ପାଇଁ ଅପେକ୍ଷା କରିଥିବା ବେଳେ ସେପଟେ ରାଜଧାନୀରୁ ଲୁଟ ଘଟଣା ସଭିଙ୍କୁ ଚକ୍ତିତ କରିଛି। ସେପଟେ ତୁରନ୍ତ ଅଭିଯୁକ୍ତଙ୍କୁ ଧରି ଘଟଣା ଲୋକଲୋଚନକୁ ଆଣିବାକୁ ଚନ୍ଦ୍ରଶେଖରପୁର ଆଇଆଇସି ପ୍ରକାଶ ମାଝୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିସିପି ପିନାକ ମିଶ୍ର।



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର